ବର୍ଷ-୨୬, ସଂଖ୍ୟା-୧୩୩
ଭୁବନେଶ୍ୱର
୧୭, ମଇ, ୨୦୨୬,ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 133
Bubaneswar
17, May, 2026,Sunday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

## ନେଦରଲ୍ୟାଣ୍ଡରେ ମୋଦୀଙ୍କୁ ଭବ୍ୟ ସ୍ୱାଗତ



ନୂଆଦିଲ୍ଲୀ,୧୬।୫ (ମହାଭାରତ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ଦିନ ୟୁରୋପୀୟ ଦେଶ ନେଦରଲ୍ୟାଣ୍ଡରେ ପହଂଚିଛନ୍ତି। ସେଠାରେ ପହଂଚିବା ପରେ ପ୍ରବାସୀ ଭାରତୀୟମାନେ ତାଙ୍କୁ ଭବ୍ୟ ସ୍ୱାଗତ କରିଥିଲେ। ଶନିବାର ଦିନ ପ୍ରଧାନମନ୍ତ୍ରୀ ଏହି ଭବ୍ୟ ସ୍ୱାଗତ ସମାରୋହର କିଛି ଝଲକ୍ ସେୟାର କରିଥିଲେ। 'ଗତକାଲି ନେଦରଲ୍ୟାଣ୍ଡରେ ପହଂଚିବା ପରେ ଭାରତୀୟ ସମ୍ପ୍ରଦାୟ ଦ୍ୱାରା ହୃଦୟସ୍ପର୍ଶୀ ସ୍ୱାଗତ ପ୍ରକୃତରେ ସ୍ୱତନ୍ତ୍ର ଥିଲା', ବୋଲି ପ୍ରଧାନମନ୍ତ୍ରୀ ମୋଦୀ ଏକ୍ସ ରେ କହିଛନ୍ତି । ପ୍ରଧାନମନ୍ତ୍ରୀ ସୋସିଆଲ ମିଡିଆ ପ୍ଲାଟଫର୍ମରେ ସ୍ୱାଗତ ସମାରୋହର କିଛି ସ୍ୱତନ୍ତ୍ର ଝଲକ୍ ଏବଂ ଫଟୋ ମଧ୍ୟ ସେୟାର କରିଛନ୍ତି। ନେଦରଲ୍ୟାଣ୍ଡରେ ଭାରତୀୟ ସମୁଦାୟ ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରିବା ପାଇଁ ଏକ ଭବ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଏହି ଉତ୍ସବ ଭାରତର ବିବିଧତା ଏବଂ ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ଏକ ଅନନ୍ୟ ଝଲକ୍ ପ୍ରଦାନ କରିଥିଲା। ଏହି ସ୍ୱାଗତ ସମାରୋହରେ ପ୍ରବାସୀ ଭାରତୀୟଙ୍କ ଦ୍ୱାରା ଦେଶର ବିଭିନ୍ନ ସ୍ଥାନରୁ ପାରମ୍ପରିକ ନୃତ୍ୟ ଶୈଳୀର ପ୍ରଦର୍ଶନ କରାଯାଇଥିଲା। ଏଥିରେ କଥକ, ଓଡ଼ିଶୀ, ଭରତନାଟ୍ୟମ, କୁଚିପୁଡ଼ି ଏବଂ ମୋହିନୀଅଟ୍ଟମ ସମେତ ବିଭିନ୍ନ ନୃତ୍ୟ ଶୈଳୀର ପ୍ରଦର୍ଶନ ଅନ୍ତର୍ଭୁକ୍ତ ଥିଲା। ଏଥିରେ ଗରବା ନୃତ୍ୟ ପ୍ରଦର୍ଶନ ମଧ୍ୟ ସାମିଲ୍ ଥିଲା।

## ସୌମ୍ୟ ହତ୍ୟା ମାମଲାରେ ସିବିଆଇ ତଦନ୍ତ ଦାବି

ଭୁବନେଶ୍ୱର,୧୬।୫(ମହାଭାରତ): ବାଲିଅନ୍ତା ସୌମ୍ୟ ହତ୍ୟା ମାମଲା । ସିବିଆଇ ତଦନ୍ତ ଦାବି କରିଛନ୍ତି ସୌମ୍ୟଙ୍କ ବାପା । ସେ କ୍ରାଇମବ୍ରାଞ୍ଚ ତଦନ୍ତକୁ ନେଇ ଅସନ୍ତୁଷ୍ଟ ପ୍ରକାଶ କରିଛନ୍ତି । ମାମଲାରେ ସିବିଆଇ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି । ହତ୍ୟା ମାମଲାରେ ମାତ୍ର ୧୩ ଜଣ ଗିରଫକୁ ନେଇ ସେ ଆପତ୍ତି କରିଛନ୍ତି । ହତ୍ୟା ଘଟଣାରେ ପ୍ରାୟ ୪୦ଜଣଙ୍କ ସଂପୃକ୍ତି ଥିବା ସୌମ୍ୟଙ୍କ ବାପା କହିଛନ୍ତି । ସେମାନଙ୍କୁ ଆଜୀବନ ଜେଲ୍ କିମ୍ବା ଫାଶୀଦଣ୍ଡ ଦେବାକୁ ଦାବି କରିଛନ୍ତି।

## ବାଘ ଛାଲ ଜବତ, ୩ ଗିରଫ

ଗଞ୍ଜାମ,୧୬।୫(ମହାଭାରତ): ଗଂଜାମ ଅଂଚଳରେ ତିନି ଜଣ ବ୍ୟକ୍ତି କଲରାପତିଆ ବାଘ ଛାଲ ବିକିବାକୁ ଉଦ୍ୟମ କରୁଥିବାବେଳେ ଜରଡା ପୋଲିସ ହାତରେ ଧରାପଡ଼ି ଗିରଫ ହୋଇଛନ୍ତି। ସେମାନଙ୍କ ଠାରୁ ପୁଲିସ କଲରାପତିଆ ବାଘ ଛାଲ, ଦୁଇଟି ବୋମା ଓ ଗୋଟିଏ ଖଣ୍ଡା ଜବତ କରିଛି। ପୁଲିସ ଘଟଣା ସଂପର୍କରେ ଅଧିକ ତଦନ୍ତ କରୁଛି।



## ଟ୍ରାକ୍ଟର ଧକ୍କାରେ ଯୁବକ ମୃତ

ଭଦ୍ରକ,୧୬।୫(ମହାଭାରତ): ଭଦ୍ରକ-ଚାନ୍ଦବାଲି ମୁଖ୍ୟ ରାସ୍ତାରେ ଶନିବାର ଦିନ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ତେନ୍ତୁଳିଡ଼ିହ ପଂଚାୟତ ମୂଳକାଇମା ଗାଁର ପରେଶ ବିଶ୍ୱାଳ (୨୭)।ସୂଚନା ଅନୁସାରେ, ଶନିବାର ଦିବା ପ୍ରାୟ ୨ଟା ସମୟରେ ଚାନ୍ଦବାଲି ଇଣ୍ଡିଆନ ଅଇଲ ପେଟ୍ରୋଲ ପମ୍ପ ନିକଟରେ ଏକ ଟ୍ରାକ୍ଟର ଧକ୍କାରେ ପରେଶ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଚାନ୍ଦବାଲି ମେଡିକାଲକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।ଘଟଣାକୁ ନେଇ ପରିବାର ଲୋକ ଓ ଗ୍ରାମବାସୀଙ୍କ ମଧ୍ୟରେ ଉତେଜନା ପ୍ରକାଶ ପାଇଥିଲା।

### ଓଡ଼ିଶା ଖଣି ନିଗମର ୭୧ତମ ପ୍ରତିଷ୍ଠା ଦିବସରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

# ଆମ ପ୍ରଗତିର ଯାତ୍ରାକୁ ସୁଦୃଢ଼ କରିଛି ଓଏମ୍‌ସି

ଭୁବନେଶ୍ୱର,୧୬।୫(ମହାଭାରତ): ବର୍ତ୍ତମାନ ବିଶ୍ୱ ବଜାରରେ ଲୁହାପଥର, ବକ୍ସାଇଟ୍, କ୍ରୋମାଇଟ୍ ଭଳି କଂଚାମାଲ୍ ର ଚାହିଦା ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ଓଡିଶା ଖଣି ନିଗମ ଏହି ବର୍ଦ୍ଧିତ ଚାହିଦାକୁ ନିରନ୍ତର ଭାବେ ପୂରଣ କରିବା ସହିତ ରାଜ୍ୟର ଶିଳ୍ପାୟନ ଓ ଅର୍ଥନୈତିକ ବିକାଶ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ଓଡିଶା ଖଣି ନିଗମର ୭୧ତମ ପ୍ରତିଷ୍ଠା ଦିବସ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି। ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଂଟର ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୬୦ ଦଶକରେ ମାତ୍ର ୧ କୋଟି ଟଙ୍କାର ଆର୍ଥିକ କାରବାରରୁ ଯାତ୍ରା ଆରମ୍ଭ କରିଥିବା ଓଏମ୍ ?ସି ୨୦୨୫-୨୬ ଆର୍ଥିକ ବର୍ଷରେ ୨୫ ହଜାର କୋଟି ଟଙ୍କାର କାରବାର କରିଛି। ଏଥି ସହିତ ୪୫ ନିୟୁତ ଟନ ଖଣିଜ ଉତୋଳନ ଜରିଆରେ ସର୍ବକାଳୀନ ରେକର୍ଡ ସୃଷ୍ଟି କରି ଦେଶର ଏକ ଅଗ୍ରଣୀ ଖଣି ସଂସ୍ଥା ଭାବେ ପ୍ରତିଷ୍ଠା ହାସଲ କରିଛି। ଏବେ ସମୟ ଆସିଛି, ଓଡିଶା ଖଣି ନିଗମ ତାର କାର୍ଯ୍ୟ ପରିସରକୁ ଆହୁରି ବ୍ୟାପକ କରି, ଦେଶର ଅନ୍ୟାନ୍ୟ ରାଜ୍ୟରେ ଖଣି ଭିତିକ କାର୍ଯ୍ୟକଳାପ ଆରମ୍ଭ କରିବା ପାଇଁ। ଆହୁରି ମଧ୍ୟ ଓଡିଶା ଖଣି ନିଗମ ପାଖରେ ପ୍ରଚୁର କଞ୍ଚାମାଲ ଉପଲବ୍ଧ ଅଛି। ଖଣି ଭିତିକ କାର୍ଯ୍ୟକଳାପ ସହିତ ଶିଳ୍ପାୟନ ପ୍ରତି ଦୃଷ୍ଟିଦେବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।




ସେ ପୁଣି କହିଥିଲେ, ଦୀର୍ଘ ସାତ ଦଶନ୍ଧିରୁ ଅଧିକ ସମୟ ଧରି ଓଏମ୍‌ସି କେବଳ ଏକ ବ୍ୟବସାୟିକ ସଂସ୍ଥା ଭାବେ ନୁହେଁ, ବରଂ ଓଡିଶାର ଅର୍ଥନୈତିକ ବିକାଶର ଏକ ପ୍ରମୁଖ ସ୍ତମ୍ଭ ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛି। ନିଗମ ତାର ଲାଭାଂଶର ଏକ ସିଂହଭାଗ ରାଜ୍ୟ ସରକାରଙ୍କୁ ନିୟମିତ ଭାବେ ପ୍ରଦାନ କରିଆସୁଛି। ରାଜ୍ୟରେ ମୂଲ୍ୟବାନ୍ ଖଣିଜ ସମ୍ପଦକୁ ଦାୟିତ୍ୱପୂର୍ଣ୍ଣ ଭାବରେ ବ୍ୟବହାର କରି ଓଏମ୍‌ସି ଆଜି ରାଜ୍ୟ ଓ ଦେଶର ସମୃଦ୍ଧିରେ ଅତୁଳନୀୟ ଅବଦାନ ରଖୁଛି। କେନ୍ଦୁଝର ଜିଲ୍ଲାର ବାଙ୍ଗୁର କ୍ରୋମାଇଟ୍ ଖଣିରୁ ପ୍ଲାଟିନମ୍ ଗ୍ରୁପ୍ ଏଲିମେଣ୍ଟ ଉତୋଳନ କରିବାରେ ଓଏମ୍‌ସି ଏହାର ପାଇଲଟ୍ ପ୍ଲାଂଟର ସଫଳ ପରୀକ୍ଷଣ କରିଛି। ଏହାଦ୍ୱାରା ଓଡିଶାରେ କ୍ଲିନ୍ ଏନର୍ଜି, ଇଲୋକ୍ଟ୍ରୋନିକ୍ସ ଓ ଆଧୁନିକ ମୋଟର ଗାଡି ନିର୍ମାଣ ପାଇଁ ମୌଳିକ ଧାତୁ ଯୋଗାଇ ଦେବାରେ ଓଏମ୍‌ସି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ୨୦୩୬ ସମୃଦ୍ଧ ଓଡିଶା ପରିକଳ୍ପନାକୁ ସାକାର କରିବାରେ ଓଏମ୍‌ସିର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଥିଲେ।

ସେ ଆହୁରି କହିଥିଲେ, ପରିବେଶ ସୁରକ୍ଷା, ସୁରକ୍ଷିତ ଖଣି ପରିଚାଳନା ଏବଂ ଖଣି ଅଂଚଳର ସାମଗ୍ରିକ ବିକାଶ ଦିଗରେ ଓଏମ୍‌ସି ନିରନ୍ତର ଉଦ୍ୟମ ଜାରି ରଖିଛି। ସିଏସଆର୍ ପଦକ୍ଷେପ ମାଧ୍ୟମରେ ଖଣି ଅଞ୍ଚଳ ଗୁଡିକରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ମହିଳା ସଶକ୍ତିକରଣ, କ୍ରୀଡା, ଭିତିଭୂମି ବିକାଶ ଦିଗରେ ଅନେକ କାର୍ଯ୍ୟକ୍ରମ ଜରିଆରେ ସ୍ଥାନୀୟ ଅଂଚଳରେ ସକରାତ୍ମକ ପରିବର୍ତନ ଆଣିଛି। ମେସିନ୍ ସହିତ ସ୍ଥାନୀୟ ବାସିନ୍ଦାଙ୍କୁ ଖଣି କ୍ଷେତ୍ରରେ ଅଧିକ ନିୟୋଜିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିଗମକୁ ପରାମର୍ଶ ଦେଇଥିଲେ। ଏହାଦ୍ୱାରା ସ୍ଥାନୀୟ ବାସିନ୍ଦାଙ୍କର ଜୀବନ ଜୀବିକା ଆହୁରି ସୁଦୃଢ ହେବ ବୋଲି ସେ ମତ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କାଳିଆପାଣି ଠାରେ ନବନିର୍ମିତ ଓଡିଶା ମାଇନିଂ ଆଦର୍ଶ ବିଦ୍ୟାଳୟର ସ୍ଥାୟୀ କ୍ୟାମ୍ପସ, ଖଣି ଅଞ୍ଚଳ ବାସୀଙ୍କ ପାଇଁ ୮ଟି ଅତ୍ୟାଧୁନିବେସିକ୍ ଲାଇଫ୍ ସପୋର୍ଟ ଆମ୍ବୁଲାନ୍ସ, ସମନ୍ୱିତ ପରିଚାଳନା ଓ ଅନୁଧ୍ୟାନ କେନ୍ଦ୍ର ଏବଂ ଓ-ସ୍ୱାସ୍ଥ୍ୟ ନାମକ ଏକ ଡିଜିଟାଲ୍ ସ୍ୱାସ୍ଥ୍ୟ ପରିଚାଳନା ବ୍ୟବସ୍ଥାର ଶୁଭାରମ୍ଭ କରିଥିଲେ। ଏଥି ସହିତ ଶ୍ରେଷ୍ଠ ପ୍ରଦର୍ଶନକାରୀ ଖଣି ଓ ରିଜିଅନ୍ କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଡି.କେ ସିଂହ ଓଡିଶାରେ ଶିଳ୍ପ କ୍ଷେତ୍ରର ଅଭିବୃଦ୍ଧି ଦିଗରେ ଓଏମ୍‌ସିର ଅତୁଳନୀୟ ଯୋଗଦାନ ରହିଛି।

## 'କବିତା କୁସୁମାଞ୍ଜଳି ଧର୍ମେନ୍ଦ୍ରଙ୍କ ଦ୍ୱାରା ଲୋକାର୍ପିତ

ପୁରୀ,୧୬।୫(ମହାଭାରତ): ଓଡ଼ିଆ ସାହିତ୍ୟ, ସଂସ୍କୃତି ଓ ଅସ୍ମିତାର ପେଣ୍ଠସ୍ଥଳ ପବିତ୍ର ପୁରୀ ମାଟିରେ ଆଜି ପବିତ୍ର 'ସାବିତ୍ରୀ ଅମାବାସ୍ୟା' ତିଥିରେ ବିଶିଷ୍ଟ କବି ତଥା ସ୍ତମ୍ଭକାର କୃଷ୍ଣ ଜଗଦେବଙ୍କ ନୂତନ କବିତା ସଂକଳନ 'କବିତା କୁସୁମାଞ୍ଜଳି' ଆନୁଷ୍ଠାନିକ ଭାବେ ଲୋକାର୍ପିତ ହୋଇଯାଇଛି । ଏହି ସାରସ୍ୱତ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପୁସ୍ତକଟିକୁ ଉନ୍ମୋଚନ କରିବା ସହ କବି ଓ ପ୍ରକାଶକଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇଛନ୍ତି।

ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ, 'କବିତା କୁସୁମାଞ୍ଜଳି' କେବଳ କେତୋଟି ଶବ୍ଦର ସମାହାର ନୁହେଁ, ବରଂ ଏହା ଭକ୍ତି, ସମାଜ ଓ ରାଷ୍ଟ୍ରପ୍ରେମର ଏକ ଅପୂର୍ବ ନିଦର୍ଶନ । ଏହି କବିତା ସଂକଳନରେ ଭଗବତ ସମର୍ପଣ ସହ ସାମାଜିକ ସମ୍ବେଦନଶୀଳତାର ଏକ ଅପୂର୍ବ ସମନ୍ୱୟ ରହିଛି । କୃଷ୍ଣ ଭାଇ ହେଉଛନ୍ତି ଜଣେ ବହୁମୁଖୀ ପ୍ରତିଭା, ଯାହାଙ୍କ ଭିତରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ସଂସ୍କାର ଓ ପୁରୀ ମାଟିର ଚେତନା ଭରି ରହିଛି । ସେ ସଂଘ ପରିବାରର ଜଣେ ପ୍ରମୁଖ ପ୍ରଚାରକ ଓ ଭାରତୀୟ ଜନତା ପାର୍ଟିର ନିଷ୍ଠାପର କାର୍ଯ୍ୟକର୍ତା ଭାବେ ନିଜ ସୁଖ ଅପେକ୍ଷା ସାରା ଜୀବନ ସମାଜର କଲ୍ୟାଣ ପାଇଁ ତପସ୍ୟା କରିଛନ୍ତି । ତାଙ୍କ ଲେଖନୀରେ ସାରଗର୍ଭକ ସ୍ତମ୍ଭମାନ ରଚନା କରି ସେ ସମାଜକୁ ସଦାବେଳେ ପ୍ରଭାବିତ ଓ ଅନୁପ୍ରାଣିତ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ପୁସ୍ତକର ପ୍ରଥମ କବିତାକୁ ନେଇ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଏକ ଅଭୁଲା ସ୍ମୃତି ଚାରଣ କରି କହିଥିଲେ ଯେ, ଦେଶରେ ଜରୁରୀକାଳୀନ ପରିସ୍ଥିତି ସମୟରେ ଇତିହାସ ସଂକଳନ ପାଇଁ ସଂଘ




କାର୍ଯ୍ୟକର୍ତା ଭାବେ ମୋଦୀଜୀ ଓଡ଼ିଶା ଆସିଥିଲେ । ପୁରୀ ପଥୁରିଆ ସାହି କାର୍ଯ୍ୟାଳୟରେ ତାଲା ପଡ଼ିଥିବା ଯୋଗୁଁ ସେ କୃଷ୍ଣ ଭାଇଙ୍କ ସ୍କୁଟରରେ ବସି ତାଙ୍କ ଗାଁକୁ ଯାଇଥିଲେ । ପରବର୍ତୀ ସମୟରେ ପ୍ରଧାନମନ୍ତ୍ରୀ ହେବା ପରେ ମଧ୍ୟ ହେଲିକପ୍ଟରରୁ ଓହ୍ଲାଇବା କ୍ଷଣି ଲାଇନ୍ ଅପ୍ ରେ ଠିଆ ହୋଇଥିବା ନିଜର ସେହି ପୁରୁଣା ସହଯୋଗୀଙ୍କୁ 'ଆରେ କୃଷ୍ଣ ଜଗଦେବ ତୁମ୍ ଖଡ଼େ ହୋ!' କହି ଆଦର କରିବା ଏବଂ କୃଷ୍ଣ ଭାଇଙ୍କ ବିଷୟରେ ଆଲୋଚନା କରିବା ପ୍ରଧାନମନ୍ତ୍ରୀଙ୍କର ତାଙ୍କ ପ୍ରତି ଥିବା ସମ୍ମାନ ଓ ସହୃଦୟତାର ପ୍ରମାଣ ଦିଏ । କୃଷ୍ଣ ଭାଇ ନିଜ ନିଷ୍ଠା ବଳରେ ପ୍ରଧାନମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଅନେକ ସାମାଜିକ କାର୍ଯ୍ୟକର୍ତା ଗଢ଼ିଛନ୍ତି। ଚଳିତ ୨୦୨୬ ବର୍ଷର ସାଂସ୍କୃତିକ ମହତ୍ୱ ଉପରେ ଆଲୋକପାତ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ, ଆଜିକି ପ୍ରାୟ ୧୦୦୦ ବର୍ଷ ପୂର୍ବେ ଅର୍ଥାତ୍ ୧୦୨୬ରେ ଆକ୍ରାନ୍ତାମାନଙ୍କ ଦ୍ୱାରା ସୋମନାଥ ମନ୍ଦିର ଲୁଣ୍ଠନ ପରେ ଭାରତବର୍ଷ ଯେଉଁ ଆତ୍ମବିଶ୍ୱାସ ହରାଇଥିଲା, ଆଜି ସେହି ୧୦୦୦ ବର୍ଷ ପରେ ପ୍ରଭୁ ସୋମନାଥ ଓ ମହାପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦରେ ଦେଶରେ ସାଂସ୍କୃତିକ ଜାଗରଣର ଏକ ନୂତନ ଅଧ୍ୟାୟ ସୃଷ୍ଟି ହେଉଛି। ଏହି ଆଧାରରେ ଆମେ ଆଜି କେବଳ ଆମର ସାଂସ୍କୃତିକ ଗୌରବକୁ ଫେରାଇ ଆଣୁନାହୁଁ, ବରଂ ଏହି ଜାଗରଣ ହିଁ ଆମର ଆତ୍ମବିଶ୍ୱାସକୁ ଦ୍ୱିଗୁଣିତ କରିଛୁ, ଯାହା 'ବିକଶିତ ଓଡ଼ିଶା' ଓ 'ବିକଶିତ ଭାରତ' ଗଠନର ମୂଳଦୁଆ ସାଜିଛି। ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତି ଏବଂ ଓଡ଼ିଆ ଅସ୍ମିତା ଏହି ବିକାଶ ଯାତ୍ରାର ମୁଖ୍ୟ ସାରଥି ସାଜିବ।

## ଆଜି ଓଡିଶା ଆସିବେ ନୀତିନ ନବୀନ

ଭୁବନେଶ୍ୱର,୧୬।୫(ମହାଭାରତ): ରାଷ୍ଟ୍ରୀୟ ସଭାପତି ଭାବେ ଦାୟୀତ୍ୱ ଗ୍ରହଣ କରିବା ପରେ ପ୍ରଥମ ଥର ପାଇଁ ଆସନ୍ତା କାଲି (ରବିବାର)ଦୁଇ ଦିନିଆ ଓଡିଶା ଗସ୍ତରେ ଆସୁଛନ୍ତି ଶ୍ରୀ ନୀତିନ ନବୀନ । ରାଷ୍ଟ୍ରୀୟ ସଭାପତି ଶ୍ରୀ ନୀତିନ ନବୀନ ସାଧାରଣ ଯାତ୍ରୀବାହୀ ବିମାନରେ ଆସନ୍ତା କାଲି ଭୁବନେଶ୍ୱର ବିମାନ ବନ୍ଦରରେ ପହଂଚିବେ । ସାଂପ୍ରତିକ ବୈଶ୍ୱିକ ତୈଳସଂକଟ ଦୃଷ୍ଟିକୋଣରୁ ଏବଂ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ ନିରାଡମ୍ବର ଭାବେ ରାଷ୍ଟ୍ରୀୟ ସଭାପତିଙ୍କୁ ସ୍ୱାଗତ କରାଯିବ । ରାଜ୍ୟ ସଭାପତି, ମୁଖ୍ୟମନ୍ତ୍ରୀଙ୍କ ସମେତ ଶୀର୍ଷ ନେତୃବୃନ୍ଦ ରାଷ୍ଟ୍ରୀୟ ସଭାପତିଙ୍କୁ ବିମାନବନ୍ଦରରେ ସ୍ୱାଗତ ଜଣାଇବେ ବୋଲି ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟ ସୁଚନା ଦେଇଛନ୍ତି। ୧୮ ତାରିଖ ଦିନ ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ 'ରାଜ୍ୟ କୋର୍ କମିଟି' ବୈଠକରେ ରାଷ୍ଟ୍ରୀୟ ସଭାପତି ଶ୍ରୀ ନୀତିନ ନବୀନ ଯୋଗଦେବେ । ଏହା ପରେ ରାଷ୍ଟ୍ରୀୟ ସଭାପତି ଶ୍ରୀ ନୀତିନ ନବୀନ ଖୋର୍ଦ୍ଧା ଜିଲ୍ଲା ଜଟଣୀସ୍ଥିତ ଆଇଆଇଟି ନିକଟସ୍ଥ ଏସିଆନ ଇନଷ୍ଟିଚ୍ୟୁଟ ଅଫ ଫିଜିକାଲ ହେଲଥ ବିଶ୍ୱବିଦ୍ୟାଳୟ ପରିସରରେ ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ତରଫରୁ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ପଣ୍ଡିତ ଦୀନଦୟାଲ ପ୍ରଶିକ୍ଷଣ ମହାଅଭିଯାନ-୨୦୨୬ ଶିବିରର ଉଦ୍‌ଘାଟନ କରିବେ । ଏହା ପରେ ରାଷ୍ଟ୍ରୀୟ ସଭାପତି ଶ୍ରୀ ନୀତିନ ନବୀନ ପୁରୀ ଗସ୍ତ କରି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ କରି ମହାପ୍ରସାଦ ସେବନ କରିବେ ବୋଲି ଶ୍ରୀ ରାୟ ସୁଚନା ଦେଇଛନ୍ତି। ରାଷ୍ଟ୍ରୀୟ ସଭାପତି ଶ୍ରୀ ନୀତିନ ନବୀନ ଭୁବନେଶ୍ୱର ପ୍ରତ୍ୟାବର୍ତନ କରି ଅପରାହ୍ନରେ ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ରାଜ୍ୟ ପଦାଧିକାରୀ, ମୋର୍ଚ୍ଚା ସଭାପତି ବୈଠକ ଏବଂ ମନ୍ତ୍ରୀପରିଷଦ ବୈଠକରେ ଯୋଗ ଦେଇ ସମସ୍ତଙ୍କ ସହ ଭେଟଘାଟ କରି ଚର୍ଚ୍ଚା ଓ ଆଲୋଚନା କରିବେ।



## ତେଲ ସଙ୍କଟ : ଗ୍ରାହକ ହନ୍ତସନ୍ତ

ଜୟପୁର,୧୬।୫(ମହାଭାରତ): ରାଜ୍ୟରେ ପେଟ୍ରୋଲ ଓ ଡିଜେଲ ସଙ୍କଟ କ୍ରମଶଃ ବଢୁଥିବାରୁ ଅନେକ ପେଟ୍ରୋଲ ପମ୍ପ ଅଧା ଦିନ ଖୋଲା ଓ ଅଧା ଦିନ ବନ୍ଦ ରଖିବାରେ ବାଧ୍ୟ ହୋଇଛନ୍ତି। ଏହା ଫଳରେ ସାଧାରଣ ଜନତା ଓ ଯାନବାହନ ଚାଳକମାନେ ଉପଲବ୍ଧ ତେଲକୁ ସମାନ ଭାବେ ବଂଟନ କରିବା ପାଇଁ ଏହି ପଦକ୍ଷେପ ନେଉଛନ୍ତି।'ସକାଳୁ ୮ଟାରୁ ଦୁପହର ୨ଟା ପର୍ଯ୍ୟନ୍ତ ଖୋଲୁଛୁ। ତା'ପରେ ତେଲ ଶେଷ ହୋଇଯାଉଛି। ଗ୍ରାହକଙ୍କ ରାଗ ଓ ଅସନ୍ତୋଷ ଦେଖି ମନ ଖରାପ ହୋଇଯାଉଛି,' ବୋଲି ଭୁବନେଶ୍ୱର



ଚରମ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାଜ୍ୟର ବିଭିନ୍ନ ଜିଲ୍ଲାରେ ଥିବା ପେଟ୍ରୋଲ ପମ୍ପରେ ସକାଳୁ ଲମ୍ବା ଧାଡ଼ି ଲାଗୁଥିବା ବେଳେ ଦ୍ୱିପ୍ରହର ପରେ ଅଧିକାଂଶ ପମ୍ପ ତାଲା ପଡ଼ିଯାଉଛି। କେତେକ ପମ୍ପ ମାଲିକ କହିଛନ୍ତି ଯେ, କମ୍ପାନୀ ପକ୍ଷରୁ ଯୋଗାଣ କମ୍ ହେବାରୁ ସେମାନେ ନିକଟବର୍ତୀ ଏକ ପେଟ୍ରୋଲ ପମ୍ପ ମାଲିକ କହିଛନ୍ତି। ରାଜଧାନୀ ସହ କଟକ, ରାଉରକେଲା, ବ୍ରହ୍ମପୁର, ସମ୍ବଲପୁର ସମେତ ଅନେକ ସହରରେ ଏହି ସଙ୍କଟ ଦେଖାଦେଇଛି। ଲୋକେ ସକାଳୁ ସକାଳୁ ପମ୍ପ ଆଗରେ ଧାଡ଼ି ଲଗାଇ ମାତ୍ର ୨୦୦-୩୦୦ ଟଙ୍କାର ତେଲ ନେଇ ଫେରୁଛନ୍ତି। କେହି କେହି ତେଲ ନ ପାଇ ଖାଲି ହାତରେ ଫେରିଯାଉଛନ୍ତି।ପରିବହନ ମନ୍ତ୍ରୀଙ୍କୁ ପ୍ରଶ୍ନଏହି ପରିସ୍ଥିତି ନେଇ ବିରୋଧୀ ଦଳ ସରକାରକୁ ତୀବ୍ର ଆକ୍ରମଣ କରିଛି। ସେମାନେ କହିଛନ୍ତି ଯେ, ରାଜ୍ୟ ସରକାର ତେଲ ଯୋଗାଣ ସଠିକ ଭାବେ ପରିଚାଳନା କରିପାରୁ ନାହିଁ। ପରିବହନ ମନ୍ତ୍ରୀ ଏହି ସଙ୍କଟ ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରାଯାଇଛି ।ତେଲ କମ୍ପାନୀ ଅଧିକାରୀମାନେ କହିଛନ୍ତି ଯେ, ରାଜ୍ୟରେ ଚାହିଦା ଅନୁଯାୟୀ ଯୋଗାଣ କରାଯାଉଛି ଓ କୌଣସି ଅଭାବ ନାହିଁ। ହେଲେ ବାସ୍ତବ ପରିସ୍ଥିତି ଏହାର ବିପରୀତ ଦେଖାଯାଉଛି ।ଜନତାର ଅସୁବିଧାଅଫିସ୍ ଯାତାୟାତ କରୁଥିବା କର୍ମଚାରୀ, ବ୍ୟବସାୟୀ ଓ ଛାତ୍ରଛାତ୍ରୀଙ୍କୁ ଏହି ସଙ୍କଟରେ ସବୁଠୁ ଅଧିକ ଅସୁବିଧା ହେଉଛି। କେହି କେହି ଅଧିକ ମୂଲ୍ୟରେ କଳାବଜାରୀ ତେଲ କିଣି ବାଧ୍ୟ ହେଉଛନ୍ତି। ପ୍ରଶାସନ ପକ୍ଷରୁ ଶୀଘ୍ର ଏହି ସଙ୍କଟ ଦୂର କରିବାକୁ ଦାବି ଉଠିଛି।

## ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଖର୍ଚ୍ଚକାଟ ପରାମର୍ଶବଳୀ

ଭୁବନେଶ୍ୱର,୧୬।୫(ମହାଭାରତ): ବର୍ତମାନର ବିଶ୍ୱ ଆର୍ଥିକ ଅନିଶ୍ଚିତତା ଏବଂ ପ୍ରଚଳିତ ଆନ୍ତର୍ଜାତୀୟ ପରିସ୍ଥିତିକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସରକାରୀ ଯାନବାହାନର ସଚେତନ ଏବଂ ସଂଯମୀ ବ୍ୟବହାର ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ଆଦେଶ ଜାରି କରାଯାଇଛି।

ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ଅନୁସରଣ କରି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କ ନିର୍ଦ୍ଦେଶକ୍ରମେ ସମ୍ବଳ, ବିଶେଷକରି ଇନ୍ଧନ ଏବଂ ଶକ୍ତିର ସୁଚିନ୍ତିତ ଓ ପୋଷଣୀୟ ପରିଚାଳନା ପାଇଁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି।

ଅନାବଶ୍ୟକ ଇନ୍ଧନ ଖର୍ଚ୍ଚ କାଟ୍ କରିବା ଏବଂ ପ୍ରଶାସନିକ ଦକ୍ଷତା ବୃଦ୍ଧି ପାଇଁ ବିଭାଗ ପକ୍ଷରୁ ଜାରି ମାର୍ଗଦର୍ଶିକା କୁହାଯାଇଛି ଯେ ସରକାରୀ ଗାଡ଼ିର ସହଭାଗୀ ବ୍ୟବହାର ବିଭାଗର ଯେଉଁ ଅଧିକାରୀମାନେ ସରକାରୀ କାର୍ଯ୍ୟ ପାଇଁ ଯାନବାହାନ ବ୍ୟବହାର କରୁଛନ୍ତି, ସେମାନଙ୍କୁ ବିଶେଷ କରି ବିଭିନ୍ନ ବୈଠକ, ସରକାରୀ ପରିଦର୍ଶନ, ଯାଂଚ ଏବଂ ଅନ୍ୟାନ୍ୟ କାର୍ଯ୍ୟ ସମୟରେ "ଭେହିକିଲ ପୁଲିଂ" ବା "ରାଇଡ୍ ସେୟାରିଂ" କରିବାକୁ ପରାମର୍ଶ ଓ ଉତ୍ସାହିତ କରାଯାଇଛି।



ଏହାଦ୍ୱାରା ଅନାବଶ୍ୟକ ଇନ୍ଧନ ବ୍ୟୟ ହ୍ରାସ ପାଇବା ସହ ଜାତୀୟ ଶକ୍ତି ସଂରକ୍ଷଣରେ ବଡ଼ ସହାୟତା ମିଳିବ। ଏହି ପୁଲିଂ ବ୍ୟବସ୍ଥାର ସମନ୍ୱୟ ଦାୟିତ୍ୱ ବୈଠକ କିମ୍ବା କାର୍ଯ୍ୟକ୍ରମରେ ଯୋଗଦେଉଥିବା ବରିଷ୍ଠ ଅଧିକାରୀଙ୍କ ଉପରେ ନ୍ୟସ୍ତ ରହିବ। କାର୍ଯ୍ୟାଳୟ ସମୟ ମଧ୍ୟରେ ମଧ୍ୟାହ୍ନ ଭୋଜନ କିମ୍ବା କୌଣସି ଅଣ-ଅତ୍ୟାବଶ୍ୟକ ତଥା ପରିହାରଯୋଗ୍ୟ କ୍ଷୁଦ୍ର-ଦୂରତା ବ୍ୟକ୍ତିଗତ ସୁବିଧା ପାଇଁ ସରକାରୀ ଯାନବାହାନ ବ୍ୟବହାର ନ କରିବାକୁ ସମସ୍ତ ଅଧିକାରୀଙ୍କୁ ଅନୁରୋଧ କରାଯାଇଛି। ଅଳ୍ପ ଦୂରତା ସମୟରେ ଅଧିକାରୀମାନଙ୍କୁ ପଦଯାତ୍ରା ସହଭାଗୀ ପରିବହନ କିମ୍ବା ଅନ୍ୟାନ୍ୟ ପରିବେଶ ଅନୁକୂଳ ବିକଳ୍ପ ଆପଣାଇବାକୁ ଉତ୍ସାହିତ କରାଯାଉଛି।

ଏହି ଆଦେଶ କେବଳ ସଚିବାଳୟ ମଧ୍ୟରେ ସୀମିତ ନୁହେଁ। ବିଭାଗ ଅଧୀନରେ ଥିବା ସମସ୍ତ ସଂସ୍ଥା ଯେପରିକି ଇ.ଆଇ.ସି. (ପି.ଏଚ୍.), ନିର୍ଦ୍ଦେଶକ (ପୌର ପ୍ରଶାସନ), ଡି.ଟି.ପି., ଭାଲ୍ୟୁ ଏସନ ଅର୍ଗାନାଇଜେସନ, ସମସ୍ତ ପୌରସଂସ୍ଥା ସମସ୍ତ ଉନ୍ନୟନ କର୍ତୃପକ୍ଷ , ସୁଡା , ଓ.ଡବ୍ଲ୍ୟୁ.ଏସ୍.ଏସ୍.ବି. , ୟୁ.ଆଇ.ଡି.ଏଫ୍., ଓ.ଏସ୍.ଏଚ୍.ବି., କଟକ ସହରୀ ପରିବହନ ସଂସ୍ଥା, ବି.ଏମ୍.ଆରସି.ଏଲ୍., ୱାଟ୍‌କୋ ଓ.ୟୁ.ଏଚ୍.ଏମ୍., ଓ.ୟୁ.ଏ., ଓରିଏଟ ଏବଂ ଓରେରାକୁ ମଧ୍ୟ ଏହି ପରାମର୍ଶ ପୂର୍ଣ୍ଣ ନିଷ୍ଠାର ସହ ଅନୁପାଳନ କରିବାକୁ କୁହାଯାଇଛି। ଏହି ସମସ୍ତ ସଂସ୍ଥା ନିଜ ନିଜ କାର୍ଯ୍ୟାଳୟରେ ଇନ୍ଧନ ସଂରକ୍ଷଣ ଓ ସମ୍ବଳର ମିତବ୍ୟୟୀ ତଥା ସର୍ବୋତମ ବ୍ୟବହାର ପାଇଁ ସମାନ ପଦକ୍ଷେପ ଗ୍ରହଣ କରିବେ।

ଏହି ସାମୂହିକ ଓ ସଚେତନ ପ୍ରୟାସ ମାଧ୍ୟମରେ ଉଚ୍ଚ ପ୍ରଶାସନିକ ଶୃଙ୍ଖଳା ପ୍ରଦର୍ଶନ କରିବା ସହ ବର୍ତମାନର ବିଶ୍ୱ ଆର୍ଥିକ ଓ ଶକ୍ତି-ସମ୍ବନ୍ଧୀୟ ଆହ୍ୱାନଗୁଡ଼ିକର ସଫଳ ମୁକାବିଲାରେ ରାଷ୍ଟ୍ରକୁ ସହାୟତା କରିବା ପାଇଁ ଅତିରିକ୍ତ ମୁଖ୍ୟ ଶାସନ ସଚିବ , ଶ୍ରୀମତୀ ପାଢୀ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ସକ୍ରିୟ ସହଯୋଗ କାମନା କରିଛନ୍ତି।

## ଛୋଲେ ଟିକ୍କି ଚାଟ୍

ଆବଶ୍ୟକ ସାମଗ୍ରୀ: ଛୋଲ ୧କପ, ଗାଜର୧, ପିଆଜ୧, ଟମୋଟୋ୧, କଞ୍ଚାଲଙ୍କା୨, ତେଲ ୨ ବଡ ଚାମଚ, ଦହି୧କପ, ମିଠା ସୁଣ୍ଠି ୨ବଡ ଚାମଚା, ଧନିଆ ଚଟଣୀ ୨ବଡ ଚାମଚ, ଲୁଣ ସ୍ୱାଦ ଅନୁସାରେ ।

ପ୍ରସ୍ତୁତି ପ୍ରଣାଳୀ : ଛୋଲେକୁ ୩ରୁ୪ ଘଣ୍ଟା ପାଣିରେ ଭିଜାଇ ରଖନ୍ତୁ । ଏହାପରେ ଅଳ୍ପ ପାଣି ନେଇ ଗାଇଡିଂ କରିଦିଅନ୍ତୁ । ଗାଜର, ପିଆଜ, ଟମାଟୋ ଏବଂ କଞ୍ଚା ଲଙ୍କାକୁ ଛୋଲେ ପେଷ୍ଟରେ ମିଶାନ୍ତୁ । ଲୁଣ ପକାଇ ଭଲ ଭାବେ ମକ୍ସଚର କରି ଏହାକୁ ତାୱାରେ ଛୋଟ ଛୋଟ ଟିକ୍କା ଭଳିନ୍ନାନ୍ତୁ । ଏହା ଭଲ ଭାବେ ଭାଜି ହୋଇଗଲେ ପରେ କାଢି ଦିଅନ୍ତୁ। ଏବେ ଆପଣଙ୍କର ପ୍ରସ୍ତୁତ ହୋଇଯାଇଛି ଛୋଲେ ଟିକ୍କା । ଆପଣ ଏହାକୁ ଦହି କିମ୍ବା ଚଟଣୀ ସହିତ ପରଷନ୍ତୁ ।



..... ଖବର .....

# ଦୀପିକା ଓ ଆଲିଆଙ୍କୁ ପଛରେ ପକାଇଲେ ଉର୍ବଶୀ



କାନ୍ସ ଫିଲ୍ମ ଫେଷ୍ଟିଭାଲ୍ କିଛି ବର୍ଷ ମଧ୍ୟରେ ଦୁନିଆର ସବୁଠାରୁ ବଡ଼ ଫ୍ୟାଶନ ଇଭେଣ୍ଟରେ ସାମିଲ ହୋଇସାରିଛି । ଯେଉଁଠାରେ ପ୍ରତିବର୍ଷ ଇଣ୍ଟରନ୍ୟାସନାଲ ସେଲିବ୍ରିଟିମାନେ ନିଜର ଚମତ୍କାର ଏବଂ ମହଙ୍ଗା ଲୁକରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥାଆନ୍ତି । ଡିଜାଇନର୍ ଗାଉନ୍, ବିଳାସପୂର୍ଣ୍ଣ ଅଳଙ୍କାର ଏବଂ ରେଡ୍ କାର୍ପେଟରେ ଅନ୍ୟାନ୍ୟ ଷ୍ଟାଇଲ୍ ଆଲୋଚନାର ବିଷୟ ପାଲଟିଛି । ଦୀପିକା ପାଦୁକୋନ୍ ଏବଂ ଆଲିଆ ଭଟ୍ଟଙ୍କ ପରି ଅନେକ ବଲିଉଡ୍ ଅଭିନେତ୍ରୀ ମଧ୍ୟ କାନ୍ସରେ ସେମାନଙ୍କର ଫ୍ୟାଶନ୍ ସେନ୍ସ ପାଇଁ ଦୃଷ୍ଟି ଆକର୍ଷଣ କରିବାରେ ସଫଳ ହୋଇଛନ୍ତି ।ଉର୍ବଶୀ ରାଉତେଲା ୨୦୨୫ ମସିହାରେ କାନ୍ସ ଫିଲ୍ମ ଫେଷ୍ଟିଭାଲରେ ତାଙ୍କର ୧୩୦୦ କୋଟିର ରେଡ କାର୍ପେଟ ଲୁକ୍ ସହିତ ଇତିହାସ ରଚିଥିଲେ । ସେ ପ୍ରସିଦ୍ଧ ଫ୍ୟାଶନ୍ ଡିଜାଇନର୍ ମାଇକେଲ୍ ସିଙ୍କୋଙ୍କ ଦ୍ୱାରା ଡିଜାଇନ୍ କରାଯାଇଥିବା ଏକ ସୁନ୍ଦର ଗାଉନ୍ ପିନ୍ଧିଥିଲେ। ଏହି ଲୁକ୍କୁ ଆହୁରି ଭଲ କରିବା ପାଇଁ ଉର୍ବଶୀ ଏକ ଅନନ୍ୟ ପାରା ଆକୃତିର କ୍ଲଚ୍ ଏବଂ ଦୁନିଆର ସବୁଠାରୁ ଦୁର୍ଲଭ ହୀରାରୁ ତିଆରି ଅଳଙ୍କାର ପିନ୍ଧିଥିଲେ । ଯେଉଁଥି ପାଇଁ ୧୩୦୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା । ଯାହା ହଲିଉଡ୍ ଏବଂ ବଲିଉଡ୍ ପ୍ରୋଜେକ୍ଟଗୁଡ଼ିକର ବଜେଟ୍ ଅପେକ୍ଷା ଅଧିକ ଥିଲା ।ଚଳିତ ବର୍ଷ ମଧ୍ୟ ଉର୍ବଶୀ କାନ୍ସ ଫିଲ୍ମ ଫେଷ୍ଟିଭାଲରେ ତାଙ୍କ ଷ୍ଟାଇଲ ସହିତ ସମସ୍ତଙ୍କ ନଜରକୁ ଆସିଥିଲେ। ୭୯ତମ କାନ୍ସ ଫିଲ୍ମ ଫେଷ୍ଟିଭାଲର ଓପନିଂରେ ସେ ଭିଏତନାମୀ। ଡିଜାଇନର୍ ଲେବଲ୍ ଜୋଲିପୋଲି କାଉଚର ଦ୍ୱାରା ଡିଜାଇନ୍ କରାଯାଇଥିବା ଏକ ସୁନ୍ଦର ଗାଉନ୍ ପିନ୍ଧିଥିଲେ।

## ପଖାଳର ଔଷଧୀୟ ଗୁଣ

ପଖାଳ ପିତ୍ତ ନାଶକ । ଘଇଁ ପଖାଳ ଖାଇ ତା ତୋରାଣି ମୁନ୍ଦେ ପିଇଦେଲେ କୋଷ୍ଠ କାଠିନ୍ୟ, ଅଗ୍ନୀମାନ୍ଦ୍ୟ, ଅଜୀର୍ଣ୍ଣ ଓ ପେଟବ୍ୟଥା ଆଦି ନିବାରିତ ହୋଇଥାଏ । ବାଧିକି ଥିବା ଲୋକର ପଥ୍ୟ ଭାବେ ଏହା ବ୍ୟବହାର କରା ଯାଇଥାଏ । ହାଣ୍ଡି କାଞ୍ଜିଦ୍ୱାରା ପେଟ ଥଣ୍ଡା ରହେ। ପିତ୍ତ ରୋଗ ବିସୂଚିକା, ଅତିସାର ଇତ୍ୟାଦିରେ ପଖାଳ ତୋରାଣି ଅତ୍ୟନ୍ତ ପ୍ରଶମନକାରୀ ଓ ଉପକାରୀ ଅଟେ । ମୂତ୍ରକୃଚ୍ଛ ରେ ପଖାଳ ଉପକାରୀ ଅଟେ। କଫ ପ୍ରଧାନ ରୋଗରେ ବାସି ପଖାଳ ଦେବା ଉଚିତ ନୁହେଁ । ପିତ୍ତ ଆଉ ବାତ ରୋଗଗୁଡ଼ିକରେ ସ୍ଥାନ ବିଶେଷରେ ପଖାଳ ଦିଆଯାଇ ପାରିବ। ଆସାମ କୃଷି ବିଶ୍ୱବିଦ୍ୟାଳୟର ମଧୁମିତା ବରୁଆ ଓ ଗୁଣଜିତ ଗୋସ୍ୱାମୀଙ୍କ ଦ୍ୱାରା କରାଯାଇଥିବା ଏକ ଗବେଷଣା ଅନୁସାରେ ୧୦୦ଗ୍ରାମ ଭାତରେ



ମାତ୍ର ୩.୪ମିଲି ଗ୍ରାମ ଲୌହ ରହିଥାଏ। କିନ୍ତୁ ୧୨ଘଣ୍ଟା ପଖାଳ ହେଲା ପରେ ଲୌହ ପରିମାଣ ୭୩.୯୧ମିଲି ଗ୍ରାମକୁ ବଢ଼ି ଯାଇଥାଏ । ସେହିପରି ସୋଡ଼ିଅମ ୪୭୫ ମିଲି ଗ୍ରାମରୁ କମି ୩୦୩ମିଲି ଗ୍ରାମ, ପୋଟାସିଅମ ୮୩୯ମିଲି ଗ୍ରାମ ଓ କ୍ୟାଲ୍ସିଅମ ୨୧ମିଲି ଗ୍ରାମରୁ ବଢ଼ି ୮୫୦ମିଲି ଗ୍ରାମ ହୋଇ ଯାଇଥାଏ। ସାଧା ଭାତରେ ଥିବା ଫାଇଟିକ ଏସିଡ଼୍ ଓ ଓଲିଗୋସାକାରାଇଡ଼ସ୍ ଯୋଗୁ ଏହାକୁ ହଜମ କରିବାରେ ଅସୁବିଧା ହୋଇଥାଏ କିନ୍ତୁ ପଖାଳ ହେବା ପରେ ଏ ଅସୁବିଧା ଦୂର ହୋଇ, ହଜମ କ୍ରିୟା ସହଜ ହୋଇଥାଏ।

## ଜୀବନ-ମନ୍ତ୍ର: ମା' ଶାରଳା

ଅନ୍ୟାନ୍ୟ ଦେବୀପୀଠ ପରି ଝଙ୍କଡ଼ର ମା' ଶାରଳାଙ୍କ ପୀଠରେ ମଧ୍ୟ ଶାରଦୀୟ ଦୁର୍ଗାପୂଜା ବିଧିମତେ ଅନୁଷ୍ଠିତ ହୁଏ ।ଏହା 'ଶାରଦୀୟ ମହାପୂଜା' ଭାବରେ କଥିତ ହୋଇଥାଏ। ଏ ସଂପର୍କରେ ଉଲ୍ଲେଖ ଅଛି, ଆଶ୍ୱିନ ମାସ ଶୁକ୍ଳପକ୍ଷ ଅଷ୍ଟମୀ ପରିଯନ୍ତେ / ଉଛବ ବିଧାନ କରିବ ଅର୍ଚ୍ଚନା କରି ନିତ୍ୟେୟ କିଂବଦନ୍ତି ଅଛି, ଯେ ପ□ଦଶ ଶତାବ୍ଦୀର ଓଡ଼ିଆ ଆଦିକବି ସାରଳା ଦାସ, କନ୍ୟାମାସ ଶୁକ୍ଳପକ୍ଷ ଦଶମୀ ଅର୍ଥା ଦଶହରା ରାତିରେ ଏହି ଦେବୀଙ୍କର କୃପାଲାଭ କରିଥିଲେ। 'ଶ୍ରୀଚଣ୍ଡୀପୁରାଣ'ର ଏକ ଉଲ୍ଲେଖ ଏ ପ୍ରସଙ୍ଗରେ ବିଶେଷ ଗୁରୁତ୍ୱପୂର୍ଣ୍ଣ। ସେଥିରେ ଉଲ୍ଲେଖ ଅଛି, ଅହୋ କନ୍ୟାମାସ ଶୁକ୍ଳ ପକ୍ଷ ଦଶମୀ ଅପରାଜିତେ / ରାତ୍ରେଣ ସ୍ୱୀ ଏକ ଭେଟିଲା ଆସି ମୋତେ। / ତୁଳସୀ ମାଳା ଗୋଟିଏ ମୋହର ହୃଦେ ଦେଇ / ଯେ ଶାସ୍ତ୍ରକଥା ମୋତେଣ ବସି କହି। ଏହି ଶାରଳା ଦେବୀ 'ସାରୋଳ ଚଣ୍ଡୀ' ଓ 'ସାରଦା (ଶାରଦା) ଠାକୁରାଣୀ' ନାମରେ ମଧ୍ୟ କଥିତ ହୁଅନ୍ତି। ସାରୋଳ ଚଣ୍ଡୀ ଶାକ୍ତତନ୍ତ୍ର ବିଧିରେ ମାହେଶ୍ୱରୀ ଶିବା ଭାବେ ଉପାସିତା ହେଉଥିବା ବେଳେ, ସାରଦା ବା ଶାରଦା ଠାକୁରାଣୀ ବୈଷ୍ଣବୀ ବାକ୍ଦବୀ ବା ସରସ୍ୱତୀ ଭାବରେ ଉପାସିତା ହୁଅନ୍ତି। ତାଙ୍କ କୃପାରେ ସାରଳା (ବା ସାରୋଳ) ଦାସ କବି ହେବା ତାଙ୍କର ଶାରଦାତ୍ୱ ପ୍ରତିପାଦିତ କରିଥାଏ ।ସାରୋଳ ଚଣ୍ଡୀ ଶାକ୍ତତନ୍ତ୍ର ବିଧିରେ ମାହେଶ୍ୱରୀ ଶିବା ଭାବେ ଉପାସିତା ହେଉଥିବା ବେଳେ, ସାରଦା ବା ଶାରଦା ଠାକୁରାଣୀ ବୈଷ୍ଣବୀ



ବାକେ୍ଦବୀ ବା ସରସ୍ୱତୀ ଭାବରେ ଉପାସିତା ହୁଅନ୍ତି ।ଏହି ଦେବୀଙ୍କର ବିଗ୍ରହ ଏକ ନାତିଦୀର୍ଘ ଅଷ୍ଟଭୁଜା ସିଂହବାହିନୀ ମହିଷମର୍ଦ୍ଦିନୀ ବିଗ୍ରହ। ଏକ ଆୟତାକାର ମସୃଣ ଶିଳା ଉପରେ ଏହା ଖୋଦିତ। ଏଠାରେ ମହିଷାସୁରର ମସ୍ତକ ଦୈତ୍ୟର ଏବଂ ଶରୀର ଦାନବର। ଦେବୀଙ୍କର ଦକ୍ଷିଣପାଦ ସିଂହ ଉପରେ ରହିଛି। ସେ ଦୈତ୍ୟର ମସ୍ତକକୁ ଗୋଟିଏ ହସ୍ତରେ ଚିପି ଧରି ଅନ୍ୟ ହସ୍ତର ତ୍ରିଶୂଳରେ ଦୈତ୍ୟର ବକ୍ଷଭେଦ କରୁଛନ୍ତି। ତାଙ୍କର ଚକ୍ଷୁ ଅର୍ଦ୍ଧନିମୀଳିତ ଓ ଶ୍ରୀମୁଖ ସୌମ୍ୟ। ଦେବୀ ନିମ୍ନ ଦୁଇହସ୍ତରେ ବୀଣା ଓ ପୁସ୍ତକ ଧାରଣ କରିଛନ୍ତି। ଏଣୁ ପାରମ୍ପରିକ ଭାବରେ ଶାରଳା ଉତ୍କଳର ବାଗ୍ଦେବୀ ଭାବରେ ସ୍ୱୀକୃତ ହୋଇ ଆସିଛନ୍ତି। କବିବର ରାଧାନାଥ ରାୟ ତାଙ୍କ 'ମହାଯାତ୍ରା' କାବ୍ୟର ଆରମ୍ଭରେ ମଧ୍ୟ ତାଙ୍କୁ 'ପଙ୍କଜବାସିନୀ ଦେବୀ ଉତ୍କଳ ଭାରତୀ' ବୋଲି କହିଛନ୍ତି।

# ବିଳମ୍ବିତ ରାତିରେ ଖାଉଛନ୍ତି କି ? ହୋଇଯାଆନ୍ତୁ ସାବଧାନ



ଅନେକ ଲୋକେ ନିଜର ବ୍ୟସ୍ତ ଜୀବନଶୈଳୀ ଯୋଗୁଁ ରାତିରେ ଶୀଘ୍ର ଖାଇ ପାରନ୍ତି ନାହିଁ। ସେମାନଙ୍କୁ ବିଳମ୍ବିତ ରାତିରେ ଖାଦ୍ୟ ଖାଇବାକୁ ପଡିଥାଏ। ତେବେ ଡେରିରେ ରାତ୍ରୀ ଭୋଜନ କରିବା ଶରୀର ଓଜନ ବୃଦ୍ଧି କରିବା ସହିତ ହୃଦୟ ପାଇଁ ମଧ୍ୟ ବିପଦ ଡାକି ଆଣିପାରେ। ବିଳମ୍ବିତ ରାତିରେ ଖାଦ୍ୟ ଖାଇବା ଦ୍ୱାରା ସ୍ୱାସ୍ଥ୍ୟ ଉପରେ ବିଭିନ୍ନ ଖରାପ ପ୍ରଭାବ ପଡିଥାଏ। ଲେଟ୍ ନାଇଟ୍ ଭୋଜନ କଲେ କ'ଣ ସବୁ ସମସ୍ୟା ଉପୁଜେ ଆସନ୍ତୁ ଜାଣିବା। ବିଳମ୍ବିତ ରାତିରେ ଭୋଜନ କରିବା ଦ୍ୱାରା ଓଜନ କମିବା ବଦଳରେ ବିବାକୁ ଲାଗିବ। ଓଜନ ବୃଦ୍ଧି ହେବା ଫଳରେ ସ୍ୱାସ୍ଥ୍ୟ ଜନିତ ଅନେକ ସମସ୍ୟା ମଧ୍ୟ ସୃଷ୍ଟି କରିପାରେ। ସେଥିପାଇଁ ରାତ୍ରୀ ଭୋଜନ ସବୁବେଳେ



ଠିକ୍ ସମୟରେ ଖାଇବା ଉଚିତ ଯଦି ଆପଣ ଓଜନ ହ୍ରାସ କରିବାକୁ ଚାହୁଁଛନ୍ତି, ତେବେ ଠିକ୍ ସମୟରେ ରାତ୍ରୀ ଭୋଜନ ଆରମ୍ଭ କରନ୍ତୁ। ବିଳମ୍ବିତ ରାତିରେ ଖାଇବା ଆପଣଙ୍କ ମସ୍ତିଷ୍କ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ସାଂଘାତିକ ହୋଇପାରେ। ଅନେକ ଗବେଷଣା ଅନୁଯାୟୀ, ବିଳମ୍ବିତ ରାତିରେ ଖାଦ୍ୟ ଖାଇବା ଦ୍ୱାରା ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପଡିପାରେ। ଏହା ଆପଣଙ୍କ ଏକାଗ୍ରତା ଏବଂ ସ୍ମରଣ ଶକ୍ତି କ୍ଷମତାକୁ ପ୍ରଭାବିତ କରିଥାଏ। ଏଥିପାଇଁ ଡାକ୍ତରମାନେ ରାତି ୭ଟାରୁ ୯ଟା ଭିତରେ ଖାଇବା ପାଇଁ ପରାମର୍ଶ ଦେଇଥା'ନ୍ତି। ଯଦି ଆପଣଙ୍କ ଲେଟ୍ ନାଇଟରେ ଖାଇବା ପରେ ତୁରନ୍ତ ଶୋଇବା ଅଭ୍ୟାସ ଅଛି ତେବେ ସାବଧାନ ହୋଇ ଯାଆନ୍ତୁ। ଏପରି କରିବା ଦ୍ୱାରା ଛାତିରେ ଯନ୍ତ୍ରଣା, ଅମ୍ଳପିତ ଏବଂ ପେଟ ଜନିତ ସମସ୍ୟା ଆଦି ଦେଖା ଦେଇପାରେ। ରାତିରେ ଜଙ୍କ ଫୁଡ୍ ଖାଇବା ଠାରୁ ଦୂରେଇ ରହିବା ଉଚିତ ଲେଟ୍ ନାଇଟରେ ଜଙ୍କ ଫୁଡ୍ ଖାଇବା ଦ୍ୱାରା ମେଦବହୁଳତା ସମସ୍ୟା ସୃଷ୍ଟି ହୋଇପାରେ। ଏଥିପାଇଁ ଆପଣ ନିଜ ଦୈନନ୍ଦିନ ରାତ୍ରି ଭୋଜନରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରିବା ଉଚିତ। ଏଥିସହ ଆପଣ ଚାହିଁଲେ ଖାଇବା ପରେ ବାଦାମ କିମ୍ବା ଆପଲ ମଧ୍ୟ ଖାଇପାରିବେ।

# ମଣିଷ ଭଳି ଆଚରଣ ଜରୁରୀ

ଋଗବେଦ୍‌ରେ ଏକ ମନ୍ତ୍ର ରହିଛି- ମନୁର୍ଭବ ଅର୍ଥାତ୍ ମନୁଷ୍ୟ ହୁଅ । ବୈଦିକ ବିଦ୍ୱାନ ବେଦମୂର୍ତ୍ତି ପଣ୍ଡିତ ସାତ୍‌ବଲେକର୍ ଏକ ସଭାରେ ଏହି ମନ୍ତ୍ର ଦୋହରାଇଥିଲେ । ଏହି ସମୟରେ ତାଙ୍କୁ ଜଣେ ସଜ୍ଜନ ପଚାରିଲେ, ସଭାରେ ଉପସ୍ଥିତ ସମସ୍ତ



ଶ୍ରୋତା କ'ଣ ମନୁଷ୍ୟ ନୁହନ୍ତି ? ପଣ୍ଡିତଜୀ କହିଲେ, ସମସ୍ତ ଜୀବଙ୍କର କିଛି ନା କିଛି ଲକ୍ଷଣ ରହିଛି । ଯଦି ମାନବତା ନାହିଁ, ତା'ହେଲେ କେହି କିପରି ମନୁଷ୍ୟ ହୋଇପାରିବ ? ଲକ୍ଷଣ ବା ଆଚରଣ ଆଧାରରେ ହିଁ ସୁର ଏବଂ ଅସୁର ମଧ୍ୟରେ ପ୍ରଭେଦ ଜାଣି ହୋଇଥାଏ ।

ସ୍ୱାମୀ ବିବେକାନନ୍ଦ ଆମେରିକା ଯାଇଥିଲେ । ଭୋଗ-ବିଳାସରେ ଆକଣ୍ଠ ବୁଡ଼ି ରହିଥିବା ସେଠାକାର ଲୋକମାନଙ୍କ ସାର୍ବଜନୀନ ସ୍ଥଳରେ ମର୍ଯ୍ୟାଦାହୀନ ଭାବେ ଖୋଲା ପ୍ରଦର୍ଶନ ଦେଖି ସେ ହତପ୍ରଭ ହୋଇ ଉଠିଥିଲେ । ଆମେରିକାରେ ଉଦ୍‌ବୋଧନ ଦେବା ସମୟରେ ଋଗ୍‌ବେଦର 'ମନୁର୍ଭବ' ମନ୍ତ୍ରର ଉଚ୍ଚାରଣ କରି ବିବେକାନନ୍ଦ କହିଲେ, କେବଳ ମାନବ ଭାବେ ଜନ୍ମ ନେଲେ କେହି ମାନବ ହୋଇପାରିବ ନାହିଁ । ଭାରତୀୟ ସଂସ୍କୃତି 'ଧର୍ମେଣ ହୀନଃ ପଶୁଭି ସମାନଃ'ର ବାର୍ତ୍ତା ଦେଇଥାଏ । କେତେକ ନିର୍ଦ୍ଦିଷ୍ଟ ନିୟମ ପାଳନ କରୁଥିବା ଲୋକକୁ ହିଁ ମାନବ କୁହାଯାଇପାରିବ । ଏହାର ଉଦାହରଣ ଦେଇ ବିବେକାନନ୍ଦ କହିଥିଲେ, ମାନବ ହୃଦୟରେ ସର୍ବଦା ଦୟା, କରୁଣା ରହିବା ଆବଶ୍ୟକ । ମାନବ ସଂଯମୀ ହେବା ଉଚିତ୍ । ଯିଏ ନିଜର ଧର୍ମ ଅର୍ଥାତ୍ କର୍ତ୍ତବ୍ୟ ପାଳନ କରିନଥାଏ, ତା'କୁ ମାନବ କୁହାଯାଇ ପାରିବ ନାହିଁ । ସ୍ୱାମୀ ରାମତୀର୍ଥ ମଧ୍ୟ କହିଥିଲେ, ଗୁଣ ଏବଂ କର୍ମ ଆଧାରରେ ହିଁ ମନୁଷ୍ୟକୁ ଏହି ଲୋକରେ ମାନବ ଅଥବା ଦାନବର ସଞ୍ଜ୍ଞା ମିଳିଥାଏ । ସେଥିପାଇଁ କାହାରିକୁ ଦୁଷ୍କର୍ମ କରୁଥିବା ଦେଖିଲେ ଆପେ ଆପେ ପାଟିରୁ ବାହାରି ଆସିଥାଏ, ଇଏତ' ପଶୁ ଠାରୁ ମଧ୍ୟ ବଳିଯାଇଛି ।

# ବିଶ୍ୱ ଦକ୍ଷତା କେନ୍ଦ୍ରରେ ଶିଳ୍ପ ମନ୍ତ୍ରୀଙ୍କ ସମୀକ୍ଷା

**ଭୁବନେଶ୍ୱର, ୧୬।୫ (ମହାଭାରତ):** ବିଶ୍ୱ ଦକ୍ଷତା କେନ୍ଦ୍ର ଓଡ଼ିଶାରେ ଉନ୍ନତମାନର ଦକ୍ଷତା ବିକାଶ ପାଇଁ ଦୃଢ଼ ଭିତିପ୍ରସ୍ତର ସ୍ଥାପନ କରିଛି। ଏବେ ଏହାର ଭିତିଭୂମିର ସମ୍ପୂର୍ଣ୍ଣ ବିନିଯୋଗ, ଶିଳ୍ପ ସହଭାଗିତାକୁ ସୁଦୃଢ଼ କରି ଏବଂ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରି ଏହାର ପରିସରକୁ ଆହୁରି ବ୍ୟାପକ କରିବାକୁ ହେବ। ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ରର ଅଗ୍ରଗତି ଏବଂ ଭବିଷ୍ୟତ କାର୍ଯ୍ୟପନ୍ଥା ସଂପର୍କରେ ସମୀକ୍ଷା କରି ଏହା କହିଛନ୍ତି ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ। ଏହାସହ ଓଡ଼ିଶାର ଯୁବପିଢ଼ିଙ୍କୁ କେବଳ ଘରୋଇ ନିଯୁକ୍ତି ପାଇଁ ନୁହେଁ, ବରଂ 'ୱାର୍ଲ୍ଡ ସ୍କିଲ୍ସ' ଭଳି ବିଶ୍ୱସ୍ତରୀୟ ମଂଚ ପାଇଁ ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରହିଥିବା ସେ କହିଛନ୍ତି।



ରାଜ୍ୟରେ ଦକ୍ଷତା ବିକାଶ କ୍ଷେତ୍ରରେ ବିଶ୍ୱ ଦକ୍ଷତା କେନ୍ଦ୍ର ଏକ ପ୍ରମୁଖ ଅନୁଷ୍ଠାନ। ପ୍ରତିଷ୍ଠା ପରଠାରୁ ଏହା ୯,୦୦୦ ରୁ ଅଧିକ ଯୁବକ ଯୁବତୀଙ୍କୁ ପ୍ରଶିକ୍ଷଣ ଦେଇସାରିଛି। ଏହି କେନ୍ଦ୍ର ୯୯% ରୁ ଅଧିକ ନିଯୁକ୍ତି ହାର ହାସଲ କରିଛି। ଏଠାରୁ ପ୍ରଶିକ୍ଷଣ ପାଇଥିବା ପିଲାଙ୍କ ମଧ୍ୟରୁ ୨୫୧ ଜଣ ଟାଟା ଗ୍ରୁପ୍, ହିଟାଚି ଓ ୱିପ୍ରୋ ଭଳି ନାମୀଦାମୀ କମ୍ପାନୀରେ ବିଦେଶରେ ଚାକିରି ପାଇଛନ୍ତି। ଏହାସହ କେନ୍ଦ୍ର ପକ୍ଷରୁ 'ପ୍ରଶିକ୍ଷକଙ୍କ ତାଲିମ' କାର୍ଯ୍ୟକ୍ରମ ଜରିଆରେ ୪,୦୦୦ରୁ ଅଧିକ ଅଧ୍ୟାପକଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଏଥିସହ ଆଡଭାନ୍ସଡ୍ ୱେଲ୍ଡିଂ, ଇଣ୍ଡଷ୍ଟ୍ରିଆଲ୍ ଅଟୋମେସନ୍ ଏବଂ ସ୍ମାର୍ଟ ମାନୁଫ୍ୟାକଚରିଂ ଭଳି ଅତ୍ୟାଧୁନିକ ବିଷୟରେ ଏଠାରେ ଉତ୍କର୍ଷ କେନ୍ଦ୍ରମାନ ସ୍ଥାପନ କରାଯାଇଛି।

ମନ୍ତ୍ରୀ ବିଶ୍ୱ ଦକ୍ଷତା କେନ୍ଦ୍ରର ଅଗ୍ରଗତିକୁ ପ୍ରଶଂସା କରିବା ସହ ଏହାର ପରିସର ବୃଦ୍ଧି ନେଇ ଭବିଷ୍ୟତ କାର୍ଯ୍ୟପନ୍ଥା ସଂପର୍କରେ ଆଲୋଚନା କରିଛନ୍ତି। ଭିତିଭୂମିର ସଠିକ୍ ଉପଯୋଗ ଉପରେ ଗୁରୁତ୍ୱ ଦେଇ ସେ ଅଧିକ ସଂଖ୍ୟକ ଛାତ୍ରଛାତ୍ରୀଙ୍କୁ ସାମିଲ କରିବା, ଶିଳ୍ପ-ଭିତିକ ସ୍ୱଳ୍ପକାଳୀନ ପାଠ୍ୟକ୍ରମର ସମ୍ପ୍ରସାରଣ ଏବଂ ଅଣ୍ଡର-ୱାଟର ଓ ପାଇପ୍ ୱେଲଡିଂ ଭଳି ସ୍ୱତନ୍ତ୍ର ଦକ୍ଷତା କ୍ଷେତ୍ରଗୁଡ଼ିକ ଆରମ୍ଭ କରିବା ଉପରେ ଜୋର ଦେଇଛନ୍ତି। ଏହାସହ ସରକାରୀ ଅନୁଷ୍ଠାନ, ବେସରକାରୀ ଆଇଟିଆଇ ଏବଂ ପଲିଟେକନିକଗୁଡ଼ିକ ମଧ୍ୟରେ ଅଧିକ ସମନ୍ୱୟ ରକ୍ଷା କରିବାକୁ ମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ବୈଠକରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର କମିଶନର-ତଥା-ସଚିବ ଭୂପେନ୍ଦ୍ର ସିଂ ପୁନିଆ, ବିଶ୍ୱ ଦକ୍ଷତା କେନ୍ଦ୍ରର ସିଇଓ ଶ୍ରୀଯୁକ୍ତ ରଶ୍ମି ରଞ୍ଜନ ମହାପାତ୍ର, ସିଓଓ ପିନାକୀ ପଟ୍ଟନାୟକ, ଅଧ୍ୟକ୍ଷ ଡକ୍ଟର ଶୁଭାଙ୍ଗ କିଶୋର ଦାସ ଏବଂ ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ।

# କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କଲା ଯୁବ କଂଗ୍ରେସ

**ଭୁବନେଶ୍ୱର, ୧୬।୫ (ମହାଭାରତ):** ନିଟ ପରୀକ୍ଷା ୨୦୨୬ ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ କେନ୍ଦ୍ର ସରକାରଙ୍କ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି ଜଣାଇଛି ରାଜ୍ୟ ଯୁବ କଂଗ୍ରେସ। ରାଜ୍ୟ ଯୁବ କଂଗ୍ରେସ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସୁଦିପ ସାମଲ ଜଣାଇଛନ୍ତି ଯେ ଏ ସରକାର ଛାତ୍ରଛାତ୍ରୀ ମାନଙ୍କର ଭବିଷ୍ୟତ ସହ ଖେଳିବାକୁ ଯାଇ ପ୍ରଶ୍ନପତ୍ର ଚୋରି କରି ଦେଶରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛନ୍ତି। କଂଗ୍ରେସକୁ ଦୁର୍ନୀତି ଖୋର କହି ଆସୁଥିବା ଏହି ସରକାର ଏବେ ପ୍ରମାଣିତ କରିଛି ଯେ ଭାରତ ବର୍ଷରେ ଭାରତୀୟ ଜନତା ପାର୍ଟି ସରକାର ହେଉଛି ଦେଶର ସର୍ବାଧିକ ଦୁର୍ନୀତି ଖୋର ସରକାର ବୋଲି। ନିଟ ୟୁଜି ୨୦୨୬ ପରୀକ୍ଷା ଆୟୋଜନ ପୂର୍ବରୁ ପ୍ରଶ୍ନପତ୍ର ଯେଉଁଭଳି ଭାବରେ ପ୍ରଘଟ ହେଲା ଏହା ଏକ ଚିନ୍ତଜନାକ ବିଷୟ। ପାଖାପାଖି ସାରା ଦେଶରେ ୨୨ ଲକ୍ଷ ଛାତ୍ରଛାତ୍ରୀ ପ୍ରଶ୍ନପତ୍ର ପ୍ରଘଟ ହେବା କାରଣରୁ ପ୍ରଭାବିତ ହୋଇଛନ୍ତି। ଯେଉଁ ମେଧାବୀ ଛାତ୍ରଛାତ୍ରୀ ମାନେ ଦିନରାତି ଅକ୍ଲାନ୍ତ ପରିଶ୍ରମ କରି ନିଟ ପରୀକ୍ଷାରେ ଉର୍ତ୍ତୀର୍ଣ୍ଣ ହେବାପାଇଁ ସ୍ୱପ୍ନ ଦେଖିଥିଲେ କେନ୍ଦ୍ର ସରକାର ସେମାନଙ୍କ ସ୍ୱପ୍ନକୁ ଧୂଳିସାତ କରିଦେଲେ। ବିଦ୍ୟାର୍ଥୀ ମାନଙ୍କର ଅଭିଭାବକ ମାନେ ଯେଉଁଭଳି କଷ୍ଟକରି ସେମାନଙ୍କର




ଝାଳ ଅର୍ଜିତ ଧନରେ ତାଙ୍କୁ ଉଚ୍ଚଶିକ୍ଷିତ କରିବାପାଇଁ ଯେଉଁ ସ୍ୱପ୍ନ ଦେଖିଥିଲେ ତାଙ୍କ ସ୍ୱପ୍ନ ସ୍ୱପ୍ନରେ ରହିଗଲା। ଏହା କଣ ଥିଲା ମୋଦିଙ୍କର ଆଛେଦିନ! ଓଡ଼ିଆ ଅସ୍ମିତା କଥା କହୁଥିବା ଓଡ଼ିଶାର ସ୍ୱାଭିମାନ କଥା କହୁଥିବା ଏବଂ ଗଣମାଧ୍ୟମରେ ସବୁବେଳେ ପାଇଁ ବାହ ବାହା ନେଉଥିବା କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କର ଅପାରଗତା ଆଜି ଧରାପଡ଼ିଯାଇଛି। ଯଦି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓଡ଼ିଆ ଅସ୍ମିତା ଏବଂ ଓଡ଼ିଆ ସ୍ୱାଭିମାନ କଥା କହୁଛନ୍ତି ତାହାଲେ ପ୍ରଶ୍ନପତ୍ର ପ୍ରଘଟ ଘଟଣାର ଉଚିତ ତଦନ୍ତ ହେବାପାଇଁ ତୁରନ୍ତ ମନ୍ତ୍ରୀ ପଦରୁ ଇସ୍ତଫା ଦିଅନ୍ତୁ ନଚେତ ଦେଶବାସୀ ଏବଂ ଓଡ଼ିଶା ବାସୀ ତାଙ୍କୁ କେବେବି କ୍ଷମାଦେବେ ନାହିଁ। ଯଦି କେନ୍ଦ୍ର ଶିକ୍ଷାମନ୍ତ୍ରୀ ନୈତିକତା ଦୃଷ୍ଟିରୁ ଇସ୍ତଫା ନ ଦିଅନ୍ତି ଛାତ୍ରଛାତ୍ରୀ ଏବଂ ଅଭିଭାବକ ମାନଙ୍କର ଭାବାବେଗକୁ ଦୃଷ୍ଟିରେ ରଖି ଯୁବ କଂଗ୍ରେସ ପକ୍ଷରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ସମେତ କେନ୍ଦ୍ରକୁ ଆସୁଥିବା ମନ୍ତ୍ରୀମାନଙ୍କୁ ଓଡ଼ିଶାରେ ଜୋରଦାର ବିରୋଧ କରାଯିବ।

# ୨୮ରୁ ଏବିଭିପିର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ବୈଠକ

**ଭୁବନେଶ୍ୱର, ୧୬।୫ (ମହାଭାରତ):** ଦୀର୍ଘ ୨୨ ବର୍ଷର ବ୍ୟବଧାନ ପରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ବୈଠକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ଭୂମି ତଥା ମନ୍ଦିରମାଳିନୀ ସହର ଆୟୋଜିତ ହେବାକୁ ଯାଉଛି । ଭୁବନେଶ୍ୱର ସ୍ଥିତ ସ୍ଥାନୀୟ ଶିକ୍ଷା ଓ ଅନୁସନ୍ଧାନ (ସସୋଆ) ବିଦ୍ୟାଳୟ ପରିସରରେ ଆସନ୍ତା ମେ ୨୮ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ଏହି ବୈଠକ ଅନୁଷ୍ଠିତ ହେବ । ଏହି ଚାରିଦିନିଆ କାର୍ଯ୍ୟକ୍ରମରେ ଦେଶର ୪୭ଟି ସାଙ୍ଗଠନିକ ପ୍ରାନ୍ତ ସମେତ ମିତ୍ର ରାଷ୍ଟ୍ର ନେପାଳ ଓ ଭୁଟାନରୁ ୭୦୦ରୁ ଅଧିକ ଛାତ୍ର ନେତା , ଶିକ୍ଷାବିତ୍ ଏବଂ ପ୍ରତିନିଧି ମାନେ ଯୋଗଦେଇ ଶିକ୍ଷା ଓ ସମାଜର ବିଭିନ୍ନ ପ୍ରସଙ୍ଗରେ

ଆଲୋଚନା କରିବେ । ବିଦ୍ୟାର୍ଥୀ ପରିଷଦର ପ୍ରଦେଶ ସଚିବ ଦିପ୍ତୀମୟୀ ପ୍ରତିହାରୀ, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ବିଶ୍ୱଜିତ ପାତ୍ର, ପରିଷଦର ମହାନଗର ସଚିବ ରାଜକୁମାର ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ । ସେମାନେ କହିଥିଲେ ଯେ, ଏହି ବୈଠକର ଏକ ମୁଖ୍ୟ ଆକର୍ଷଣ ଭାବେ ମେ ୨୮ ତାରିଖରେ ବିଶ୍ୱବିଦ୍ୟାଳୟ ଅଡିଟୋରିଅମଠାରେ ଏକ ଭବ୍ୟ ନାଗରିକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏହି ସମାବେଶରେ ବିଦ୍ୟାର୍ଥୀ ପରିଷଦର ପ୍ରାୟ ୧୫୦୦ରୁ ଅଧିକ ପୁରାତନ କାର୍ଯ୍ୟକର୍ତା, ଶୁଭେଚ୍ଛୁ ଏବଂ ସମାଜର ବିଭିନ୍ନ କ୍ଷେତ୍ରର ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି। ସାରା ଭାରତରୁ ଆସୁଥିବା ଅତିଥି ମାନଙ୍କର ସ୍ୱାଗତ ପାଇଁ ଭୁବନେଶ୍ୱରର କାର୍ଯ୍ୟକର୍ତା ଓ ସ୍ଥାନୀୟ ଜନସାଧାରଣ ବ୍ୟାପକ ପ୍ରସ୍ତୁତି ଚଳାଇଥିବା ନେଇ ସଙ୍ଗଠନ ପକ୍ଷରୁ ସୂଚନା ଦିଆଯାଇଛି।

ବୈଠକ ଅବସରରେ ଦେଶର ବର୍ତ୍ତମାନର ଶିକ୍ଷା ସ୍ଥିତି ଏବଂ ସାମ୍ପ୍ରତିକ ସାମାଜିକ ପରିସ୍ଥିତି ଉପରେ ବିସ୍ତୃତ ଭାବେ ଚର୍ଚ୍ଚା କରା ଯାଇ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ପାରିତ ହେବ । ଏହି ପାରିତ ପ୍ରସ୍ତାବ ଗୁଡ଼ିକୁ ଆଧାର କରି ଆଗାମୀ ବର୍ଷ ତମାମ ଦେଶର ବିଭିନ୍ନ ଭାଗରେ ଶିକ୍ଷା ସମସ୍ୟା ଓ ସାମାଜିକ ଉନ୍ନତି ପାଇଁ ବିଭିନ୍ନ ଆନ୍ଦୋଳନ ଓ ଗଠନମୂଳକ କାର୍ଯ୍ୟକ୍ରମ ସଙ୍ଗଠିତ କରାଯିବ। ଏହା ସହିତ ଏହି ଅଧିବେଶନ ମାଧ୍ୟମରେ ଛାତ୍ର ସମାଜକୁ ଦେଶ ଗଠନ ପ୍ରକ୍ରିୟାରେ ସକ୍ରିୟ ଭାବେ ସାମିଲ କରିବା ପାଇଁ ଏକ ନିର୍ଦ୍ଦିଷ୍ଟ ଦିଶା ନିର୍ଦ୍ଧାରଣ କରାଯିବ।

ସାଂସ୍କୃତିକ ଦୃଷ୍ଟିକୋଣରୁ ମଧ୍ୟ ଏହି ବୈଠକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହେବ, କାରଣ ଏଠାରେ ଓଡ଼ିଆ ସଂସ୍କୃତି ଓ ପରମ୍ପରାକୁ ନେଇ ଏ ପ୍ରଦର୍ଶନୀ ଆୟୋଜିତ ହେବ । ଏହି ପ୍ରଦର୍ଶନୀ ମାଧ୍ୟମରେ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିରବା ପ୍ରତିନିଧିମାନେ 'କ୍ଷୁଦ୍ର ଭାରତ'ର ସ୍ୱରୂପ ଦର୍ଶ ହିତ ଓଡ଼ିଶାର ଗୌରବମୟ ଐତିହ୍ୟ ବିଷୟରେ ଅବଗତ ହେବେ।

# ଉତ୍କଳିକାର ୬୮ତମ ପ୍ରତିଷ୍ଠା ଦିବସ ପାଳିତ

**ଭୁବନେଶ୍ୱର, ୧୬।୫ (ମହାଭାରତ):** ହସ୍ତଶିଳ୍ପ ଓ ହସ୍ତତନ୍ତ ଆମ ଉତ୍କର୍ଷ କଳାର ଉଜ୍ଜ୍ୱଳ ସ୍ୱାକ୍ଷର । ଏହି ପାରମ୍ପରିକ କଳାର ସରଂକ୍ଷଣ ସହ ହଜାର ହଜାର କାରିଗରଙ୍କୁ ଜୀବିକା ଯୋଗାଇବାରେ ଉତ୍କଳିକା ପ୍ରମୁଖ ଭୂମିକା ଗ୍ରହଣ କରିଛି ବୋଲି ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦିପ ବଳ ସାମନ୍ତ ମତ ପ୍ରକାଶ କରିଛନ୍ତି । ସ୍ଥାନୀୟ ଉତ୍କଳିକାର ମୁଖ୍ୟ କାର୍ଯ୍ୟାଳୟଠାରେ ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ (ଉତ୍କଳିକା)ର ୬୮ ତମ ପ୍ରତିଷ୍ଠା ଦିବସ ସମାରୋହରେ ଯୋଗ ଦେଇ ସେ କହିଛନ୍ତି, ମହିଳା ସଶକ୍ତୀକରଣ ଓ ଗ୍ରାମୀଣ ଅର୍ଥନୀତିକୁ ସଶକ୍ତ କରିବାରେ ଏହି କ୍ଷେତ୍ର ଗୁରୁ ଦାୟିତ୍ୱ ବହନ କରିଛି । ଉତ୍କଳିକାର ଆଧୁନିକ ବ୍ୟବସାୟିକ କାର୍ଯ୍ୟପଦ୍ଧତିକୁ ଅଧିକ ସୁଦୃଢ ଓ କାର୍ଯ୍ୟକ୍ଷମ କରିବା ନିମନ୍ତେ ମନ୍ତ୍ରୀ ଶ୍ରୀ ବଳ ସାମନ୍ତ ଇଆରପି (ଏଂଟରପ୍ରାଇଜ୍ ରିସୋର୍ସ ପ୍ଲାନିଙ୍ଗ) ବ୍ୟବସ୍ଥାର ଶୁଭାରମ୍ଭ କରିବା ସହିତ ଏହାର ସୂଚନା ପୁସ୍ତକ ଉନ୍ମୋଚନ କରିଛନ୍ତି । ଏହି ବ୍ୟବସ୍ଥା ମାଧ୍ୟମରେ ଉତ୍କଳିକାର କାର୍ଯ୍ୟପ୍ରଣାଳୀରେ ସ୍ୱଚ୍ଛତା, କାର୍ଯ୍ୟଦକ୍ଷତା ଓ ଡିଜିଟାଲ ସୁବିଧାର ବୃଦ୍ଧି ସହିତ ସେବା ପ୍ରଦାନ ପ୍ରକ୍ରିୟା ଅଧିକ ସଂଗଠିତ ହେବ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି।



ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ ବିଭାଗର କମିଶନର-ତଥା-ଶାସନ ସଚିବ ଗୁହା ପୁନମ ତାପସ କୁମାର ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ କହିଥିଲେ, ୬୮ ବର୍ଷର ଯାତ୍ରାରେ ଉତ୍କଳିକା ବିଶ୍ୱାସଯୋଗ୍ୟ ପ୍ରତିଷ୍ଠାନ ଭାବେ ପ୍ରତିଷ୍ଠିତ ହୋଇପାରିଛି । ୨୦୨୫–୨୬ ଆର୍ଥିକ ବର୍ଷରେ ଉତ୍କଳିକା ୫୧.୫୩ କୋଟିର ବ୍ୟବସାୟ କରିଥିବାବେଳେ ୨୦୨୬–୨୭ ପାଇଁ ୭୫ କୋଟିର ଲକ୍ଷ୍ୟ ରଖିଛି। ଏହି ଲକ୍ଷ୍ୟ ପୂରଣ ପାଇଁ ନୂତନ ବିପଣନ କେନ୍ଦ୍ର ଖୋଲିବା, ଅନଲାଇନ ବିକ୍ରୟ ବ୍ୟବସ୍ଥାର ସୁଦୃଢୀକରଣ, ନୂଆ ଡିଜାଇନ୍ କୁ ଗୁରୁତ୍ୱ ଉପରେ ପ୍ରଦାନ କରାଯାଉଛି ।

ନିର୍ଦ୍ଧାରିତ ଲକ୍ଷ୍ୟଠାରୁ ଅଧିକ ବ୍ୟବସାୟ କରିଥିବା ବର୍ଗରେ କେନ୍ଦୁଝରର ଉତ୍କଳିକା ପ୍ରଥମ ପୁରସ୍କାର ଜିତିଥିବା ବେଳେ କଳାଭୂମି ଦ୍ୱିତୀୟ ଏବଂ ପୁରୀ-ଉତ୍କଳିକା ତୃତୀୟ ପୁରସ୍କାର ବିଜୟୀ ହୋଇଛନ୍ତି । ଉତ୍କଳିକା ଶାଖା ପରିଚାଳକ ଦିବାକର ସେଠୀ, ଶାରଳା ପଟ୍ଟନାୟକ ଏବଂ ମଧୁସୂଦନ ମାଝୀ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ଗ୍ରହଣ କରିଥିଲେ ।

ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଉତ୍କଳିକାର ସଭାପତି ଦେବସ୍ମିତା ସାହୁ, ଉପ-ସଭାପତି ପ୍ରଶାନ୍ତ କୁମାର ମହାପାତ୍ର, ପରିଚାଳନା ନିର୍ଦ୍ଦେଶକ ପ୍ରତାପ ଚନ୍ଦ୍ର ହୋତା, ହସ୍ତଶିଳ୍ପ ନିର୍ଦ୍ଦେଶିକା ନିବେଦିତା ପୃଷ୍ଟି, ସାଧାରଣ ପରିଚାଳିକା ମମତା ନାୟକ, ଉତ୍କଳିକାର ଅଧିକାରୀବୃନ୍ଦ, ବିଭିନ୍ନ ସମବାୟ ସମିତିର ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ ।

ଏହି ଅବସରରେ ଉତ୍କଳିକା ଦ୍ୱାରା ପରିଚାଳିତ "ଜାତୀୟ ହସ୍ତଶିଳ୍ପ ଉନ୍ନୟନ ଯୋଜନା" ଅଧୀନରେ ପ୍ରସ୍ତୁତ ବିଭିନ୍ନ ହସ୍ତଶିଳ୍ପ ଉତ୍ପାଦ, ତାଲିମ କେନ୍ଦ୍ର ପକ୍ଷରୁ ବିକଶିତ ନୂତନ ଉତ୍ପାଦ, ଉତ୍କଳିକା ଦ୍ୱାରା ବିକଶିତ ନୂତନ ଡିଜାଇନ୍‌ର ଉତ୍ପାଦମାନଙ୍କର ଏକ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା ।

# ପୁରୀ–କୋରାପୁଟ ମଧ୍ୟରେ ନୂତନ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ ପାଇଁ ମଞ୍ଜୁରୀ

**ଭୁବନେଶ୍ୱର, ୧୬।୫ (ମହାଭାରତ):** ଓଡ଼ିଶାର ରେଳ ସଂଯୋଗୀକରଣ କ୍ଷେତ୍ରରେ ଏକ ବଡ଼ ପଦକ୍ଷେପ ସ୍ୱରୂପ, ରେଳ ମନ୍ତ୍ରଣାଳୟ ପକ୍ଷରୁ ପୁରୀ ଏବଂ କୋରାପୁଟ ମଧ୍ୟରେ ଏକ ନୂତନ ତ୍ରି-ସାପ୍ତାହିକ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ ପାଇଁ ଅନୁମୋଦନ ପ୍ରଦାନ କରାଯାଇଛି। ଏହି ନୂତନ ଟ୍ରେନ୍ (ନମ୍ବର ୧୮୪୦୭/୧୮୪୦୮ ପୁରୀ–କୋରାପୁଟ–ପୁରୀ ଏକ୍ସପ୍ରେସ୍) ଖୋର୍ଦ୍ଧା ରୋଡ଼, ଭୁବନେଶ୍ୱର, ଅନୁଗୋଳ, ସମ୍ବଲପୁର, ବରଗଡ଼ ରୋଡ଼, ବଲାଙ୍ଗୀର, ଟିଟିଲାଗଡ଼, କେସିଙ୍ଗା, ମୁନିଗୁଡ଼ା, ରାୟଗଡ଼ା, କାକିରିଗୁମା ଏବଂ ଦାମନଯୋଡ଼ି ଦେଇ ଚଳାଚଳ କରିବ। ଏହାଦ୍ୱାରା ଉପକୂଳ, ପଶ୍ଚିମ ଏବଂ ଦକ୍ଷିଣ ଓଡ଼ିଶା ମଧ୍ୟରେ ସଂଯୋଗୀକରଣ ବୃଦ୍ଧି ପାଇବା ସହ ଯାତ୍ରୀମାନଙ୍କୁ ଉନ୍ନତ ସୁବିଧା ଏବଂ ଆଞ୍ଚଳିକ ସୁଗମତା ମିଳିପାରିବ।

ଏହି ଟ୍ରେନ୍ ପ୍ରଚଳନ ଦ୍ୱାରା ପୁରୀ, ଭୁବନେଶ୍ୱର ଏବଂ ଦକ୍ଷିଣ ଓଡ଼ିଶାର ଆଦିବାସୀ ବହୁଳ ଜିଲ୍ଲାଗୁଡ଼ିକ ମଧ୍ୟରେ ଏକ ସିଧାସଳଖ ଏବଂ ସୁବିଧାଜନକ ରେଳ ସଂଯୋଗ ପାଇଁ ଅନେକ ଅବହେଳିତ ଅଞ୍ଚଳର ଲୋକମାନଙ୍କ ଦୀର୍ଘ ଦିନର ଆଶା ପୂରଣ ହୋଇଛି। ଏହି ଟ୍ରେନ୍ ସେବା ତୀର୍ଥସ୍ଥାନ, ଶିକ୍ଷା, ସ୍ୱାସ୍ଥ୍ୟସେବା, ନିଯୁକ୍ତି, ପର୍ଯ୍ୟଟନ ଏବଂ ବ୍ୟବସାୟିକ ଉଦ୍ଦେଶ୍ୟରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କ ପାଇଁ ଅତ୍ୟନ୍ତ ଆବଶ୍ୟକୀୟ ସଂଯୋଗ ଯୋଗାଇଦେବ। ଏହି ନୂତନ ସେବା ପୁରୀ, ଖୋର୍ଦ୍ଧା, କଟକ, ଢେଙ୍କାନାଳ, ଅନୁଗୋଳ, ସମ୍ବଲପୁର, ବରଗଡ଼, ବଲାଙ୍ଗୀର, କଳାହାଣ୍ଡି, ରାୟଗଡ଼ା ଏବଂ କୋରାପୁଟ ଭଳି ପ୍ରମୁଖ ଜିଲ୍ଲାଗୁଡ଼ିକ ଦେଇ ଗତି କରିବ ଏବଂ ଏହି ଅଂଚଳର ଯାତ୍ରୀମାନଙ୍କୁ ଉପକୃତ କରିବ। ଏହା ବିଶେଷ କରି କେବିକେ ଅଂଚଳର ଜିଲ୍ଲାଗୁଡ଼ିକ ସହିତ ସଂଯୋଗକୁ ସୁଦୃଢ଼ କରିବ ଏବଂ ରାଜ୍ୟର ପ୍ରମୁଖ ଶିକ୍ଷା, ଚିକିତ୍ସା ଓ ପ୍ରଶାସନିକ କେନ୍ଦ୍ରଗୁଡ଼ିକ ପର୍ଯ୍ୟନ୍ତ ପହଞ୍ଚିବା ସହଜ କରିବ।



ଏହି ଟ୍ରେନ୍ ଖୋର୍ଦ୍ଧା ରୋଡ଼, ଭୁବନେଶ୍ୱର, ଢେଙ୍କାନାଳ, ତାଳଚେର ରୋଡ଼, ଅନୁଗୋଳ, ବୋଇଣ୍ଡା, ରେଢ଼ାଖୋଲ, ସମ୍ବଲପୁର, ବରଗଡ଼ ରୋଡ଼, ବଲାଙ୍ଗୀର, ଟିଟିଲାଗଡ଼, କେସିଙ୍ଗା, ମୁନିଗୁଡ଼ା, ରାୟଗଡ଼ା, ଟିକିରି, ଲକ୍ଷ୍ମୀପୁର ରୋଡ଼, କାକିରିଗୁମା ଏବଂ ଦାମନଯୋଡ଼ି ଭଳି ଗୁରୁତ୍ୱପୂର୍ଣ୍ଣ ଷ୍ଟେସନଗୁଡ଼ିକରେ ରହଣି କରିବ। ଏହି ନୂତନ ଟ୍ରେନ୍ ଉପକୂଳ ଓଡ଼ିଶା ଏବଂ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ଆଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକ ମଧ୍ୟରେ ଯାତାୟାତରେ ଉନ୍ନତି ଆଣି ଆଂଚଳିକ ସମନ୍ୱୟ ଏବଂ ସାମାଜିକ-ଅର୍ଥନୈତିକ ବିକାଶକୁ ଯଥେଷ୍ଟ ବୃଦ୍ଧି କରିବ ବୋଲି ଆଶା କରାଯାଉଛି। ଏହି ସେବା ଶ୍ରୀଜଗନ୍ନାଥ ମନ୍ଦିର ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁ ଏବଂ କୋରାପୁଟ ଓ ରାୟଗଡ଼ାର ମନୋରମ ତଥା ଆଦିବାସୀ ଅଂଚଳ ଭ୍ରମଣରେ ଯାଉଥିବା ପର୍ଯ୍ୟଟକଙ୍କ ପାଇଁ ଏକ ନିରନ୍ତର ସଂଯୋଗ ପ୍ରଦାନ କରିବ।

# ୨୦ରେ ସମସ୍ତ ଔଷଧ ଦୋକାନ ବନ୍ଦ ରହିବ

**ଭୁବନେଶ୍ୱର, ୧୬।୫ (ମହାଭାରତ):** ଅନଲାଇନ ଔଷଧ ବିକ୍ରିକୁ ବିରୋଧ କରି ଆସନ୍ତା ମେ ୨୦ ତାରିଖରେ ଓଡ଼ିଶାର କୋଣ ଅନୁକୋଣରେ ଥିବା ୩୦୦୦୦ରୁ ଅଧିକ ଔଷଧ ଦୋକାନ ବନ୍ଦ ରହିବ। ୟୁସିଡ଼ିଏର ସଭାପତି ପି ସତ୍ୟନାରାୟଣ ଏବଂ ସାଧାରଣ ସମ୍ପାଦକ ପ୍ରଶାନ୍ତ ମହାପାତ୍ର ବୁଧବାର ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।

ସେମାନେ କହିଛନ୍ତି ଡ୍ରଗ୍ସ ଆଣ୍ଡ କସ୍‌ମେଟିକ୍ ନିୟମ ଅନୁଯାୟୀ ଅନଲାଇନରେ ଔଷଧ ବିକ୍ରୟର କୌଣସି ପ୍ରାବଧାନ ନହିଁ। କୋଭିଡ଼ ସମୟରେ ପରିସ୍ଥିତିକୁ ନଜରରେ ରଖି ଭାରତ ସରକାର ଜରୁରୀ ବିଜ୍ଞପ୍ତି ମାଧ୍ୟମରେ ଔଷଧ ଅନଲାଇନରେ ଦେବା ପାଇଁ ଅନୁମତି ପ୍ରଦାନ କରିଥିଲେ। ହେଲେ ଆଜି ସ୍ଥିତି ସୁଧୁରିଯିବା ପରେ ମଧ୍ୟ ତାହାକୁ ପ୍ରତ୍ୟାହାର କରିନାହାଁନ୍ତି ଯାହାକି ଆମର ୩୦୦୦୦ ସଭ୍ୟଙ୍କ ବ୍ୟାପରରେ ବ୍ୟାଘାତ ହେବା ସହିତ ୨.୫ ଲକ୍ଷ ପରିବାରଙ୍କ ଚିନ୍ତାର କାରଣ ପାଲଟିଛି। ଅନେକ ଆପତିଜନକ ଔଷଧ ଯାହା ବିନା ଡାକ୍ତରୀ ଚିଠାରେ ବିକ୍ରି ହେବା କଥା ନୁହେଁ, ତାହା ଆଜି ସହଜ ଭାବରେ ଉପଲବ୍ଧ ହେଉଛି। ଅନେକ ନିଶା ବଟିକା ଅନଲାଇନରେ ଅତି ସହଜରେ ମିଳୁଛି, ଯାହା ଯୁବପିଢିଙ୍କୁ ବିପଥଗାମୀ କରୁଛି। ଔଷଧ ବ୍ୟବସାୟର ଲାଭାଂଶ ଓ ଏମ୍.ଆର.ପି. ଯାହା ସରକାରଙ୍କ ଦ୍ୱାରା ସ୍ଥିରୀକୃତ (ଏନ୍‌ପିପିଏ / ଡିପିସିଓ) ହୋଇଥାଏ ତା'ଠାରୁ ଅତି ଅଧିକ ମାତ୍ରାରେ ରିହାତିରେ ଔଷଧ ଅନଲାଇନରେ ମିଳୁଛି, ଯାହା ସାଧାରଣ ବ୍ୟବସାୟୀଙ୍କୁ ଅନେକ କ୍ଷତି ପହଂଚାଉଛି ।ତେଣୁ ଆମର ଦାବି କୋଭିଡ଼ ସମୟ ଜରୁରୀ ବିଜ୍ଞପ୍ତିକୁ ତୁରନ୍ତ ରଦ୍ଧ କରାଯାଉ ଓ ଅନଲାଇନ ଔଷଧ ବିକ୍ରିକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଉ। ଅତ୍ୟଧିକ ରିହାତି ପ୍ରଦାନକୁ ବନ୍ଦ କରିବା ପାଇଁ ପଦକ୍ଷେପ ନିଆଯାଉ।

ଯଦି ଅନଲାଇନ ଔଷଧ ବିକ୍ରି ବନ୍ଦ କରାନଯାଏ, ତେବେ ଆସନ୍ତା ମେ ୨୦ ତାରିଖରେ ଓଡ଼ିଶା ସମେତ ଭାରତର ସମସ୍ତ ଔଷଧ ବ୍ୟବସାୟୀ ତାଙ୍କର ଦୋକାନ ବନ୍ଦ ରଖିବେ। ଏଥିପାଇଁ ଯଦି କୌଣସି ଅଘଟଣ ବା ଦୁର୍ଘଟଣା ଘଟେ ତେବେ ସେଥିପାଇଁ ସରକାର ସମ୍ପୂର୍ଣ୍ଣ ଦାୟୀ ରହିବେ। ଆଗାମୀ ଭବିଷ୍ୟତରେ ଯଦି ଏ ପରିସ୍ଥିତିର କୌଣସି ସମାଧାନ ନହୁଏ, ତେବେ ଅନିର୍ଦ୍ଦିଷ୍ଟ କାଳ ପାଇଁ ସମସ୍ତ ଔଷଧ ଦୋକାନ ବନ୍ଦ ରହିବ। ଏହା ୟୁ.ସି.ଡି.ଏ ଏବଂ ସର୍ବଭାରତୀୟ ସଂଘ (ଏ.ଆଇ.ଓ.ସି.ଡି.)ର ଚରମ ନିଷ୍ପତି ହେବ।

# କେନ୍ଦୁଝରରେ ଜିଲ୍ଲା ସ୍ତରୀୟ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା

**ଭୁବନେଶ୍ୱର,୧୬।୫ (ମହାଭାରତ):** ସ୍ପୋର୍ଟସ କମ୍ପ୍ଲେକ୍ସ ଠାରେ ଆୟୋଜିତ ଜିଲ୍ଲା ସ୍ତରୀୟ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଯୋଗ ଦେଇ ୩୮ଜଣ ନବ ଦମ୍ପତିଙ୍କୁ ଆଶୀର୍ବାଦ ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବିଧାୟକ ତେଲକୋଇ ଡାକ୍ତର ଫକୀର ମୋହନ ନାଏକ, ଜିଲ୍ଲାପାଳ ବିଶାଳ ସିଂହ, ବନଖଣ୍ଡ ଅଧିକାରୀ ଧନରାଜ ଏଚଡ଼ି, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ ଏବଂ ଡାକ୍ତର ପ୍ରିୟଙ୍କା ମାରାଣ୍ଡି ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଗସ୍ତ ଅବସରରେ ଉପମୁଖ୍ୟମନ୍ତ୍ରୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଦରବାର ହଲ୍ ଠାରେ ଜିଲ୍ଲାରେ ଚାଲୁ ରହିଥିବା ବିକାଶମୂଳକ ପ୍ରକଳ୍ପ ଏବଂ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମଗୁଡ଼ିକର ଅଗ୍ରଗତି ସମୀକ୍ଷା କରିଥିଲେ। ଏହି ସମୀକ୍ଷା ବୈଠକରେ ସାଂସଦ ଅନନ୍ତ ନାୟକ, ବିଧାୟକ ଡାକ୍ତର ଫକୀର ମୋହନ ନାଏକଙ୍କ ସମେତ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ। ଶ୍ରୀମତୀ ପରିଡ଼ା ଜିଲ୍ଲାର ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକର ନିଜସ୍ୱ କୋଠା ନିର୍ମାଣ, ପାନୀୟ ଜଳ, ବିଦ୍ୟୁତ ସଂଯୋଗ ଏବଂ ଶୌଚାଳୟ ଭଳି ଭିତିଭୂମିର ସ୍ଥିତି ଅନୁଧ୍ୟାନ କରିଥିଲେ। ସେହିପରି ଫେସ୍ ରେକଗ୍ନିସନ ସିଷ୍ଟମ ମାଧ୍ୟମରେ ବଂଟନ, ଶିଶୁ ପୋଷଣ ନିରୀକ୍ଷଣ ଏବଂ ସୁଭଦ୍ରା ଯୋଜନାର ସଫଳ କାର୍ଯ୍ୟକାରିତା ସହ ଆବେଦନଗୁଡ଼ିକର କ୍ଷେତ୍ର ଭିତିକ ସତ୍ୟାପନର ସମୀକ୍ଷା କରାଯାଇଥିଲା। ମିଶନ ଶକ୍ତି, ସାମର୍ଥ୍ୟ, ଶକ୍ତି ସଦନ ଏବଂ ପାଳନା କ୍ରେଚ୍ ସେବା ସହ ଜିଲ୍ଲାକୁ ବାଲ୍ୟ ବିବାହ ମୁକ୍ତ କରିବା ପାଇଁ ଚାଲୁଥିବା ସଚେତନତା ଅଭିଯାନ ଉପରେ ମଧ୍ୟ ବିସ୍ତୃତ ଆଲୋଚନା ହୋଇଥିଲା। ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରେ ଚାଲୁଥିବା ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ ଏବଂ ଶିଶୁ ଯତ୍ନ ଅନୁଷ୍ଠାନରେ ଥିବା ପିଲାମାନଙ୍କର ପୁନର୍ବାସ ଓ ଶିକ୍ଷାଗତ ସହାୟତା ଉପରେ ଉପମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଅନ୍ୟପକ୍ଷରେ, ଜିଲ୍ଲାର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ମା' ତାରିଣୀ ମନ୍ଦିର, ସାନଘାଗରା, ବଡ଼ଘାଗରା ଏବଂ ଖଣ୍ଡାଧାରଠାରେ ପାର୍କିଂ, ଚାଲିବା ରାସ୍ତା, ଶୌଚାଳୟ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ସ୍ଥିତି ପରଖାଯାଇଛି। ସମସ୍ତ ବିକାଶମୂଳକ କାର୍ଯ୍ୟକୁ ସମୟସୀମା ମଧ୍ୟରେ ଶେଷ କରିବା ସହ ହିତାଧିକାରୀଙ୍କୁ ସଠିକ୍ ସେବା ପ୍ରଦାନ ପାଇଁ ନିୟମିତ ଅନୁଧ୍ୟାନ କରିବାକୁ ଶ୍ରୀମତୀ ପରିଡ଼ା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଇସ୍ରୋ ପରିଦର୍ଶନ କଲେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ

**ଭୁବନେଶ୍ୱର, ୧୬।୫ (ମହାଭାରତ):** ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ବେଙ୍ଗାଲୁରୁସ୍ଥିତ ୟୁ.ଆରରାଓ ସାଟେଲାଇଟ୍ ସେଂଟର (ୟୁଆରଏସସି) ଏବଂ ଇସ୍ରୋ ସାଟେଲାଇଟ୍ ଇଂଟିଗ୍ରେସନ୍ ଆଣ୍ଡ ଟେଷ୍ଟ ଏଷ୍ଟାବ୍ଲିଶମେଂଟ (ଆଇଏସଆଇଟିଇ) ପରିଦର୍ଶନ କରିଛନ୍ତି। ବର୍ତମାନର ଶାସନ ବ୍ୟବସ୍ଥା ଏବଂ ବୈଜ୍ଞାନିକ ଶିକ୍ଷା କ୍ଷେତ୍ରରେ ଅତ୍ୟାଧୁନିକ ମହାକାଶ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ପାଇଁ ଓଡ଼ିଶା ସରକାର ଏବଂ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ମଧ୍ୟରେ ସମନ୍ୱୟ ରକ୍ଷା କରିବା ଏହି ଗସ୍ତର ମୂଳ ଲକ୍ଷ୍ୟ ଥିଲା। ମନ୍ତ୍ରୀ ଶ୍ରୀ ପାତ୍ର ଇସ୍ରୋର ବରିଷ୍ଠ ବୈଜ୍ଞାନିକ ଏବଂ ଅଧିକାରୀମାନଙ୍କ ସହ ଓଡ଼ିଶାରେ ବିପର୍ଯ୍ୟୟ ପରିଚାଳନା, ଖାଦ୍ୟ ସୁରକ୍ଷା ତଦାରଖ ଏବଂ ପ୍ରାକୃତିକ ସମ୍ପଦର ସ୍ଥିତାବସ୍ଥାର ମାନଚିତ୍ର ପ୍ରସ୍ତୁତି କ୍ଷେତ୍ରରେ ଉପଗ୍ରହ ତଥ୍ୟ ପ୍ରୟୋଗ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ।



ସେହିଭଳି ଇସ୍ରୋ ସାଟେଲାଇଟ୍ ଇଂଟିଗ୍ରେସନ୍ ଆଣ୍ଡ ଟେଷ୍ଟ ଏଷ୍ଟାବ୍ଲିଶମେଂଟ ପରିସରରେ ସାଟେଲାଇଟ୍ ସଂଯୋଗୀକରଣ କ୍ଷେତ୍ର ପରିଦର୍ଶନ କରିବା ସହ ମନ୍ତ୍ରୀ ଶ୍ରୀ ପାତ୍ର ଅତ୍ୟାଧୁନିକ 'କ୍ଲିନ୍ ରୁମ୍' ସୁବିଧା ବୁଲି ଦେଖିଥିଲେ । ଭାରତର ଭବିଷ୍ୟତରେ ଯୋଗାଯୋଗ ବ୍ୟବସ୍ଥା ଏବଂ ନେଭିଗେସନ୍ ସାଟେଲାଇଟ୍ ?ଗୁଡ଼ିକର ଜଟିଳ ସଂଯୋଗୀକରଣ ଓ ପରୀକ୍ଷଣ ପ୍ରକ୍ରିୟା ସମ୍ପର୍କରେ ସେ ଅବଗତ ହୋଇଥିଲେ।

ୟୁ.ଆରରାଓ ସାଟେଲାଇଟ୍ ସେଂଟର ସ୍ଥିତ ମହାକାଶ ସଂଗ୍ରହାଳୟ ବୁଲି ଦେଖି ଶ୍ରୀ ପାତ୍ର 'ଆର୍ଯ୍ୟଭଟ୍ଟ'ଠାରୁ ଆରମ୍ଭ କରି ବର୍ତମାନର ମହାକାଶ ଅଭିଯାନ ପର୍ଯ୍ୟନ୍ତ ଭାରତର ସଫଳତା ବିଷୟରେ ଅବଗତ ହୋଇଥିଲେ। ଓଡ଼ିଶାର ଛାତ୍ରଛାତ୍ରୀଙ୍କୁ ଅନୁପ୍ରାଣିତ କରିବା ପାଇଁ ଭୁବନେଶ୍ୱରରେ ପ୍ରସ୍ତାବିତ ସାଇନ୍ସ ସିଟିରେ ଏଭଳି ବିଶ୍ୱସ୍ତରୀୟ ପ୍ରଦର୍ଶନୀ ସ୍ଥାପନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

ଏହି ଗସ୍ତ ସମୟରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ବରିଷ୍ଠ ଅଧିକାରୀମାନେ ମନ୍ତ୍ରୀଙ୍କ ସହ ଉପସ୍ଥିତ ଥିଲେ। ବିଜ୍ଞାନ ଓ ନବସୃଜନ କ୍ଷେତ୍ରରେ ଓଡ଼ିଶାର ସକ୍ରିୟ ପଦକ୍ଷେପକୁ ୟୁ.ଆର୍.ରାଓ ସାଟେଲାଇଟ୍ ସେଣ୍ଟର ନିର୍ଦ୍ଦେଶକ ପ୍ରଶଂସା କରିଥିଲେ।

# ରାଜ୍ୟରେ ତେଲ ସଂକଟ

ମାର୍ଚ୍ଚରେ ସରକାର ଏଲପିଜି ଦର ସିଲିଣ୍ଡର ପିଛା ୬୦ ଟଙ୍କା ବଢ଼ାଇଥିଲେ। ଏହା ପରେ ଏଲପିଜିର ଅଭାବ ଅନୁଭବ କରାଯାଉଛି। ସାଧାରଣ ଲୋକଙ୍କ ମଧ୍ୟରେ ଏଥିଲାଗି ଆତଙ୍କ ଖେଳିଯାଇଛି। କାରଣ ଗ୍ୟାସ ବ୍ୟବହାର ସହିତ ଲୋକେ ଏତେ ଅଭ୍ୟସ୍ତ ହୋଇଗଲେଣି ଯେ, ଏହାକୁ ଛାଡ଼ି ଆଉ ବଂଚିବା କଷ୍ଟକର। ଗ୍ୟାସର ବିକଳ୍ପ ଇନ୍ଧନ ବ୍ୟବସ୍ଥା ମଧ୍ୟ ସେତେ ବ୍ୟାପକ ନୁହେଁ। କିରୋସିନୀ ମିଳୁନି। କାଠ ନାହିଁ। କୋଇଲା ଚୁଲି ଖୁବ କମ ରହିଛି। ବିଦ୍ୟୁତ ଚୁଲା ଅର୍ଥାତ ଇଣ୍ଡକସନ ଏକମାତ୍ର ସୁଲଭ ବିକଳ୍ପ। କିନ୍ତୁ ଗ୍ୟାସ ଅଭାବ ପରେ ବଜାରରୁ ଇଣ୍ଡକେସନ ଦର ବଢ଼ିଯାଇଛି। ସବୁଠାରୁ ବଡ଼ କଥା ହେଲା ଖରାଦିନେ ବିଜୁଳି ଯୋଗାଣ ମଧ୍ୟ ସ୍ୱାଭାବିକ ନାହିଁ। ବାରମ୍ବାର ଅଘୋଷିତ ପାୱାର କଟ ହେଉଛି। ଗ୍ରାମାଞ୍ଚଳରେ ବିଜୁଳି ନାହିଁ କହିଲେ ଚଳେ। ତେଣୁ ଇଣ୍ଡକସନ ବ୍ୟବହାର ଏକ ନିୟମିତ ବିକଳ୍ପ ନୁହେଁ। ତଥାପି ଗ୍ୟାସ ବ୍ୟବହାରକୁ ଅପେକ୍ଷାକୃତ ହ୍ରାସ କରିବାକୁ ଇଣ୍ଡକସନ ବ୍ୟବହାର କଲେ ଭଲ। ସରକାର ବାରମ୍ବାର କହୁଛନ୍ତି ଯେ, ଦେଶରେ ଏଲପିଜି ସଙ୍କଟ ରହିଛି, କିନ୍ତୁ ଏହା ସମ୍ପୂର୍ଣ୍ଣ ଉଭାନ ହୋଇନାହିଁ। ଘରୋଇ ଗ୍ୟାସ ବ୍ୟବହାରକାରୀଙ୍କୁ ଗ୍ୟାସ ଯୋଗାଣ ଜାରି ରହିଛି। ଟିକେ ସମୟ ଲାଗିପାରେ। କିନ୍ତୁ ଅନଲାଇନରେ ବୁକିଂ କଲେ ଘରେ ନିଶ୍ଚିତ ଭାବେ ଏଲପିଜି ସିଲିଣ୍ଡର ପହଂଚିଯିବ। କିନ୍ତୁ ସରକାରଙ୍କ କଥାକୁ କହେି ଗୁରୁତ୍ୱ ଦେଉ ନାହାଁନ୍ତି। ସମସ୍ତେ ଗ୍ୟାସ ସରିଯିବା ଭୟରେ ଆତଙ୍କିତ। ଏହା ହିଁ ସବୁଠାରୁ ବଡ଼ ସମସ୍ୟା। ଭାରତରେ ସବୁ ବେଳେ ଲୋକେ ଛୋଟ କଥାରେ ଆତଙ୍କିତ ହୋଇ ଅତ୍ୟାବଶଞ୍ଜକ ସାମଗ୍ରୀ ମହଜୁଦ ରଖନ୍ତି। ସମସ୍ତେ ବିପତ୍ତି ବେଳେ ନିଜ କଥା ଭାବନ୍ତି, ସମାଜ କଥା ଭୁଲି ଯାଆନ୍ତି। ନିଜେ ବଂଚିବାକୁ ସବୁ ବେଳେ ଗୁରୁତ୍ୱ ଦିଅନ୍ତି। ସରକାର ବାରମ୍ବାର ତାଗିଦ କରିବା ସତ୍ତ୍ୱେ ଦେଶର ସବୁ ରାଜ୍ୟରେ ଗ୍ୟାସ ବିତରଣକାରୀଙ୍କ ଅଫିସ ଆଗରେ ଲୋକଙ୍କ ଲମ୍ବା ଧାଡ଼ି ଦେଖିବାକୁ ମିଳୁଛି। ଏବେ ଗ୍ୟାସ ବୁକିଂ କେବଳ ମୋବାଇଲ ମାଧ୍ୟମରେ ହେଉଛି। ଆବଣ୍ଟନକାରୀଙ୍କ ନିକଟକୁ ଯିବାର ଆବଶ୍ୟକତା ନାହିଁ। ଘରେ ଆସି ଗ୍ୟାସ ସିଲିଣ୍ଡର ଦେଇଯିବେ। ତେବେ ଗ୍ୟାସ ଆବଣ୍ଟନକାରୀଙ୍କ ଆଗରେ ଲମ୍ବା ଧାଡ଼ି କାହିଁକି ଲାଗୁଛି ? ଏହାକୁ ବନ୍ଦ କରିବା ଲାଗି କାହିଁକି ପଦକ୍ଷେପ ନିଆଯାଉନି ? ଲମ୍ବା ଧାଡ଼ି ଲଗାଇ ଗ୍ୟାସ ସଂଗ୍ରହ କରିବାର ଏକମାତ୍ର ଉଦ୍ଦେଶ୍ୟ ହେଲା ଗ୍ୟାସ ଆଣି ଏହାର କଳାବଜାରି କରିବା। ସରକାର କଳାବଜାରୀ, ମହଜୁଦକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହୁଛନ୍ତି, କିନ୍ତୁ ବାସ୍ତବରେ କାର୍ଯ୍ୟାନୁଷ୍ଠାନ ହେଉନି। ଯୋଗାଣ ବିଭାଗ ଅଧିକାରୀଙ୍କ ଆଖି ଆଗରେ ଗ୍ୟାସ କଳାବଜାରୀ ଚାଲିଛି। ଗୁପ୍ତରେ ଲୋକେ ଆବଶ୍ୟକତାଠାରୁ ଅଧିକ ଗ୍ୟାସ ମହଜୁଦ ରଖୁଛନ୍ତି। କିନ୍ତୁ କାର୍ଯ୍ୟାନୁଷ୍ଠାନ ନାହିଁ। କଳାବଜାରୀ ରୋକିବାକୁ ପ୍ରଥମେ ଗ୍ୟାସ ଡିଷ୍ଟ୍ରିବ୍ୟୁଟରଙ୍କ ଆଗରେ ଲମ୍ବା ଧାଡ଼ି ଭାଙ୍ଗିବା ଆବଶ୍ୟକ। କେହି ଅଫିସ ଆସି ଗ୍ୟାସ ବୁକ କରିପାରିବେ ନାହିଁ କିମ୍ବା ଗୋଦାମରୁ ଗ୍ୟାସ ନେଇପାରିବେ ନାହିଁ:, ଏଭଳି ନିୟମ କଡ଼ାକଡ଼ି ଲାଗୁ ହେବା ଉଚିତ। ସରକାର କହୁଛନ୍ତି ଯେ, ଘରୋଇ ଗ୍ୟାସ ବ୍ୟବହାରକାରୀଙ୍କୁ ପ୍ରାଥମିକତା ଦିଆଯିବ। ପରେ ବ୍ୟବସାୟିକ ପ୍ରତିଷ୍ଠାନକୁ ଗ୍ୟାସ ଯୋଗାଣ କଥା ବିଚାର କରାଯିବ। କିନ୍ତୁ ଏବେ ଦେଖାଯାଉଛି ଅନେକ ସ୍ଥାନରେ ଘରୋଇ ବ୍ୟବହାର ଲାଗି ଉଦ୍ଦିଷ୍ଟ ୧୪.୨ କେଜିର ଗ୍ୟାସ ସିଲିଣ୍ଡର ହୋଟେଲ, ରେଷ୍ଟୁରାଣ୍ଟ ଏବଂ ଅନ୍ୟ ବ୍ୟବସାୟିକ ସ୍ଥାନରେ ବିକ୍ରୀ କରାଯାଉଛି। ଏହା କିପରି ସମ୍ଭବ ହେଉଛି ? କିଛି ଲୋକେ ନିଜ ବ୍ୟବହାର ପାଇଁ କିଣିଥିବା ଗ୍ୟାସ ସିଲିଣ୍ଡରକୁ ଅଧିକ ଦରରେ ବ୍ୟବସାୟୀଙ୍କୁ ବିକ୍ରୀ କରି ଦେଉଛନ୍ତି। ଆଉ କେତେକ ଗ୍ୟାସ ଆବଣ୍ଟନକାରୀ ବା ଡେଲିଭରି କରୁଥିବା ବ୍ୟକ୍ତି ଅନ୍ୟର ଗ୍ୟାସକୁ ହଡ଼ପ କରି ବ୍ୟବସାୟୀକ ପ୍ରତିଷ୍ଠାନକୁ ବିକ୍ରୀ କରି ଦେଉଛନ୍ତି।

# ଜୀବନର ଶେଷ ଲକ୍ଷ୍ୟ ଅଙ୍ଗଦାନ

“ ଯେଉଁ ବ୍ୟକ୍ତିଙ୍କର ବ୍ରେନ୍ ଡ୍ରେଥ୍ ହୋଇଯାଏ ଡାକ୍ତର ସେମାନଙ୍କୁ ଭେଣ୍ଟିଲେଟରରେ ରଖନ୍ତି । ଡାକ୍ତରମାନଙ୍କର ଏକ ପ୍ୟାନେଲ ଏହା ଘୋଷଣା କରନ୍ତି । ଏହାର ଆଉ କିଛି ସମୟ ପରେ ପୁଣି ଥରେ ବ୍ରେନ୍ ଡେଥ୍ ସମ୍ପର୍କରେ ଘୋଷଣା କରାଯାଏ । ଏହାପରେ ପରିବାରବର୍ଗଙ୍କ ସମ୍ମତିରେ ଏବଂ କାନୁନୀ ପ୍ରକ୍ରିୟା ପୂର୍ଣ୍ଣ କରିବା ପରେ ମୃତ ବ୍ୟକ୍ତିର ଶରୀରରୁ ଅଙ୍ଗ ବାହାର କରାଯାଏ । ଏଥିପାଇଁ ଶରୀରକୁ ଗୋଟିଏ ଲମ୍ବାରେ ଚିରାଯାଏ ।

॥ ଉମେଶ ଚନ୍ଦ୍ର ପାତ୍ର ॥

ଅଙ୍ଗଦାନ ଏପରି ଏକ ପ୍ରକ୍ରିୟା ଯେଉଁଥିରେ ଜଣେ ବ୍ୟକ୍ତି (ମୃତ ଓ ଜୀବିତ) ଠାରୁ ସୁସ୍ଥ ଅଙ୍ଗ ଏବଂ ଟିସୁକୁ ନେଇ ଅନ୍ୟ ବ୍ୟକ୍ତିଙ୍କ ଠାରେ ରୋପଣ କରାଯାଏ । ଗୋଟିଏ ବ୍ୟକ୍ତିର ଶରୀରରୁ ୫୦ଜଣ ରୋଗୀ ଉପକୃତ ହୋଇପାରନ୍ତି । ଆମ ଦେଶରେ ଯକୃତ, ବୃକକ୍, ହୃଦୟ, ଅଗ୍ନ୍ୟାଶୟ ପ୍ରତ୍ୟାରୋପଣ କରିବାର ସୁବିଧା ରହିଛି । ଏହାବ୍ୟତୀତ ଇଣ୍ଟେଷ୍ଟାଇନ୍, ଫୁସ୍‌ଫୁସ୍, ତ୍ୱଚା, ଅସ୍ଥି ଏବଂ ଅସ୍ଥିମଜ୍ଜା ଓ ଆଖି ଆଦି ମଧ୍ୟ ଦାନ କରାଯାଏ । ଅଙ୍ଗଦାନ ଦୁଇ ପ୍ରକାରର ସମ୍ପୂର୍ଣ୍ଣ ଅଙ୍ଗଦାନ ଏବଂ ଟିସୁ ଦାନ । ଅଙ୍ଗଦାନ ଅଧୀନରେ ବୃକକ୍, ଯକୃତ, ହୃତ୍‌ପିଣ୍ଡ, ଅନ୍ତ, ଅଗ୍ନ୍ୟାଶୟ, ଫୁସ୍‌ଫୁସ୍ ଆଦି ଦାନ କରାଯାଏ । ଟିସୁ ଦାନରେ ରହିଛି ଆଖି, ଅସ୍ଥିମଜ୍ଜା ଏବଂ ତ୍ୱଚା । ଅଧିକାଂଶ ଅଙ୍ଗ ମନୁଷ୍ୟର ମୃତ୍ୟୁ ପରେ ଦାନ କରାଯାଏ । କିଛି ଅଙ୍ଗ ଏବଂ ଟିସୁ ମନୁଷ୍ୟର ଜୀବିତାବସ୍ଥାରେ ମଧ୍ୟ ଦାନ କରାଯାଇପାରେ । ଜୀବିତ ବ୍ୟକ୍ତିଙ୍କ ଦ୍ୱାରା ଦାନ କରାଯାଉଥିବା ସାଧାରଣ ଅଙ୍ଗ ହେଉଛି ବୃକକ୍ । କାରଣ ଦାନ ଦେଉଥିବା ବ୍ୟକ୍ତି ଗୋଟିଏ ବୃକକ୍ ସହ ସ୍ୱାଭାବିକ ଭାବରେ ବଞ୍ଚିପାରେ । ମୃତ ଶରୀରର ବୃକକ୍ ଅପେକ୍ଷା ଜୀବିତ ବ୍ୟକ୍ତିର ବୃକକ୍ ପ୍ରତ୍ୟାରୋପଣ ଅଧିକ ସଫଳ ଭାବରେ କାର୍ଯ୍ୟକରେ । ଭାରତରେ ହେଉଥିବା ଅଧିକାଂଶ ବୃକକ୍ ପ୍ରତ୍ୟାରୋପଣ ଜୀବିତ ଦାତାଙ୍କ ଠାରୁ ହିଁ ମିଳେ । ଫୁସ୍‌ଫୁସ୍ ଏବଂ ଯକୃତ ମଧ୍ୟ ଜୀବିତ ବ୍ୟକ୍ତି ଦାନ କରିପାରିବେ । ଆଖି ସମେତ ଅନ୍ୟ ସମସ୍ତ ଅଙ୍ଗ ମୃତ୍ୟୁ ପରେ ହିଁ ଦାନ କରାଯାଏ । ଘରେ ହେଉଥିବା ସାଧାରଣ ମୃତ୍ୟୁ ମାମଲାରେ କେବଳ ଆଖି ଦାନ କରାଯାଇପାରେ । କୌଣସି ବ୍ୟକ୍ତି ବ୍ରେନ୍ ଡେଡ୍ ଘୋଷିତ ହେଲେ ଏବଂ ତାଙ୍କୁ ଭେଣ୍ଟିଲେଟର ବା ଲାଇଫ୍ ସର୍ପୋଟ ସିଷ୍ଟମରେ ରଖାଯାଇଥିଲେ ତାଙ୍କର ଶରୀରରୁ ଅନ୍ୟ ଅଙ୍ଗ ଗ୍ରହଣ କରିହୁଏ । ସାଧାରଣ ମୃତ୍ୟୁରେ ବ୍ୟକ୍ତିର ସମସ୍ତ ଅଙ୍ଗ କାମ କରିବା ବନ୍ଦ କରିଦିଏ । ତାହାର ହୃତ୍‌ସ୍ପନ୍ଦନ ବନ୍ଦ ହୋଇଯାଏ, ରକ୍ତ ସଞ୍ଚାଳନ ଅଟକିଯାଏ । ଏ ପରିସ୍ଥିତିରେ ଆଖିକୁ ଛାଡ଼ି ଦେଲେ ଅନ୍ୟ ସମସ୍ତ ଅଙ୍ଗ ଅନାବଶ୍ୟକ ହୋଇଯାଏ । ରକ୍ତ କୋଷ ନଥିବାରୁ ମୃତ୍ୟୁପରେ କିଛି ଘଣ୍ଟା ପର୍ଯ୍ୟନ୍ତ ଆଖି ଉପରେ କୌଣସି ଫରକ୍ ପଡ଼େ ନାହିଁ । ବ୍ରେନ୍ ଡେଥ୍ ଏପରି ମୃତ୍ୟୁ ଯେଉଁଥିରେ କୌଣସି କାରଣରୁ ମନୁଷ୍ୟର ମସ୍ତିଷ୍କ ଆଘାତପ୍ରାପ୍ତ ହୋଇଥାଏ । ଏହି ଆଘାତ ଦୁର୍ଘଟଣା, ବ୍ରେନ୍ ଟ୍ୟୁମର କିମ୍ବା ଷ୍ଟ୍ରୋକ୍ ଯୋଗୁଁ ହୋଇଥାଏ । ଏପରି ରୋଗୀଙ୍କ ମସ୍ତିଷ୍କର ମୃତ୍ୟୁ ଘଟିଥାଏ, ହେଲେ ସେମାନଙ୍କର ବାକି ଅଙ୍ଗ ଠିକ୍ ଭାବରେ କାମ କରୁଥାଏ । ଅନେକ ଲୋକ କୋମା ଏବଂ ବ୍ରେନ୍ ଡେଥ୍ ସମାନ ବୋଲି ଭାବନ୍ତି । କିନ୍ତୁ କୋମାରେ ଥିବା ରୋଗୀ ସ୍ୱାଭାବିକ ଅବସ୍ଥାକୁ ଫେରିପାରେ । କିନ୍ତୁ ବ୍ରେନ୍ ଡ୍ରେଥରେ ଜୀବନର କୌଣସି ସମ୍ଭାବନା ନଥାଏ । ବ୍ରେନ୍ ଡେଥ ବ୍ୟକ୍ତିର ଆଖିକୁ ଛାଡ଼ି ବାକି ସବୁ ଅଙ୍ଗ ପ୍ରତ୍ୟାରୋପଣ ପାଇଁ ଗ୍ରହଣ କରାଯାଇପାରେ । ଯେ କୌଣସି ବ୍ୟକ୍ତି ଅଙ୍ଗଦାନ କରିପାରିବେ । ବୟସ ସହ ଏହାର କୌଣସି ସମ୍ପର୍କ ନାହିଁ । ନବଜାତ ଶିଶୁ ଠାରୁ ଆରମ୍ଭ କରି ୯୦ ବର୍ଷ ବୟସ୍କ ବ୍ୟକ୍ତିଙ୍କ ଠାରୁ ଗ୍ରହଣ କରାଯାଇଥିବା ଅଙ୍ଗ ପ୍ରତ୍ୟାରୋପଣ ସଫଳ ହୁଏ । ଅଙ୍ଗଦାନ ପାଇଁ ଇଚ୍ଛୁକ ବ୍ୟକ୍ତିର ବୟସ ୧୮ବର୍ଷରୁ କମ୍ ହୋଇଥିଲେ ଏଥିପାଇଁ ଉଦ୍ଦିଷ୍ଟ ଫର୍ମ ପୂରଣ କରିବା ପୂର୍ବରୁ ମା-ବାପାଙ୍କ ଅନୁମତି ନେବା ଜରୁରୀ ।

ଯେଉଁ ବ୍ୟକ୍ତିଙ୍କର ବ୍ରେନ୍ ଡ୍ରେଥ୍ ହୋଇଯାଏ ଡାକ୍ତର ସେମାନଙ୍କୁ ଭେଣ୍ଟିଲେଟରରେ ରଖନ୍ତି । ଡାକ୍ତରମାନଙ୍କର ଏକ ପ୍ୟାନେଲ ଏହା ଘୋଷଣା କରନ୍ତି । ଏହାର ଆଉ କିଛି ସମୟ ପରେ ପୁଣି ଥରେ ବ୍ରେନ୍ ଡେଥ୍ ସମ୍ପର୍କରେ ଘୋଷଣା କରାଯାଏ । ଏହାପରେ ପରିବାରବର୍ଗଙ୍କ ସମ୍ମତିରେ ଏବଂ କାନୁନୀ ପ୍ରକ୍ରିୟା ପୂର୍ଣ୍ଣ କରିବା ପରେ ମୃତ ବ୍ୟକ୍ତିର ଶରୀରରୁ ଅଙ୍ଗ ବାହାର କରାଯାଏ । ଏଥିପାଇଁ ଶରୀରକୁ ଗୋଟିଏ ଲମ୍ବାରେ ଚିରାଯାଏ । ଅଙ୍ଗ ବାହାର କରିବା ସମୟରେ ଶରୀରକୁ ସମ୍ପୂର୍ଣ୍ଣ ସମ୍ମାନର ସହ ରଖାଯାଏ । ଅଙ୍ଗ ଗ୍ରହଣ କରାଯାଇ ସାରିବା ପରେ ଏହାକୁ ସଫା କରି ପରିଜନଙ୍କୁ ଅର୍ପଣ କରାଯାଏ । ଏହି ପ୍ରକ୍ରିୟାରେ ପ୍ରାୟ ୬-୭ଘଣ୍ଟା ଲାଗିଯାଏ । ଅର୍ଗାନ୍ ଡୋନେସନ୍ ଆକ୍ଟ, ୧୯୯୪ର ନିୟମ ଅନୁଯାୟୀ ଯେଉଁ ଡାକ୍ତରଖାନାରେ ପ୍ରତ୍ୟାରୋପଣ ସୁବିଧା ଅଛି କେବଳ ସେହିଠାରେ ଅଙ୍ଗଦାନ କରିହେବ । ଏହା ଏକ କଷ୍ଟକର ନିୟମ । ଏହାଦ୍ୱାରା ଦୂରଦୂରାନ୍ତରେ ଥିବା ଲୋକମାନେ ଅଙ୍ଗଦାନ କରି ମହତ୍ କାର୍ଯ୍ୟରୁ ବଞ୍ଚିତ ହୁଅନ୍ତି । ଏହି ସମସ୍ୟାକୁ ଦେଖି ସରକାର ୨୦୧୧ ମସିହାରେ ଏ ନିୟମରେ କିଛି ପରିବର୍ତ୍ତନ କରିଛନ୍ତି । ନୂଆ ନିୟମ ଅନୁଯାୟୀ କୌଣସି ଡାକ୍ତରଖାନାରେ ପ୍ରତ୍ୟାରୋପଣ ସୁବିଧା ନଥିଲେ ବି ସେଠାରେ ଆଇସିୟୁ ଥିଲେ ଅଙ୍ଗଦାନ କରିହେବ । ଏହା ଲାଗୁ ହେବା ପରେ ଅଙ୍ଗଦାନ ଆଉ ଦ୍ରୁତ ଓ ସୁବିଧାଜନକ ହେବ । ବର୍ତ୍ତମାନ ଅଙ୍ଗଦାନ ସହ ଜଡ଼ିତ ଆଇନ କଷ୍ଟକର ଥିବାରୁ ବର୍ଷରେ ମାତ୍ର ୫୦-୬୦ଜଣ ବ୍ୟକ୍ତିହିଁ ଅଙ୍ଗଦାନ କରିପାରୁଛନ୍ତି । ଡାକ୍ତର ଏସବୁ ଅଙ୍ଗକୁ ଶୀଘ୍ର ଏପରି ରୋଗୀଙ୍କ ଠାରେ ପ୍ରତ୍ୟାରୋପଣ କରିଦିଅନ୍ତି ଯାହାଙ୍କୁ ଏହାର ଆବଶ୍ୟକତା ଥାଏ । ଡାକ୍ତରଖାନା ପାଖରେ ଅର୍ଗାନ୍ ଡୋନେସନ୍‌ର ଏକ ୱେଟିଙ୍ଗ ଲିଷ୍ଟ ଥାଏ । ଅଙ୍ଗ ପ୍ରତ୍ୟାରୋପଣ ପାଇଁ ବ୍ଲଡ୍ ଗ୍ରୁପ୍ ମେଳକ ଓ ଅନ୍ୟ କେତେକ ଟେଷ୍ଟ କରାଯାଏ । ଯକୃତ କଢ଼ାଯିବାର ୬ଘଣ୍ଟା ମଧ୍ୟରେ ପ୍ରତ୍ୟାରୋପିତ ହେବା ଆବଶ୍ୟକ । ବୃକକ୍ ୧୨ ଘଣ୍ଟା ମଧ୍ୟରେ ଓ ଆଖି ୩ ଦିନ ମଧ୍ୟରେ ଲଗାଇ ଦିଆଯିବା ଆବଶ୍ୟକ । ଦାତାଙ୍କ ଶରୀରରୁ କଢ଼ାଯାଇଥିବା ଅଙ୍ଗ ଯେତେ ଶୀଘ୍ର ପ୍ରତ୍ୟାରୋପଣ କରାଯାଏ ତାର କାମ କରିବା କ୍ଷମତା ଓ ସମ୍ଭାବନା ସେତେ ଅଧିକ ହୋଇଯାଏ । ନିଜ ମୃତ୍ୟୁ ପରେ ଚକ୍ଷୁଦାନ କରିବା ସମ୍ପର୍କରେ ନିଷ୍ପତ୍ତି ଯେ କୌଣସି ବ୍ୟକ୍ତି ନେଇପାରିବେ, ଏହାର କୌଣସି ସର୍ବୋଚ୍ଚ ବୟସ ସୀମା ନାହିଁ । ଜୀବିତ ବ୍ୟକ୍ତି ଆଖିଦାନ କରିପାରିବେ ନାହିଁ । ଆଖିରେ ସମସ୍ୟା ଥିଲେ, ମଧୁମେହ ରୋଗୀ ହୋଇଥିଲେ ବି ଜଣେ ଚକ୍ଷୁଦାନ କରିପାରିବ । ଏପରିକି ଅପ୍ଟିକାଲ ନର୍ଭ ସମସ୍ୟା ଯୋଗୁଁ ଦୃଷ୍ଟିହୀନ ହୋଇଥିବା ବ୍ୟକ୍ତିଙ୍କର ସୁସ୍ଥ କନିନିକା (କର୍ଣ୍ଣିଆ) ମଧ୍ୟ ଦାନ କରାଯାଇପାରିବ । କର୍ଣ୍ଣିଆରେ ରକ୍ତକୋଷ ନଥିବାରୁ ଏହା ଯେକୌଣସି ବ୍ୟକ୍ତିଠାରେ ପ୍ରତ୍ୟାରୋପିତ ହୋଇପାରିବ । ଏଥିପାଇଁ ମେଳକ ଆବଶ୍ୟକ ହୁଏ ନାହିଁ । ଯଦି କୌଣସି ମୃତ ବ୍ୟକ୍ତିର ଆଖି ଦାନ କରିବାକୁ ହୁଏ କିମ୍ବା ଜୀବିତ ବ୍ୟକ୍ତି ଚକ୍ଷୁଦାନ କରିବାକୁ ଚାହାନ୍ତି ତେବେ ଏଥିପାଇଁ ଫର୍ମ ପୂରଣ କରିବାକୁ ଚକ୍ଷୁବ୍ୟାଙ୍କ ସହ ଯୋଗାଯୋଗ କରିବାକୁ ହେବ । ଆପଣ ଯେଉଁ ଅଙ୍ଗଦାନ କରିବାକୁ ଚାହୁଁଛନ୍ତି ସେଥିପାଇଁ ଉଦ୍ଦିଷ୍ଟ ଫର୍ମରେ ଉଲ୍ଲେଖି କରିପାରିବେ । ଏହାପରେ ଆପଣଙ୍କୁ ଏକ ଡୋନ୍‌ର କାର୍ଡ଼ ମିଳିବ । ଯଦି ଆପଣ ଏ ସମ୍ପର୍କରେ ନିଜ ପରିଜନଙ୍କୁ ନଜଣାନ୍ତି, ତେବେ ଏହାର କୌଣସି ମୂଲ୍ୟ ରହିବ ନାହିଁ । କାରଣ ଆପଣଙ୍କ ମୃତ୍ୟୁ ପରେ ସେମାନେ ହିଁ ଔପଚାରିକ ଭାବେ ଏହାକୁ ଦାନ କରିବେ । ପରିଜନ ଚାହିଁଲେ ଆପଣ ଫର୍ମ ପୂରଣ କରିନଥିଲେ ବି ଅଙ୍ଗଦାନ କରିପାରିବେ । ଆଖି ବ୍ୟତୀତ ଅନ୍ୟ କୌଣସି ଅଙ୍ଗ ଦାନ କରିବା ପାଇଁ କାହାକୁ ଯୋଗାଯୋଗ କରିବାକୁ ହୁଏନି । କାରଣ କେବଳ ବ୍ରେନ୍ ଡେଥ୍ ଘୋଷିତ ହେବା ପରେ ଡାକ୍ତରମାନେ ଲାଇଫ୍ ସର୍ପୋଟ ସିଷ୍ଟମରେ ରଖିଲେ ହିଁ ଅନ୍ୟ ଅଙ୍ଗ ଦାନ ହୋଇପାରିବ । ଅଙ୍ଗଦାନ କରିବା ପାଇଁ ପରିଜନଙ୍କୁ କୌଣସି ଖର୍ଚ୍ଚ କରିବାକୁ ହୁଏ ନାହିଁ । ଜୀବିତ ବ୍ୟକ୍ତି ଅଙ୍ଗଦାନ କରିବା ପ୍ରକ୍ରିୟାରେ ଆଇନଗତ ପ୍ରତିବନ୍ଧକ ଅଛି । ପରିସ୍ଥିତିର ସମ୍ପୂର୍ଣ୍ଣ ଆକଳନ ପରେ ହିଁ ଏପରି କରିବା ସମ୍ଭବ । ଆମ ଦେଶରେ ‘ଦି ଟ୍ରାନ୍ସପ୍ଲାଣ୍ଟ ଅଫ୍ ହ୍ୟୁମାନ ଅର୍ଗାନ୍ ଆକ୍ଟ-୧୯୯୪’ ଅନୁଯାୟୀ ସମ୍ପୂର୍ଣ୍ଣ ପ୍ରତ୍ୟାରୋପଣ କାର୍ଯ୍ୟକ୍ରମ ହୁଏ । କୌଣସି ବ୍ୟକ୍ତି ଅଙ୍ଗ କିଣାବିକା କରିପାରିବେ ନାହିଁ । ଯେଉଁ ବ୍ୟକ୍ତିଠାରେ ପ୍ରତ୍ୟାରୋପଣ ହେବ କେବଳ ତାର ପରିବାର, ପରିଜନ ଓ ନିକଟତମ ସମ୍ପର୍କୀୟମାନେ ହିଁ ଅଙ୍ଗଦାନ କରିପାରିବେ । ଏହାର ସମ୍ପୂର୍ଣ୍ଣ ଯାଞ୍ଚ ହୁଏ । ଏମାନଙ୍କ ମଧ୍ୟରେ ମାତା-ପିତା, ପତି-ପତ୍ନୀ, ସନ୍ତାନ-ସନ୍ତତି, ଭାଇ-ଭଉଣୀ ଆଦି ସାମିଲ । ଏମାନଙ୍କୁ ପ୍ରଲୋଭନ ଦେଇ ପ୍ରତ୍ୟାରୋପଣ ପାଇଁ ଅଙ୍ଗଦାନ କରାଇବା ମଧ୍ୟ ବେଆଇନ ।

ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

# ଦରଦାମ ନିର୍ଣ୍ଣାୟକ ହୋଇପାରେ

॥ ସୌଭାଗ୍ୟ ରଂଜନ ମହାନ୍ତି ॥

ଦେଶରେ ୨୦୨୪ ସାଧାରଣ ନିର୍ବାଚନ ଆଉ ମାତ୍ର ଆଠ ମାସରୁ କମ ସମୟ ବାକି ଥିବାବେଳେ ଏନଡିଏ, ଇଣ୍ଡିଆ(ଇନଡିଆ) ଏବଂ ଏହି ଦୁଇ ମେଂଟରୁ ବାହାରେ ଥିବା ରାଜନୈତିକ ଦଳଗୁଡିକ ଏବେ ନିର୍ବାଚନ ପ୍ରସ୍ତୁତି ଆରମ୍ଭ ଦେଇଛନ୍ତି। କେଉଁ କେଉଁ ପ୍ରସଙ୍ଗ ନେଇ ସେମାନେ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହେବେ, ସେ ନେଇ ମଧ୍ୟ ବ୍ୟାପକ ବିଚାର ବିମର୍ଷ ଆରମ୍ଭ କରିଦେଲେଣି ନିର୍ବାଚନ ସମୟ ଯେତିକି ଯେତିକି ପାଖେଇ ଆସୁଛି, ଦେଶରେ ବିଭିନ୍ନ ଅତ୍ୟାବଶ୍ୟକୀୟ ଖାଦ୍ୟ ସାମଗ୍ରୀ ସମେତ ବିଭିନ୍ନ ସାମଗ୍ରୀର ଦରଦାମ ହୁ ହୁ ହୋଇ ବଢିଚାଲିଛି। ଡାଲି, ଚାଉଳ, ଅଟା ଠାରୁ ଆରମ୍ଭ କରି ପନିପରିବା ଦର ଏବେ ଲଗାମ ଛଡା ହୋଇଛି ବୋଲି କହିଲେ ହୁଏତ ଅତିରଂଜିତ ହେବ ନାହିଁ। କେବଳ ଖାଦ୍ୟ ସାମଗ୍ରୀ ନୁହେଁ, ଇନ୍ଧନ ଗ୍ୟାସ ମଧ୍ୟ ଏବେ ଉପର ମୁହାଁ। ଗତ ୨୦୧୪ରେ ବିଜେପି କ୍ଷମତାକୁ ଆସିବା ବେଳେ ଦେଶରେ ରନ୍ଧନ ଗ୍ୟାସ ସିଲିଣ୍ଡର ପିଛା ମୂଲ୍ୟ ୪୯୮ ଟଙ୍କା ଥିବାବେଳେ ଏବେ ବିଜେପି ନେତୃତ୍ୱରେ ଏନଡିଏ ଶାସନର ୯ବର୍ଷ ପରେ ୧୧୨୭ ଟଙ୍କାରେ ପହଁଚିଛି। ଯାହାକି ୩ଗୁଣ ବୃଦ୍ଧି ପାଇଛି ସେହିପରି ପେଟ୍ରୋଲ ଓ ଡିଜେଲର ଲିଟର ପିଛା ମୂଲ୍ୟ ଏବେ ଶହେ ଟଙ୍କା ଉପରେ ରହିଛି। ଅବଶ୍ୟ ଗତ ୧୭ମାସ ଧରି ଏହାର ଦୈନନ୍ଦିନ ମୂଲ୍ୟ ବୃଦ୍ଧି ଘଟିନାହିଁ। ମାତ୍ର ଆନ୍ତର୍ଜାତିକ ବଜାରରେ ଅଶୋଧିତ ତେଲର ବ୍ୟାରେଲ ପିଛା ମୂଲ୍ୟ ଏବେ ଆଶାତୀତ ଭାବେ ହ୍ରାସ ପାଇଥିଲେ ମଧ୍ୟ ଦେଶରେ ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସର ମୂଲ୍ୟ ବଢୁଛି ସିନା କମିବାର ନାଁ ଧରୁନାହିଁ। ଏହା ନିଶ୍ଚିତ ଯେ, ପେଟ୍ରୋଲ, ଡିଜେଲ ଏବଂ ରନ୍ଧନ ଗ୍ୟାସର ମୂଲ୍ୟ ବୃଦ୍ଧି ଦେଶରେ ବିଭିନ୍ନ ସାମଗ୍ରୀର ପରିବହନ ଜନିତ ବ୍ୟୟ ବୃଦ୍ଧି କରିଥିବାବେଳେ ସାମଗ୍ରୀର ମୂଲ୍ୟ ମଧ୍ୟ ବୃଦ୍ଧି କରିଛି। ଉଲ୍ଲେଖଯୋଗ୍ୟ ଯେ, ଆମ ଦେଶରେ ଗୋଟିଏ ଦଶନ୍ଧି ପୂର୍ବରୁ ଯେତେବେଳେ ପେଟ୍ରୋଲ, ଡିଜେଲର ମୂଲ୍ୟ ବୃଦ୍ଧି ପାଉଥିଲା, ସେତେବେଳେ ବିରୋଧି ରାଜନୈତିକ ଦଳଗୁଡିକ ପ୍ରତିବାଦର କୌଣସି ସୁଯୋଗ ହାତଛଡା କରୁନଥିଲେ। ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ସବୁଆଡେ ପ୍ରତିବାଦରେ କମ୍ପି ଉଠୁଥିଲା। ଏପରି କି ତୈଳ ଦର ବୃଦ୍ଧି ପ୍ରତିବାଦରେ ବନ୍ଦ ପାଳନର ବହୁ ନଜୀର ମଧ୍ୟ ରହିଛି। ମାତ୍ର ଏବେ ଆଉ ସେପରି ସ୍ଥିତି ନାହିଁ। ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସର ମୂଲ୍ୟ ବଢିଲେ ମଧ୍ୟ ଆଉ ପ୍ରତିବାଦର ସ୍ୱର ଶୁଭୁନାହିଁ। କେବଳ ଏତିକି ନୁହେଁ, ଦରଦାମ ବୃଦ୍ଧି ପ୍ରସଙ୍ଗ ନିର୍ବାଚନରେ ଶାସକ ଦଳ ବିରୁଦ୍ଧରେ ବିରୋଧି ଦଳର ମୁଖ୍ୟ ଆୟୁଦ୍ଧ ଥିଲା। ଦରଦାମ ବୃଦ୍ଧି ପ୍ରସଙ୍ଗକୁ ନେଇ ଅତୀତରେ ବହୁ ସରକାର କ୍ଷମତାଚ୍ୟୁତ ହୋଇଛନ୍ତି। ସ୍ମରଣ ଯୋଗ୍ୟ ଯେ, ପିଆଜର କିଲୋ ପିଛା ମୂଲ୍ୟ ୪୦ଟଙ୍କା ଟପିଯିବା ଯୋଗୁଁ ୨୫ବର୍ଷ ତଳେ ବିଜେପି ଚାରୋଟି ରାଜ୍ୟ ତଥା ମଧ୍ୟପ୍ରଦେଶ, ରାଜସ୍ଥାନ, ଦିଲ୍ଲୀ ଏବଂ ହିମାଚଳ ପ୍ରଦେଶରେ କ୍ଷମତାଚ୍ୟୁତ ହୋଇଥିଲା। ଏହାର ପରବର୍ତୀ ସମୟରେ ବହୁବାର ପିଆଜର ମୂଲ୍ୟ ଶହେ ଟଙ୍କା ଟପିଥଲେ ମଧ୍ୟ ନିର୍ବାଚନ ଉପରେ ଏହାର କୌଣସି ପ୍ରଭାବ ପଡୁଥିବ ମନେହୁଏ ନାହିଁ। ଏବେ ଟମାଟୋର କିଲୋ ପିଛା ଦର ୨୦୦ଟଙ୍କା ଉପରେ ରହିଛି। ଯାହାକି ସର୍ବକାଳୀନ ରେକର୍ଡ ବୋଲି କୁହାଯାଇପାରେ । କେବଳ ଟମାଟୋ ନୁହେଁ ଡାଲି, ଚାଉଳ, ଅଟା’ର ମୂଲ୍ୟ ମଧ୍ୟ ଆକାଶଛୁଆଁ ହୋଇଛି। ଗରିବ, ମଧବିତ ପରିବାର ହାଣ୍ଡିଶାଳ ଉପରେ ସିଧାସଳଖ ଚଡକ ପଡିଛି ବୋଲି କହିଲେ ହୁଏତ ଭୁଲ ହୋଇନପାରେ। ଏବେ କୌଣସି ଏକ ସାମଗ୍ରୀର ଆକାଶଛୁଆଁ ମୂଲ୍ୟ ବୃଦ୍ଧି ସାଧାରଣ ନିର୍ବାଚନକୁ ପ୍ରଭାବିତ କରିବାର ଆଦୌ ସମ୍ଭାବନା ଥାଇନପାରେ। କିନ୍ତୁ ଭୋଟଦାତାଙ୍କ ପେଟର ଜ୍ୱାଳା ସରକାରଙ୍କୁ କ୍ଷମତାଚ୍ୟୁତ କରିବାର ଆଶଙ୍କାକୁ ଅଣଦେଖା କରାଯାଇନପାରେ। ଅନ୍ୟପକ୍ଷରେ ନିର୍ବାଚନରେ ଭୋଟଦାତାଙ୍କୁ ଆକର୍ଷିତ କରିବା ପାଇଁ ମାଗଣା ସାମଗ୍ରୀ ବଂଟନ ସହ ଲୋଭନୀୟ ଜନକଲ୍ୟାଣକାରୀ ଯୋଜନାର ପ୍ରତିଶ୍ରୁତି ଘୋଷଣା ରାଜନୈତିକ ଦଳମାନଙ୍କର ଏକ ପରମ୍ପରାରେ ପରିଣତ ହୋଇଗଲାଣି। ରାଜନୈତିକ ଦଳଗୁଡିକର ଲୋଭନୀୟ ମାଗଣା ଘୋଷଣା ନିକଟରେ ଦରଦାମ ବୃଦ୍ଧି ପ୍ରଭାବ ହୀନ ହୋଇପଡୁଥିବା ମନେହୁଏ। ନିକଟରେ ପ୍ରଧାନମନ୍ତ୍ରୀ ଭାରତକୁ ତୃତୀୟ ଅର୍ଥନୈତିକ ଶକ୍ତିରେ ପରିଣତ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ସାଧାରଣ ନିର୍ବାଚନରେ ଏହା କି ପ୍ରଭାବ ପକାଇବ, ଭବିଷ୍ୟତ ହିଁ କହିବ। ଅତୀତରେ ସ୍ୱର୍ଗତ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସରକାର ଦେଶରେ ଆର୍ଥୀକ ସଂସ୍କାରକୁ ଆଗଇେ ନେବା ସହ ଆର୍ଥୀକ ଅଭିବୃଦ୍ଧି ୮.୫ ପ୍ରତିଶତରେ ପହଁଚାଇଥିଲେ। ମାତ୍ର ୨୦୦୪ ନିର୍ବାଚନରେ ସରକାର କ୍ଷମତାଚ୍ୟୁତ ହୋଇଥିଲା। ୨୦୧୩ ମସିହାରେ ପ୍ରଧାନମନ୍ତ୍ରୀ ଡଃ ମନମୋହନ ସିଂହଙ୍କ ନେତୃତ୍ୱାଧୀନ ସରକାର ଲୋକଙ୍କ ନିକଟରେ ବିଭିନ୍ନ ଯୋଜନାର ଆର୍ଥୀକ ସହାୟତା ପହଁଚାଇବା ଲାଗି ହିତାଧିକାରୀଙ୍କ ଖାତାକୁ ସିଧାସଳଖ ଅର୍ଥ ହସ୍ତାନ୍ତର (ଡିବିଟି) ଯୋଜନା ସହ ଲୋକାଦୃତ ଖାଦ୍ୟ ସୁରକ୍ଷା ଯୋଜନା ଆଇନ ପ୍ରଣୟନ କରିଥିଲେ। ମାତ୍ର ୨୦୧୪ ନିର୍ବାଚନରେ ୟୁପିଏ ଘୋର ବିପର୍ଯ୍ୟାୟ ସମ୍ମୁଖୀନ ହୋଇଥିଲା। ଏବେ କଂଗ୍ରେସ ନିଜର ସତା ରକ୍ଷା କରିବା ପାଇଁ ଲାଗି ପଡିଛି। ଉପରୋକ୍ତ ଘଟଣାବଳୀରୁ ଏହା କୁହାଯାଇପାରେ ଆର୍ଥୀକ ବିକାଶ, ଭୋଟଦାତାଙ୍କ ଉପରେ କୌଣସି ପ୍ରଭାବ ପକାଏ ନାହିଁ କି ପ୍ରଭାବିତ କରେ ନାହିଁ। ମାତ୍ର ଦରଦାମ ବୃଦ୍ଧିକୁ ଭୋଟଦାତା ସାମୟିକ ପାଶୋରୀ ଯାନ୍ତି। କିନ୍ତୁ ପେଟର ଜ୍ୱାଳାକୁ ନୁହେଁ। ଏହା ରାଜନୈତିକ ଦଳମାନଙ୍କୁ ମନେ ରଖିବାକୁ ହେବ। ୨୦୨୪ ସାଧାରଣ ନିର୍ବାଚନରେ ଦରଦାମ ବୃଦ୍ଧି ନିର୍ଣ୍ଣାୟକ ଭୂମିକା ନେବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨
ମୋବାଇଲ ନଂ-୯୪୩୭୯୯୪୩୭୯

# ଭାବନାତ୍ମକ ଅପହରଣ ଓ ଅବସାଦ

॥ ଡାକ୍ତର ସମ୍ରାଟ କର ॥

ବହୁତ ବ୍ୟସ୍ତତା ଭିତରେ ବାରମ୍ବାର ଫୋନ କଲାପରେ ଅନୁଲିପ ବନ୍ଧୁ ଅନୁଜ ପ୍ରତିମ ଶ୍ରୀକାନ୍ତର ଫୋନଟି ସେଦିନ ବହୁତ ବ୍ୟସ୍ତଭରା ଥିଲା। ସେ ବିଶେଷ ଭାବେ ବ୍ୟସ୍ତ ଥିଲା ତାର ବନ୍ଧୁ ସୁପ୍ରୀତି ବିଷୟରେ। ସେ ମୋତେ କହିଲେ ଯେ କିଛି ଘଟଣାକୁ ନେଇ ସୁପ୍ରୀତି ମାନସିକ ଭାବେ ଅସନ୍ତୁଳନରେ ରହିଛି। କିନ୍ତୁ ସେ କାହାକୁ କିଛି ନଜଣାଇ ସହଜେ ଶାରୀରିକ ଭାବେ ଦୁର୍ବଳ ମଧ୍ୟ ହୋଇଗଲାଣି ଏବଂ ଚୁପଚାପ ରହିବା ସହ ତା ଦୈନନ୍ଦିନ କାର୍ଯ୍ୟମଧ ବାଧାପ୍ରାପ୍ତ ହେଉଛି। ସେ ମୋ ଠାରୁ ସବିଶେଷ ଭାବେ ଏ ସଂକ୍ରାନ୍ତରେ ଜାଣିବା ପାଇଁ ଚାହୁଁଥିଲେ ମୁଁ ତାଙ୍କୁ କହିଲି ଏସବୁ ଘଟଣା ହେଉଛି, ସ୍ୱାସ୍ଥ୍ୟ ସମସ୍ୟା, ସମ୍ପର୍କ ସମସ୍ୟା, ଚାକିରି ହରାଇବା, ଅର୍ଥ ସଙ୍କଟ, ଏସବୁ ବିଷୟରେ ଲୋକମାନେ ଭାବି ଚିନ୍ତା ଏବଂ ଅବସାଦରେ ରହନ୍ତି। କିଛି ଅବସାଦଗ୍ରସ୍ତ ଲୋକ ଏସବୁ ସମସ୍ୟାରୁ ମୁକ୍ତି ପାଇବା ପାଇଁ ଆତ୍ମହତ୍ୟାର ରାସ୍ତା ବାଛିଥାନ୍ତି। ଆମ ମାନସିକ ସ୍ୱାସ୍ଥ୍ୟ କେତେ ଦୁର୍ବଳ ଏଥିରୁ ଜଣାପଡ଼େ। ଚିନ୍ତା, ଅବସାଦ ପରି ସେମିତି ଏକ ମାନସିକ ସମସ୍ୟା ହେଉଛି ଇମୋସନାଲ ହାଇଜ୍ୟାକ୍।

ଏହି ମାନସିକ ସ୍ଥିତି ବିଷୟରେ ଅଧିକାଂଶ ଲୋକ ଜାଣିପାରନ୍ତି ନାହିଁ। ଅବସାଦ ପରି ଇମୋସନାଲ ହାଇଜ୍ୟାକ୍ ମଧ୍ୟ ଏକ ପ୍ରକାର ମାନସିକ ସମସ୍ୟା। ଭାବନାତ୍ମକ ଅପହରଣ ବା ଇମୋସନାଲ ହାଇଜ୍ୟାକ ଏମିତି ଏକ ମାନସିକ ସ୍ଥିତି, ଯାହା ଜଣେ ବ୍ୟକ୍ତିର ଭାବନା ଏବଂ ବିଚାର କରିବାର ଅନୁଭବ ଠାରୁ ଦୂରକୁ ନେଇଯାଏ। ଏହି ଅବସ୍ଥାରେ ବ୍ୟକ୍ତି ନିଜର ସ୍ୱତନ୍ତ୍ରତା ଏବଂ ସ୍ୱୟଂ ପ୍ରତି ନିୟନ୍ତ୍ରଣ ହରାଇ ବସେ ଏବଂ ନିଜର ଜୀବନକୁ ବୁଝିବା ଏବଂ ନିୟନ୍ତ୍ରଣ କରିବାରେ ସମସ୍ୟା ହୋଇଥାଏ। ଯେଉଁଥିରେ ଏହା ଜଣେ ବ୍ୟକ୍ତିର ସାମାଜିକ ଏବଂ ବ୍ୟକ୍ତିଗତ ଜୀବନକୁ ପ୍ରଭାବିତ କରିଥାଏ। ଉଦାହରଣ ସ୍ୱରୂପ ବେଳେ ବେଳେ ଆମେ ଭୁଲ କଲେ ମଧ୍ୟ ସେହି ଭୁଲ ବିଷୟରେ ଚିନ୍ତା କରିନଥାଉ। କିନ୍ତୁ ଇମୋସନାଲ ହାଇଜ୍ୟାକିଙ୍ଗ ସ୍ଥିତିରେ ଘଟଣା ଘଟିବା ପରେ ନିଜ ଦ୍ୱାରା ଦିଆଯାଇଥିବା ପ୍ରତିକ୍ରିୟା ବିଷୟରେ ଭାବିଥାଉ ଆମେ ଏମିତି କାହିଁକି କଲୁ। ଏମିତି କରିବାର ନଥିଲା। ଯଦି ଆହୁରି ସହଜ ଶବ୍ଦରେ ବୁଝିବେ, ତାହେଲେ ବିନା କାରଣରୁ ଯଦି ଆପଣ କାହାକୁ ପାଟିକରିବେ କିମ୍ବା ଅନ୍ୟ କାହାର ଭୁଲ ପାଇଁ ନିଜର ପିଲାକୁ କିମ୍ବା ନିଜ ପରିବାର ଲୋକଙ୍କ ଉପରେ ଚିଲାଇବେ। ପରେ ଏହି ବିଷୟରେ ଭାବିବେ ଆପଣ କାହିଁକି ଏମିତି କଲେ ? ଏମିତି ସ୍ଥିତିକୁ ଇମୋସନାଲ ହାଇଜ୍ୟାକ ବା ଆମିଗଡ଼ାଲା ହାଇଜ୍ୟାକ କୁହାଯାଇଥାଏ। କେବେ କେବେ ଏହି ଘଟଣା ସାଧାରଣ ହୋଇଥାଏ। କିନ୍ତୁ ଆପଣଙ୍କ ସହିତ କିମ୍ବା ଆପଣଙ୍କ ସାଙ୍ଗସାଥିଙ୍କ ସହିତ ଏମିତି ବାରମ୍ବାର ହେଉଥିଲେ ସତର୍କ ହୁଅନ୍ତୁ। କାରଣ ଏହା ଇମୋସନାଲ ହାଇଜ୍ୟାକିଙ୍ଗ ସମସ୍ୟା ହୋଇପାରେ। କୌଣସି କାରଣରୁ ରାଗିବା, ମନରେ ଭୟ ସୃଷ୍ଟି ହେବା, ଆବଶ୍ୟକତା ଠାରୁ ଅଧିକ କାହାକୁ ଭଲ ପାଇବା, ନିଜକୁ ଘୃଣା କରିବା, କୌଣସି କଥା ପାଇଁ ନିରାଶ ରହିବା ଏସବୁ ଇମୋସନାଲ ହାଇଜ୍ୟାକିଙ୍ଗ ସ୍ଥିତି ସୃଷ୍ଟି କରିଥାଏ। ଏସବୁ କ୍ଷେତ୍ରରେ ରୋଗୀଟିର ଆଖପାଖ ଲୋକଙ୍କର ଗୁରୁ ଦାୟିତ୍ୱ ରହିଛି। ସେମାନେ ସବୁବେଳେ ତା ପାଖେ ପାଖେ ରହିବା ସହ ତାକୁ ମାନସିକ ଭାବେ ସମର୍ଥନ ଓ ସହାନୁଭୂତି ଦିଅନ୍ତୁ। ତାଙ୍କୁ ନିଃସଙ୍ଗ ବା ଏକଲାପଣ ଠାରୁ ଦୂରେଇ ରଖନ୍ତୁ। ସେ ଯେପରି ଏକ ଭଲ ସ୍ୱାସ୍ଥ୍ୟଗତ ରୁଟିନରେ ରହିବେ ସେ ଦିଗ ପ୍ରତି ସଚେତନ ରୁହନ୍ତୁ। ତାଙ୍କ ପାଇଁ ସୁଷମ ଖାଦ୍ୟ ଭଲ ସେ ଯେପରି ସମସ୍ତ ପ୍ରକାର ନିଶା ଦ୍ରବ୍ୟ ଠାରୁ ଦୂରେଇ ରହିବେ ସେ ଦିଗକୁ ଦେଖନ୍ତୁ। ଏହା ସେପରି ଏକ ମାନସିକ ରୋଗ ନୁହେଁ। କିନ୍ତୁ ନିୟମିତ ଭାବେ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।

ମାନସିକ ରୋଗ ବିଶେଷଜ୍ଞ, ଦି’ବ୍ରେନ୍, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩

# ପେଟ୍ରୋଲ, ଡିଜେଲ ପାଇଁ ଅସମ୍ଭାଳ ସ୍ଥିତି : ସକାଳ ୫ ରୁ ମଧ୍ୟରାତ୍ରି ପର୍ଯ୍ୟନ୍ତ ଗାଡି ତେଲ ଟାଙ୍କିରେ ଭିଡ଼

ନୟାଗଡ, (ମହାଭାରତ) : ସକାଳ ୫ଟା ରୁ ରାତି ୧୨ଟା ଯେତେବେଳେ ବି ଦେଖିବ ନୟାଗଡ଼ ଜିଲ୍ଲାରେ ଥିବା ପ୍ରାୟ ସମସ୍ତ ଗାଡି ତେଲ ଟାଙ୍କିରେ ନାହିଁ ନଥିବା ଭିଡ଼। ପରିସ୍ଥିତି ଏପରି ହେଲାଣି ଯେ ଟାଙ୍କି ଗୁଡ଼ିକ ରେ ପୁଲିସ ମୁତୟନ କରିବାକୁ ଜିଲ୍ଲା ପୁଲିସ ଏକ ପ୍ରକାର ବାଧ୍ୟ ହେଲାଣି। ପେଟ୍ରୋଲ ଓ ଡିଜେଲ ଆଉ ପର୍ଯ୍ୟାପ୍ତ ପରିମାଣରେ ମିଳିବ ନାହିଁ ବୋଲି ପ୍ରଚାରିତ ଗୁଜବ ଯୋଗୁଁ ଧୀରେ ଧୀରେ ପରିସ୍ଥିତି ଜଟିଳ ହୋଇପଡ଼ିଲାଣି। ଲୋକ ମାନେ ସତେ ଯେମିତି ଆଉ କାହା କଥା ଶୁଣିବାକୁ ପ୍ରସ୍ତୁତ ନାହାନ୍ତି। କଷ୍ଟ ହେଉ ପଛେ ଟାଙ୍କି ଗୁଡ଼ିକ ରେ ଘଣ୍ଟା ଘଣ୍ଟା ଧରି ପେଟ୍ରୋଲ-ଡିଜେଲ ପାଇଁ ଭିଡ଼ ଲଗାଉଥିବା ଦେଖିବାକୁ ମିଳିଛି। ଏ ନେଇ ଜିଲ୍ଲାପାଳ ମଧୁମିତା ରଥ କୁହନ୍ତି,



ଘଟଣା ଉପରେ ସମ୍ପୂର୍ଣ୍ଣ ନଜର ରଖାଯାଇଛି। ଏସ୍ ?ପିଙ୍କ ସହ ଏ ନେଇ ଆଲୋଚନା କରାଯାଇଛି। ପେଟ୍ରୋଲ ଟାଙ୍କିରେ ଯେପରି ଶୃଙ୍ଖଳିତ ପରିବେଶ ବଜାୟ ରହିବ, ସେଥିପାଇଁ ପୁଲିସ ମୁତୟନ କରାଯାଉଛି। ଏହାସହ ଯୋଗାଣ ବିଭାଗ ଅଧିକାରୀ ମାନଙ୍କୁ ମଧ୍ୟ ପେଟ୍ରୋଲ ଟାଙ୍କି ଉପରେ ନଜର ରଖିବାକୁ କୁହାଯାଇଛି। ଜିଲ୍ଲାର ସମସ୍ତ ଟାଙ୍କିରେ ପର୍ଯ୍ୟାପ୍ତ ପରିମାଣରେ ତେଲ ମହଜୁଦ୍ ଅଛି। ଏଣୁ ଗୁଜବରେ ବିଶ୍ୱାସ ନକରିବା ପାଇଁ ସମସ୍ତଙ୍କୁ ସେ ପରାମର୍ଶ ଦେଇଛନ୍ତି। ନୟାଗଡ଼ ସହରରେ କଲେଜ ଛକ ନିକଟ, ବଲାଙ୍ଗୀ ପାର୍କ ସାମ୍ନା, ଲେଙ୍କୁଡ଼ିପଡ଼ା ଛକ, ପିଡବ୍ଲୁଡି ଲେନ୍ ନିକଟ ସମେତ ଅନ୍ୟ ଦୁଇଟି ପେଟ୍ରୋଲ ପମ୍ପରେ ନାହିଁ ନଥିବା ଭିଡ଼ ଦେଖିବାକୁ ମିଳିଛି। ପୂର୍ବରୁ ଟଙ୍କାଟିଏ ତେଲ ବଢିଲେ ବି ପ୍ରତିକ୍ରିୟାଶୀଳ ହୋଇପଡୁଥିବା ଜନସାଧାରଣଙ୍କର ଆଜି କିନ୍ତୁ ତିନି ଟଙ୍କା ଦର ବୃଦ୍ଧିକୁ ନେଇ ତିଳେ ମାତ୍ରେ ଚିନ୍ତା ଥିବା ପରି ମନେ ହେଉ ନଥିଲା। ଦର ବୃଦ୍ଧି ହେଉ ପଛେ ଗାଡ଼ି ଟାଙ୍କିରେ କେମିତି ତେଲ ପଶିଯାଉ, ଏହି ଚିନ୍ତା ଏବେ ସମସ୍ତଙ୍କୁ ଘାରିଛି। ଲୋକଙ୍କ ଭିଡ଼କୁ ଦୃଷ୍ଟିରେ ରଖି କିଛି ଟାଙ୍କି ମାଲିକ ବାଇକ୍ ଓ କାର୍ ପାଇଁ ନିର୍ଦ୍ଦିଷ୍ଟ ପରିମାଣର ତେଲ ଦେଉଛନ୍ତି। ଯାହାକି ଘଣ୍ଟାଘଣ୍ଟା ଧରି ଅପେକ୍ଷା କରି ରହୁଥିବା ଗ୍ରାହକ ମାନଙ୍କୁ ବେଶ୍ ଅସନ୍ତୋଷ ଆଣି ଦେଇଛି। ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବା ପରେ ଅନେକ ସମୟରେ ଗ୍ରାହକ ଓ ତେଲ ଟାଙ୍କି କର୍ମଚାରୀଙ୍କ ମଧ୍ୟରେ ପାଟିତୁଣ୍ଡ ହେଉଥିବା ଦେଖିବାକୁ ମିଳୁଛି। କିଛି ଦିନ ତଳେ ଏଲ୍ ?ପିଜି ଗ୍ୟାସ୍ ସିଲିଣ୍ଡର କୁ ନେଇ ଯେମିତି ପରିସ୍ଥିତି ସୃଷ୍ଟି ହୋଇଥିଲା। ବର୍ତ୍ତମାନ ଗାଡ଼ି ତେଲ ପାଇଁ ସମାନ ଅବସ୍ଥା ଦେଖିବାକୁ ମିଳୁଛି। ଏ ଦିଗରେ ଜିଲ୍ଲା ପ୍ରଶାସନ ଓ ପୁଲିସ ମିଳିତ ଭାବେ ପଦକ୍ଷେପ ନନେଲେ ପରିସ୍ଥିତି ଧୀରେ ଧୀରେ ଅଣାୟତ ହୋଇପଡ଼ିବ, ଏଥିରେ ସନ୍ଦେହ ନାହିଁ। ପେଟ୍ରୋଲ ଟାଙ୍କି ମାଲିକ ସନ୍ତୋଷ ପ୍ରଧାନଙ୍କ ସୂଚନା ମୁତାବକ, ପର୍ଯ୍ୟାପ୍ତ ପରିମାଣରେ ତେଲ ମହଜୁଦ୍ ଅଛି। ଗ୍ରାହକ ମାନେ ଅଯଥାରେ ଭିଡ଼ ଜମାଉଛନ୍ତି। ଯାହାର ଯେତେ ଆବଶ୍ୟକତା ସେତିକି ତେଲ ନିଅନ୍ତୁ। ଅଯଥାରେ ତେଲ ସଂରକ୍ଷିତ ରଖିବା ପାଇଁ ପ୍ରୟାସ କରିବା ଆବଶ୍ୟକ ନାହିଁ।

## ଦୁଇ ଟ୍ରାକ୍ଟର ମାଡି ବସିଲେ ଉପଜିଲ୍ଲାପାଳ

କପ୍ତିପଦା, (ମହାଭାରତ ) : ସକାଳୁ ସକାଳୁ ଚଢ଼ାଉ, ବିଭିନ୍ନ ବେଆଇନ ବାଲି ଚାଲାଣ ଉପରେ ଚଢ଼ାଉ କରି ଦୁଇ ଗୋଟି ଟ୍ରାକ୍ଟର ଜବତ କରାଯାଇଛି। କପ୍ତିପଦା ଉପଖଣ୍ଡ ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ ଆଜି ସକାଳୁ ଉଦଳା ଥାନା ବୈରାଟପୁର ଏବଂ ମସଜିଦ ଛକ ନିକଟରେ ଚଢ଼ାଉ କରିଥିଲେ। ଏହି ସମୟରେ ବେଆଇନ ବାଲି ନେଉଥିବା ଦୁଇ ଟ୍ରାକ୍ଟର କୁ ଜବତ କରିଛି। ବୈରାଟପୁର ଗ୍ରାମ ନିକଟରେ ବେଆଇନ ବାଲି ନେଇ ଯାଉଥିବା ଏକ ଟ୍ରାକ୍ଟର କୁ ଉପଜିଲ୍ଲାପାଳ ଧରିବାକୁ ଗୋଡ଼ାଇ ଥିବା ବେଳେ ଟ୍ରାକ୍ଟର ଚାଳକ ବାଲି ଅନଲୋଡ଼ କରି ଦେଇଥିଲେ, ହେଲେ ଉକ୍ତ ଟ୍ରାକ୍ଟର କୁ ଉପଜିଲ୍ଲାପାଳ ଜବତ କରିଥିବା ବେଳେ ଉଦଳା ବଜାର ମସଜିଦ ଛକ ନିକଟରେ ମଧ୍ୟ ସମାନ ଢଙ୍ଗରେ ଚଢ଼ାଉ କରି ଟ୍ରାକ୍ଟର ଜବତ କରାଯାଇଛି। ଜବତ ଦୁଇ ଟ୍ରାକ୍ଟର କୁ ଥାନାରେ ରଖାଯାଇଛି।

## ତ୍ୱରାନ୍ୱିତ ହେବ ସ୍ୱତନ୍ତ୍ର ସଘନ ସଂଶୋଧନ

ଭବାନୀପାଟଣା,/ଜୁନାଗଡ଼ (ମହାଭାରତ) :କଳାହାଣ୍ଡି ଜିଲ୍ଲାରେ ଆସନ୍ତା ସ୍ୱତନ୍ତ୍ର ସଘନ ସଂଶୋଧନ -୨୦୨୬ କାର୍ଯ୍ୟକ୍ରମକୁ ସୁଚାରୁ, ସ୍ୱଚ୍ଛ ଓ ସଫଳ ଭାବେ ପରିଚାଳନା କରିବା ନିମନ୍ତେ ଆଜି ତା.୧୫.୦୫.୨୦୨୬ ରେ ଓସ୍ୱାନ୍ ଗୃହରେ ଏକ ପ୍ରସ୍ତୁତିମୂଳକ ବୈଠକ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀ ପାଓ୍ୱାର ସଚିନ୍ ପ୍ରକାଶ ଭା.ପ୍ର.ସେ. ବୈଠକରେ ଅଧ୍ୟକ୍ଷତା କରିଥିଲେ ।ବୈଠକ ଆରମ୍ଭରେ ଡେପୁଟି କଲେକ୍ଟର (ନିର୍ବାଚନ) ଶ୍ରୀ ଅବିନାଶ ଦଳେଇ, ଓ.ପ୍ର.ସେ. ସମସ୍ତ ଉପସ୍ଥିତ ଅଧିକାରୀମାନଙ୍କୁ ସ୍ୱାଗତ ଜଣାଇଥିଲେ । ବୈଠକରେ ବୁଥ୍ ସ୍ତରୀୟ ଅଧିକାରୀ (ଈଖଡଂ), ନିର୍ବାଚନ ପଞ୍ଜିକରଣ ଅଧିକାରୀ (ରଜଡଂ) ଓ ଅତିରିକ୍ତ ନିର୍ବାଚନ ପଞ୍ଜିକରଣ ଅଧିକାରୀ (ଇରଜଡଂ) ମାନଙ୍କର ଭୂମିକା ଓ ଦାୟିତ୍ୱ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ମତଦାତା ତାଲିକାର ସଠିକତା, ଘରେ ଘରେ ସର୍ବେକ୍ଷଣ, ଯୋଗ୍ୟ ମତଦାତାଙ୍କ ନାମ ଅନ୍ତର୍ଭୁକ୍ତି, ଅଯୋଗ୍ୟ ନାମ ବିଲୋପ ଓ ସମସ୍ତ ନିର୍ବାଚନୀ ପ୍ରକ୍ରିୟାକୁ ସମୟବଦ୍ଧ ଭାବେ ସମାପ୍ତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏହି ବୈଠକରେ ୭୯-ଧର୍ମଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜିକରଣ ଅଧିକାରୀ ତଥା ଉପଜିଲ୍ଲାପାଳ ଧର୍ମଗଡ଼ ପ୍ରେକ୍ଷା ଅଗ୍ରୱାଲ ଭା.ପ୍ର.ସେ., ୮୧-ନର୍ଲା ବିଧାନସଭା ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜିକରଣ ଅଧିକାରୀ ତଥା ମୁଖ୍ୟ ବିକାଶ ଅଧିକାରୀ ଶ୍ରୀ ସୌମ୍ୟରଞ୍ଜନ ପ୍ରଧାନ ଭା.ପ୍ର.ସେ., କଳାହାଣ୍ଡି, ୭୭-ଲାଞ୍ଜିଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜିକରଣ ଅଧିକାରୀ ତଥା - ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନ ଓ.ପ୍ର.ସେ., ୭୮-ଜୁନାଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜିକରଣ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ (ରେଭିନ୍ୟୁ) ଶ୍ରୀ ବୈତୁରା ଦୀପ ଓ.ପ୍ର.ସେ. ଏବଂ ୮୦-ଭବାନୀପାଟଣା ବିଧାନସଭା ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜିକରଣ ଅଧିକାରୀ ତଥା ଉପଜିଲ୍ଲାପାଳ ଭବାନୀପାଟଣା ଶ୍ରୀ ପ୍ରଭାତ କୁମାର ପରିଡା ଓ.ପ୍ର.ସେ., ଅତିରିକ୍ତ ନିର୍ବାଚନ ପଞ୍ଜିକରଣ ଅଧିକାରୀ (ଇରଜଡଂ) ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପୌରପାଳିକା ଭବାନୀପାଟଣା ଶ୍ରୀ ପ୍ରମୋଦ କୁମାର ପାଢୀ ଓ.ପ୍ର.ସେ., ଅତିରିକ୍ତ ନିର୍ବାଚନ ପଞ୍ଜିକରଣ ଅଧିକାରୀ (ଇରଜଡଂ) ତଥା ତହସିଲଦାର କଳାହାଣ୍ଡି ଶ୍ରୀ କ୍ଷିରୋଦ ବିହାରୀ ନାଗ ଓ.ପ୍ର.ସେ. ଏବଂ ସହକାରୀ ନିର୍ଦ୍ଦେଶକ ସଂଚୟ ଏବଂ ଆର୍ଥିକ ସେବା ଅଧିକାରୀ କଳାହାଣ୍ଡି ଶ୍ରୀ ବିବେକାନନ୍ଦ ମହାନନ୍ଦ ଉପସ୍ଥିତ ଥିଲେ ।ସେହିପରି ଅତିରିକ୍ତ ନିର୍ବାଚନ ପଞ୍ଜିକରଣ ଅଧିକାରୀ ତଥା ତହସିଲଦାରମାନେ ଓ ଅନ୍ୟାନ୍ୟ ଅଧିକାରୀମାନେ ମଧ୍ୟ ଡଙଡଇଘ ମାଧ୍ୟମରେ ଭିଡିଓ କନଫରେନ୍ସ ଯୋଗେ ବୈଠକରେ ଯୋଗ ଦେଇଥିଲେ । ଶେଷରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ସମସ୍ତ ସମ୍ପୃକ୍ତ ଅଧିକାରୀଙ୍କୁ ଆବଶ୍ୟକୀୟ ପ୍ରସ୍ତୁତି ସୁନିଶ୍ଚିତ କରିବା ସହ ନିଷ୍ଠା ଓ ସମନ୍ୱୟର ସହିତ କାର୍ଯ୍ୟ ସମ୍ପାଦନ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

## ମେଡ୍‌ପ୍ଲସ୍'ରେ ବିକ୍ରି ହେଉଛି ନକଲି ମହୁ

ଦଶପଲ୍ଲା, (ମହାଭାରତ): ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସେବା ଓ ବିଶ୍ୱାସକୁ ନେଇ ପ୍ରତିଷ୍ଠିତ ଫାର୍ମାସି ଚେନ୍ 'ମେଡ୍‌ପ୍ଲସ୍'ର ସେବା ଓ ସାମଗ୍ରୀର ଗୁଣବତ୍ତା ଉପରେ ଏବେ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରୋଗ ପ୍ରତିରୋଧକ ତଥା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଉପକାରୀ କୁହାଯାଉଥିବା ମହୁରେ ଅପମିଶ୍ରଣ କରାଯାଇ ଏଠାରେ ବିକ୍ରି ହେଉଥିବା ନେଇ ସଙ୍ଗୀନ ଅଭିଯୋଗ ସାମ୍ନାକୁ ଆସିଛି। ଆଉଟ୍‌ଲେଟ୍ ଗୁଡ଼ିକରେ ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ଏହି ସାମଗ୍ରୀ ଉପରକୁ ଶସ୍ତା ମନେ ହେଉଥିଲେ ହେଁ, ବାସ୍ତବରେ ଏହା ଶୁଦ୍ଧ ମହୁ ବଦଳରେ ଚିନି ସିରପ୍ ମିଶ୍ରିତ ନକଲି ମହୁ ବୋଲି ଆଶଙ୍କା କରାଯାଉଛି। ଏଭଳି ଅପମିଶ୍ରିତ ସାମଗ୍ରୀର ନିୟମିତ ସେବନ ଦ୍ୱାରା ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ କେତେ ମାରାତ୍ମକ ପ୍ରଭାବ ପଡୁଥିବ, ତାହା ସହଜେ ଅନୁମେୟ। ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଦୃଷ୍ଟିରୁ ଖାଦ୍ୟ ସୁରକ୍ଷା ବିଭାଗ ତୁରନ୍ତ ଏହାର ନମୁନା ସଂଗ୍ରହ କରି ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦୃଢ଼ ଦାବି ହେଉଛି।

## ଚିକିତ୍ସାରେ ଅର୍ଥ ସାଜିଛି ବାଧକ ! ରକ୍ତ ହୀନତା ପିଡୀତଙ୍କୁ ବ୍ୟାସ ଫାଉଣ୍ଡେସନ ର ସହାୟତା

ପାରାଦୀପ, (ମହାଭାରତ) : ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ବାଲିତୁଠ ପଞ୍ଚାୟତ ବଡଗବପୁର ଗ୍ରାମର ପବିତ୍ର ବେହେରାଙ୍କ ଦୁଇ ବର୍ଷର ଏକମାତ୍ର ପୁତ୍ର କ୍ରିଷ୍ଣା ବେହେରା ଥାଲାସେମିଆ (ରକ୍ତ ହୀନତା) ରୋଗରେ ପିଡୀତ ଅଛନ୍ତି। ସେ କଟକ ବଡ ମେଡିକାଲରେ ପ୍ରତି ମାସରେ ଥରେ ରକ୍ତ ନେବା



ସହିତ ଚିକିତ୍ସିତ ହେଉଛନ୍ତି। କ୍ରିଷ୍ଣା ଘରେ ଥିବା ଅବସ୍ଥାରେ ବ୍ୟାସ ଫାଉଣ୍ଡେସନ ତରଫରୁ ଦୁଇ ବର୍ଷର ଶିଶୁକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ତେବେ ପରିବାରର ଆର୍ଥିକ ଅବସ୍ଥା ଶୋଚନୀୟ,ପବିତ୍ର ପର ଘରେ ଦୀନ ମଜୁରିଆ ଭାବେ କାମ କରି ପରିବାର ପ୍ରତିପୋଷଣ କରନ୍ତି।ନା ଅଛି ଭଲ ଘରେ ଖଣ୍ଡିଏ,ନା ଅଛି ପିଲାର ଚିକିତ୍ସା କରାଇବା ନିମନ୍ତେ ସରକାରୀ ଆୟୁଷ୍ମାନ କାର୍ଡ।ମାଟି ଚାଳ ଛପର ଘରେ ରହି ଅଭାବ ଦୁର୍ଦ୍ଦିନରେ ଗତି କରୁଛନ୍ତି ପବିତ୍ରଙ୍କ ପରିବାର। ଏଯାବତ୍ ସରକାରୀ ସ୍ତରରେ କେହି ସାହାଯ୍ୟ କରିବାକୁ ଆସିନାହାନ୍ତି କି କୌଣସି ସ୍ୱେଚ୍ଛାସେବୀ ସଂଗଠନ ସାହାଯ୍ୟର ହାତ ବଢ଼ାଇ ନଥିବାବେଳେ ପ୍ରଥମ କରି ଏ ଖବର ପାଇ ବ୍ୟାସ ଫାଉଣ୍ଡେସନ ର ଅଧ୍ୟକ୍ଷା ସ୍ନେହମୟୀ ଆଚାର୍ଯ୍ୟ,କୋଷାଧ୍ୟକ୍ଷ ଶରତଚନ୍ଦ୍ର ଦାଶ,ରଞ୍ଜନ କୁମାର ପ୍ରଧାନ,ପଣ୍ଡିତ ଡ଼.ସିଦ୍‌ଧେଶ୍ୱର ପଣ୍ଡା, ପ୍ରଦ୍ୟୁମ୍ନ ରଥ କ୍ରୀଷ୍ଣାଙ୍କ ବଡ଼ଗବପୁର ସ୍ଥିତ ବାସଭବନରେ ପହଁଞ୍ଚି ରାସନ ସାମଗ୍ରୀ ସହିତ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ପକ୍କାଘର ସହିତ ପିଲାଟିର ଚିକିତ୍ସା କରାଇବା ନିମନ୍ତେ ମେଡ଼ିକାଲର ସବୁ ରିପୋର୍ଟ ନେଇ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ରୁ ଆର୍ଥିକ ସହାୟତା ମିଳିପାରିବା ସହିତ ପ୍ରତିମାସରେ ପିଲାଟିକୁ ରକ୍ତ କିପରି ମିଳି ପାରିବ ସେ ଦିଗରେ ଚେଷ୍ଟା କରିବେ ବୋଲି ବ୍ୟାସ ଫାଉଣ୍ଡେସନର ଅଧ୍ୟକ୍ଷା ଶ୍ରୀମତୀ ସ୍ନେହମୟୀ ଆଚାର୍ଯ୍ୟ ପ୍ରଶାସନ ନିକଟରେ ନିବେଦନ କରିଛନ୍ତି।

## କ୍ୟାପିଟାଲ ଇଞ୍ଜିନିୟରିଂକଲେଜର 'କ୍ୟାପକ୍ରେଷ୍ଟ-୨୦୨୬' ଅନୁଷ୍ଠିତ

ଖୋର୍ଦ୍ଧା, (ମହାଭାରତ) : ଖୋରଧା ନିକଟବର୍ତ୍ତୀ ମହତପଲ୍ଲା ଠାରେ ଅବସ୍ଥାପିତ ରାଜ୍ୟର ଅଗ୍ରଣୀ ଶିକ୍ଷାନୁଷ୍ଠାନ କ୍ୟାପିଟାଲ ଇଞ୍ଜିନିୟରିଂ କଲେଜ ର ସାଂସ୍କୃତିକ କାର୍ଯ୍ୟକ୍ରମ 'କ୍ୟାପକ୍ରେଷ୍ଟ'-୨୦୨୬ ଅନୁଷ୍ଠିତ ହୋଇଯାଇଛି କ୍ଷ ଏହି ଅବସରରେ ରାଜ୍ୟର ଖ୍ୟାତନାମା ଡାକ୍ତର ତଥା ଏମ୍ସ ର ପ୍ରତିଷ୍ଠାତା ପରିଚାଳନା ନିର୍ଦ୍ଦେଶକ ଡାକ୍ତର ପଦ୍ମଶ୍ରୀ ଅଶୋକ କୁମାର ମହାପାତ୍ର, ଯିଏ କି ବିଗତ ଦିନରେ ଯୋଡ଼ା ଶିଶୁ ଜଗା ବଳିଆଙ୍କ ସଫଳ ଅସ୍ତ୍ରୋପଚାର କରି ସାରା ରାଜ୍ୟରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଥିଲେ , ସେ ଆଜି କ୍ୟାପିଟାଲ ଇଞ୍ଜିନିୟରିଂ କଲେଜର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କଲେଜର ଶୋଭା ବଢାଇଥିଲେ । ଡାକ୍ତର ଅଶୋକ କୁମାର ମହାପାତ୍ର ତାଙ୍କ ଭାଷଣରେ ଅତ୍ୟାଧୁନିକ ଚିକିତ୍ସା ପ୍ରଯୁକ୍ତିବିଦ୍ୟାକୁ କରୁଣାପୂର୍ଣ୍ଣ, ରୋଗୀ-ପ୍ରଥମେ ଯତ୍ନ ସହିତ ସନ୍ତୁଳିତ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଡାକ୍ତର ମାନେ ଆର୍ଥିକ ଲାଭ ଅପେକ୍ଷା ରୋଗୀକୁ ବଞ୍ଚେଇ ରଖିବା ଏବଂ ସାନ୍ତ୍ୱନାକୁ ପ୍ରାଥମିକତା ଦେବା ଉଚିତ ବୋଲି କହିଛନ୍ତି । ତାଙ୍କ ବକ୍ତବ୍ୟ ରେ ସେ ଭୁବନେଶ୍ୱର ଠାରେ ଥିବା ସ୍ୱାସ୍ଥ୍ୟସେବା କେନ୍ଦ୍ରଗୁଡ଼ିକରେ ଆଧୁନିକ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରିବା ଏବଂ ମଧ୍ୟବିତ୍ତ ଏବଂ ନିମ୍ନ ମଧ୍ୟବିତ୍ତ ଆୟ ପରିବାରଗୁଡ଼ିକୁ ସେବା କରିବା ମଧ୍ୟରେ ସନ୍ତୁଳନ ବଜାୟ ରଖିବା ପାଇଁ କହିଥିଲେ । ଯମଜ ଜଗା ଏବଂ ବଳିଆ ଙ୍କ ଐତିହାସିକ ପୃଥକୀକରଣ ଅସ୍ତ୍ରୋପଚାର ତାଙ୍କ ଜୀବନ ର ଏକ ଐତିହାସିକ ମୁହୂର୍ତ୍ତ ଥିଲା ବୋଲି ସେ କହିବା ସହିତ ଜଟିଳ ଶିଶୁ ନ୍ୟୁରୋସର୍ଜରୀର ମୁକାବିଲା ପାଇଁ ଅଟଳ



ମାନସିକ ବିକାଶ ପାଇଁ ଶିକ୍ଷା ସହିତ ସ୍ୱାସ୍ଥ୍ୟର ଆବଶ୍ୟକତା ଅପରିହାର୍ଯ୍ୟ - ଡାକ୍ତର ପଦ୍ମଶ୍ରୀ ଅଶୋକ କୁମାର ମହାପାତ୍ର

ସାହସ, ସୂକ୍ଷ୍ମ ଯୋଜନା ଏବଂ ଦୃଢ଼ ବହୁବିଧ ଦଳଗତ କାର୍ଯ୍ୟ ଆବଶ୍ୟକତା ଅଛି ବୋଲି କହିଥିଲେ ।

ସେହିପରି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ମହାନଦୀ କୋଲଫିଲ୍ଡ ଲିମିଟେଡର ପୂର୍ବତନ ନିର୍ଦ୍ଦେଶକ ଡକ୍ଟର ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ତାଙ୍କ ପ୍ରେରଣାଦାୟକ ଭାଷଣରେ ଇଞ୍ଜିନିୟରିଂ କିପରି ପ୍ରତିବନ୍ଧକ ବିଜ୍ଞାନକୁ ବାସ୍ତବତାରେ ପରିଣତ କରେ ତାହା ସାମାଜିକ ପ୍ରଗତିକୁ ଆଗେଇ ନେବା, ଆଧୁନିକ ଭିତ୍ତିଭୂମି ନିର୍ମାଣ କରିବା ଏବଂ ବିଶ୍ୱ ଚ୍ୟାଲେଞ୍ଜ ଗୁଡ଼ିକୁ ସମାଧାନ କରିବା ଉପରେ ଆଲୋକପାତ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଡାକ୍ତର ମହାପାତ୍ରଙ୍କ ସହିତ ମଞ୍ଚାସୀନ ଅତିଥି ସିଇସିର ନିର୍ଦ୍ଦେଶକ ଡକ୍ଟର କୈଳାସ ଚନ୍ଦ୍ର ରାଉତ, ସିଇଓ, ବାଟୋଇ, ସିଷ୍ଟମ ଆଇଟିଡି, ଡ. ଅଶ୍ୱିନୀ କୁମାର ରଥ,ସିଇସିର ପ୍ରତିଷ୍ଠାତା ସୁବାଷ ନାରାୟଣ ସାହୁ ପ୍ରମୁଖ ସ୍ନାତକ ଇଞ୍ଜିନିୟର ମାନଙ୍କୁ ଡିଗ୍ରୀ ପ୍ରମାଣପତ୍ର ସହିତ ସମ୍ମାନିତ କରିଥିଲେ ଏବଂ ସିଇସିର ବାର୍ଷିକ ପତ୍ରିକା 'ଦି କ୍ୟାପିଟାଲ କ୍ରେସେଣ୍ଟ ୨୦୨୬' କୁ ଉନ୍ମୋଚନ କରିଥିଲେ ଏବଂ କ୍ରୀଡ଼ା କ୍ଷେତ୍ର ରେ ଉଲ୍ଲେଖନୀୟ ଅବଦାନ ପାଇଁ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। କଲେଜର ଅଧ୍ୟାପକ ଶ୍ରୀମତୀ ସୁନୀତା ଏବଂ ରାକେଶ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିବା ବେଳେ ମୁଖ୍ୟ ସଂଯୋଜକ ଅଚ୍ୟୁତାନନ୍ଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପରିଶେଷରେ କଲେଜର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରା ଯାଇଥିଲା। କାର୍ଯ୍ୟକ୍ରମରେ କଲେଜର ଛାତ୍ରଛାତ୍ରୀ ମାନଙ୍କ ସହିତ ଅନେକ ଅଭିଭାବକ ଯୋଗ ଦେଇଥିବାର ଦେଖିବାକୁ ମିଳିଥିଲା ।

## ବାଘ ଚମଡା ସହ ମାରଣାସ୍ତ୍ର ଜବତ, ତିନି ଅଭିଯୁକ୍ତ ଗିରଫ




ପାତ୍ରପୁର, (ମହାଭାରତ) : ବ୍ରହ୍ମପୁର ପୋଲିସ ଜିଲ୍ଲା ଜରଡା ଥାନା ଇଲାକାରେ ଗୋଟିଏ ଚିତା ବାଘ ଛାଲ, ଦୁଇଟି ଜିବନ୍ତ ହାତ ତିଆରି ଅଫୁଟା ବୋମା, ଗୋଟିଏ ଖଣ୍ଡା, ଗୋଟିଏ ଲୁହା ଛଡ ଓ ଗୋଟିଏ ଛୁରୀକୁ ଜରଡା ପୋଲିସ ଜବତ କରି ତିନି ବନ୍ୟଜନ୍ତୁ ଶିକାରୀକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ନେଇ ପୋଲିସ ସୂତ୍ରରୁ ପ୍ରକାଶ ପାଇଛି। ସୂଚନା ଅନୁସାରେ ଜରଡା ଥାନା ଭାରପ୍ରାପ୍ତ ଥାନା ଅଧିକାରୀ ମିନାକ୍ଷୀ ଦଳବେହେରା ଓ ତାଙ୍କ ଟିମ୍ ପ୍ରାୟ ୦୩:୪୫ ସମୟରେ କୌଣସି ସୂତ୍ରରୁ ଖବର ପାଇ ଆଙ୍କୁଲି ପଞ୍ଚାୟତ ଅନ୍ତର୍ଗତ ଧାନବାଡ ନିକଟରେ ଥିବା ଏକ ଜଙ୍ଗଲ କୁ ଯାଇ ବନ୍ୟଜନ୍ତୁ ଶିକାରୀ ମାନଙ୍କୁ ଧରିବାରେ ସଫଳ ହୋଇଛନ୍ତି। ପୋଲିସ ଟିମ ଘଟଣାସ୍ଥଳରେ ପହଞ୍ଚିବା ବେଳେ ଚାରି ଜଣ ବ୍ୟକ୍ତି ଜଙ୍ଗଲ ଆଡକୁ ଦୌଡୁଥିବା ବେଳେ ସେମାନଙ୍କୁ ପୋଲିସ ଟିମ ପିଛା କରିଥିଲେ। ଅଭିଯୁକ୍ତ ମାନଙ୍କ ମଧ୍ୟରୁ ଜଣେ ଖଣ୍ଡା ଦେଖାଇ ପୋଲିସ କର୍ମଚାରୀଙ୍କୁ ହତ୍ୟା କରିବା ପାଇଁ ଧମକ ଦେଇଥିଲେ ଏବଂ ଜଣେ ବ୍ୟକ୍ତି ବନ୍ଧୁକ ସହିତ ଘଟଣାସ୍ଥଳରୁ ଖସି ପଳାଇବାରେ ସଫଳ ହୋଇଥିଲା। ବହୁତ କଷ୍ଟରେ, ତିନି ଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ଜରଡା ପୋଲିସ ସଫଳ ହୋଇଛି। ଘଟଣାସ୍ଥଳରୁ ଅଭିଯୁକ୍ତମାନଙ୍କ ବ୍ୟାଗ୍ ତଲାସୀ ସମୟରେ ଏକ ପାଟ୍ ବ୍ୟାଗ ଉଦ୍ଧାର କରାଯାଇଥିଲା ଯେଉଁଥିରେ ଗୋଟିଏ ଚିତାବାଘର ପୂର୍ଣ୍ଣ ଆକାରର ଚମଡ଼ା ଏବଂ ଦୁଇଟି ଜୀବନ୍ତ ହାତ ତିଆରି ବୋମା ଥିଲା। ଏବଂ ଅନ୍ୟାନ୍ୟ ଅପରାଧମୂଳକ ସାମଗ୍ରୀ ସେମାନଙ୍କ ନିକଟରୁ ମିଳିଥିଲା। ଏ ନେଇ ଜରଡା ଥାନା ପକ୍ଷରୁ କେସ ନଂ ୧୬୫/୨୬ ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରିଥିବା ନେଇ ବ୍ରହ୍ମପୁର ପୋଲିସ ପକ୍ଷରୁ ପ୍ରେସ ବିଜ୍ଞପ୍ତି ଜରିଆରେ ସୂଚନା ମିଳିଛି। ରାଜ୍ୟ ମଧ୍ୟରେ ଓ ବାହାରେ ଚିତା ବାଘ ଚମଡାର ବାଣିଜ୍ୟ ଓ ପରିବହନରେ ଅନ୍ୟ କେଉଁ ଅଭିଯୁକ୍ତ ମାନେ ସମ୍ପୃକ୍ତ ଅଛନ୍ତି ସେ ନେଇ ଅଧିକ ତଦନ୍ତ ଚାଲିଥିବା ନେଇ ବ୍ରହ୍ମପୁର ଏସପି ଶ୍ରବଣା ବିବେକ ଏମ ସୂଚନା ଦେଇଛନ୍ତି।

## ସାବିତ୍ରୀ ବ୍ରତ ପାଳିଲେ ମା' ଭଗବତୀ, ପିତା ଶ୍ରୀ ଦକ୍ଷପ୍ରଜାପତି ପଠାଇଲେ ସାବିତ୍ରୀ ଭାର

ବାଣପୁର, (ମହାଭାରତ): ଜଣେ ପତିବ୍ରତା ନାରୀ ଭାବରେ ସ୍ୱାମୀ ଦେବଦେବ ମହାଦେବଙ୍କ ସର୍ବମଙ୍ଗଳ କାମନା କରି ସାବିତ୍ରୀ ଓଷା ପାଳନ କଲେ ମା' ଭଗବତୀ । ସେ ନିଜେ ସକଳ ଶକ୍ତିର ଆଧାର, ଜଗତ ଜନନୀ,ଶକ୍ତିମୟୀ ମଙ୍ଗଳମୟୀ, ସତୀ , ପାର୍ବତୀ, ଦୁର୍ଗା,ଦେବୀ ଭଗବତୀ ଭାବରେ ପୂଜା ପାଉଥିଲେ ମଧ୍ୟ ଉତ୍କଳର ଓଡ଼ିଆ ସଧବା ନାରୀମାନଙ୍କ ପରି ସ୍ୱାମୀଙ୍କ ମଙ୍ଗଳ ନିମନ୍ତେ ପାଳନ କରାଯାଉଥିବା ଏହି ପବିତ୍ର ଓଷା ବ୍ରତକୁ ସେ ନିଜେ ପାଳନ କରୁଥିବା ମାନବୀୟ ଲୀଳା ର ବିଚିତ୍ର ପରମ୍ପରା କେବଳ ମା'ଙ୍କ ପୀଠରେ ହିଁ ଦେଖିବାକୁ ମିଳେ । ପ୍ରତ୍ୟୁଷରୁ ଦ୍ୱାରଫିଟା, ମଙ୍ଗଳ ଆଳତୀ, ଅଙ୍ଗରାଗ ,ମହାସ୍ନାନ, ବେଶ , ମହାପ୍ରସାଦ ଅର୍ପଣ ପରେ ବଲ୍ଲଭ ଆଳତୀ, ସର୍ବସାଧାରଣ ଦର୍ଶନ, ଦିପହର ଶଂକୁଡ଼ି ଧୂପ ପରେ ପାଳିଆମାଳି ବେଶ ଓଲାଗି କରାଇ ମା'ଙ୍କୁ ତେଲହଳଦୀ ଲଗାଇ ପୁନର୍ବାର ମହାସ୍ନାନ କରାଇ ପୋଖରୀଆକୁ ଧୋପଖାଳ କରିଥିଲେ । ପିତ୍ରାଳୟ ଶ୍ରୀ ଦକ୍ଷ ପ୍ରଜାପତି ମନ୍ଦିରରୁ ଦଣ୍ଡସେଣା ନେଇ ଯାଇଥିବା ପାରମ୍ପରିକ ସାବିତ୍ରୀ ଭାରରେ ଧଳାଶାଢ଼ି, ଚୁଡ଼ି, ସିନ୍ଦୁର , ଅଳତା,କଜ୍ୱଳ ପାନିଆ,ଦର୍ପଣ, ମୁଗ, ଆମ୍ବ, ପଣସ, ନଡ଼ିଆ, ତାଳ , ଖଜୁରୀ,କଦଳୀ,କାକୁଡ଼ି , ସପୁରି, ଆଦି ବିଭିନ୍ନ ଫଳମୂଳକୁ ସଜାଡ଼ିଥିଲେ । ପାଳିଆ ମାଳି ବିଜୟ ନାୟକ ମା'ଙ୍କ ବାପଘରୁ ଆସିଥିବା ଶାଢ଼ି ଚୁଡ଼ି, ସିନ୍ଦୁର, ଅଳତା ପିନ୍ଧାଇ ଅତି ସୁନ୍ଦର ଓଡ଼ିଆଣି ବେଶରେ ବେଶକରି ନାନାଦି ଅଳଙ୍କାର ଓ ପୁଷ୍ପମାଲ୍ୟ ରେ ମଣ୍ଡନ କରିଥିଲେ । ପରେ ପରିଚ୍ଛା ପୂଜକ ସାଆନ୍ତ ପ୍ରକାଶ ମହାପାତ୍ର ମା'ଙ୍କ ପାଖରେ ମୁଗଧୁଆ, ସହିତ ସମସ୍ତ ପ୍ରକାର ଫଳମୂଳ ଠା କରି ଘଣ୍ଟା ଘଣ୍ଟ କାହାଳୀ ହୁଳହୁଳି ବାଦନରେ ମା'ଙ୍କୁ ପଞ୍ଚ ପୋଚ ?ାରରେ ଧୂପ କରି ଆଳତି ବଢ଼ାଇଥିଲେ । ଆଜିର ପବିତ୍ର ଦିନରେ ମା'ଙ୍କ ଏହି ଦୁର୍ଲଭ ବେଶ ଦର୍ଶନ ସହିତ ନିଜନିଜ ସ୍ୱାମୀମାନଙ୍କ ମଙ୍ଗଳ କାମନା କରି ଆଶୀର୍ବାଦ ଭିକ୍ଷା କରିବାକୁ ଅଗଣିତ ବ୍ରତଧାରୀ ସଧବା ମା'ମାନଙ୍କ ଭିଡ଼େଦଖିବାକୁ ମିଳିଥିଲା । ମନ୍ଦିର ଦେବୋତ୍ତର କାର୍ଯ୍ୟାଳୟ ତରଫରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲା ।

## ସୀମା ଟପୁଛି ପୁଅବୋହୂଙ୍କ ନିର୍ଯାତନା : ବୃଦ୍ଧାଶ୍ରମର ଚାରି କାନ୍ଥ ମଧ୍ୟରେ ଗୁମୁରି କାନ୍ଦୁଛନ୍ତି ମା'।

ନୟାଗଡ, (ମହାଭାରତ) : ଚାରି ପୁଅଙ୍କୁ ଜନ୍ମ କରିବା କରି ବେଶ୍ ଗର୍ବ ଅନୁଭବ କରୁଥିଲି। ପରିଣତ ବୟସରେ ପୁଅବୋହୂ ଓ ନାତି ନାତୁଣୀଙ୍କ ପାଖରେ ହସଖୁସିରେ ଦିନ କଟିଯିବ ବୋଲି ସ୍ୱପ୍ନ ଦେଖିଥିଲି। ମାତ୍ର ଫଳ ହେଲା ଓଲଟା। ପ୍ରଥମେ ପାଳି କରି ରଖିଲେ। ପରେ ଖାଇବା ପିଇବା ବନ୍ଦ କରି ନିର୍ଯାତନା ଦେଲେ। ଏବେ ଭରସା ପାଲଟିଛି ନୟାଗଡ଼ ସ୍ଥିତ 'ସମର୍ପଣ' ବୃଦ୍ଧାଶ୍ରମ। ନିଜ ବିଷୟରେ ଏପରି କହି ଭୋ ଭୋ କାନ୍ଦି ପକାଇଥିଲେ ୮୦ ବର୍ଷୀୟା ସୀତା ବିଶୋୟୀ। କେବଳ ସେତିକି ନୁହେଁ ଜିଲ୍ଲା ପ୍ରାଧିକରଣ ସଚିବଙ୍କ କୋର୍ଟରେ ଯେତେବେଳେ ସୀତାଙ୍କ ମାମଲା ପଡ଼ିଲା, ପୁଅମାନେ ପୁଣି ତାଙ୍କୁ ଘରକୁ ନେଇ ସେବା କରିବେ ବୋଲି ପ୍ରତିଶ୍ରୁତି ଦେଇ ବୃଦ୍ଧାଶ୍ରମ ରୁ ଘରକୁ ନେଲେ। ମାତ୍ର ପୂର୍ବ ପରି ପୁଣି ଥରେ ନିର୍ଯାତନା ଆରମ୍ଭ ହୋଇଗଲା ଫଳରେ ପଡ଼ୋଶୀ ଙ୍କ ସହାୟତାରେ ତାଙ୍କୁ ଉଦ୍ଧାର



କରାଯାଇ ପୁଣି ଥରେ ବୃଦ୍ଧାଶ୍ରମ ରେ ରଖାଯାଇଛି। ସେହିପରି ପ୍ରତାପପ୍ରସାଦ ଅଞ୍ଚଳର ସୁବର୍ଣ୍ଣ ଦେଇ ୧୧ ବର୍ଷ ତଳୁ ସ୍ୱାମୀଙ୍କୁ ହରାଇଛନ୍ତି। ଏବେ କେବଳ ମୃତ୍ୟୁକୁ ଅପେକ୍ଷା କରି କରି ବୃଦ୍ଧାଶ୍ରମ ରେ ବଞ୍ଚୁଛନ୍ତି। ଦୁଇ ପୁଅ ଭୁବନେଶ୍ୱରରେ ରହି କାମ କରୁଛନ୍ତି। ଗାଁରେ ଥିବା ସମସ୍ତ ପୈତୃକ ସମ୍ପତ୍ତିକୁ ବିକ୍ରି କରି ମା'କୁ ସାଥୀରେ ନେଇ ଭୁବନେଶ୍ୱର ରଖିବାକୁ କହିଲେ। ପୁଅଙ୍କ ସୁଖ, ସୁବିଧା ଲାଗି ସୁବର୍ଣ୍ଣ କୌଣସି ପ୍ରତିରୋଧ କରି ନଥିଲେ। ମାତ୍ର ବଡ଼ ପୁଅ ଘରେ ମାସେ ରହିଛନ୍ତି କି ନାହିଁ, ଆରମ୍ଭ ହୋଇଗଲା ନିର୍ଯାତନା ଏହାପରେ ସେ ସାନ ପୁଅ ପାଖକୁ ଆସିଲେ। ମାତ୍ର ଜୀବନ ଯାକ ସେମାନେ ପୋଷି ପାରିବେ ନାହିଁ ବୋଲି ସାନ ପୁଅ-ବୋହୂ ରୋକ ଠୋକ୍ ଶୁଣାଇ ଦେଲେ ଏବେ 'ସମର୍ପଣ'ରେ ସେ ଦିନ କାଟୁଛନ୍ତି। ବୃଦ୍ଧାଶ୍ରମରେ ରହୁଥିବା ମା'ମାନଙ୍କ ଦୁଃଖ ଏତିକିରେ ସରିନି ୭୦ ବର୍ଷୀୟା ଦୁଃଖୀ ପାତ୍ରଙ୍କ ଅବସ୍ଥା ଶୁଣିଲେ ଆଖିରୁ ଲୁହ ଆସିଯିବ। ପୁଅ ବୋହୂ ତାଙ୍କୁ ଝାଡୁରେ ପିଟିଛନ୍ତି। ସିଲିଣ୍ଡର୍ ?ରେ ଛେଚି ହତ୍ୟା କରିବାକୁ ଉଦ୍ୟମ କରିଛନ୍ତି। ବୃଦ୍ଧାଶ୍ରମକୁ ଆସିବା ସମୟରେ ତାଙ୍କ ମୁଣ୍ଡ ଓ ଆଖିରେ ଗଭୀର ଆଘାତ ଲାଗିଥିଲା। ପରେ ପୁଅବୋହୂ ବୁଝାସୁଝା କରି ପୁଣି ତାଙ୍କୁ ଘରକୁ ନେଇଥିଲେ। ହେଲେ ମାସେଟିଏ ବି ଭଲରେ ରଖିପାର ନଥିଲେ ବୋଲି ଦୁଃଖୀ କହିଛନ୍ତି। ମଲା ପର୍ଯ୍ୟନ୍ତ ଏଇଠି ରହିବି ବୋଲି କହିଛନ୍ତି। ମାତୃ ଦିବସ ପାଳନ ଅବସରରେ ସରକାରୀ ଓ ବେସକରାରୀ ସ୍ତରରେ କେତେ କ'ଣ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ସାମାଜିକ ଗଣମାଧ୍ୟମରେ ମା'ଙ୍କ ଫଟୋ ଅପଲୋଡ୍ କରି ସମାଜକୁ ଭିନ୍ନ ଏକ ବାର୍ତ୍ତା ଦେବାକୁ ସମସ୍ତେ ପ୍ରୟାସ କରୁଛନ୍ତି। ମାତ୍ର ବୃଦ୍ଧାଶ୍ରମରେ ରହୁଥିବା ବୃଦ୍ଧା ମାନଙ୍କ କାହାଣୀ ଶୁଣିଲେ, ଏହି କୃତ୍ରିମ ଭଲ ପାଇବା, ଏହି ଦିବସର ମାନେ କ'ଣ ତାହା ସହଜରେ ଅନୁମାନ କରିହେବ। ନୟାଗଡ଼ ଜିଲ୍ଲାରେ ସରକାରୀ ସ୍ତରରେ ସମର୍ପଣ, ନିତ୍ୟାଶା ଓ ଅନାଥ ପରିତ୍ୟକ୍ତା ବାଳାଶ୍ରମ ନାଁରେ ତିନିଟା ବୃଦ୍ଧାଶ୍ରମ ଚାଲୁଛି। ସମର୍ପଣଟି ରାଜ୍ୟ ସରକାର ଓ ବାକି ଦୁଇଟି କେନ୍ଦ୍ର ସରକାରଙ୍କ ଅନୁଦାନରେ ଚାଲିଛି ସମର୍ପଣରେ ମୋଟ୍ ୫୦ ଅନ୍ତେବାସୀଙ୍କ ମଧ୍ୟରେ କେବଳ ୩୨ ଜଣ ବୃଦ୍ଧା ରହିଥିବା ବେଳେ ନିତ୍ୟାଶାରେ ୨୫ ଜଣଙ୍କ ମଧ୍ୟରୁ ୧୪ ଜଣ ଓ ଅନାଥ ପରିତ୍ୟକ୍ତା ବାଳାଶ୍ରମରେ ୨୬ ଜଣଙ୍କ ମଧ୍ୟରୁ ୧୧ ଜଣ ବୃଦ୍ଧା ରହିଛନ୍ତି। ପରିଣତ ବୟସରେ ପୁଅମାନେ ନିଜ ମା'ଙ୍କୁ ଖାଇବାକୁ ଦୁଇ ମୁଠା ଦେବା ତ ଦୂରରେ ଥାଉ, ହାତ ଉଠାଇବାକୁ ବି ପଛାଉ ନଥିବା ଦେଖିବାକୁ ମିଳିଛି।

## ହତ୍ୟାକାଣ୍ଡକୁ ପାଞ୍ଚଦିନ ପୂରିଥିଲେ ମଧ୍ୟ ଅଭିଯୁକ୍ତ ଗିରଫ ଶୂନ୍ୟ

ଗଣିଆ,(ମହାଭାରତ):ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ ବାଲିସାହି ଅଞ୍ଚଳରେ ଘଟିଥିବା ବହୁ ଚର୍ଚ୍ଚିତ ହତ୍ୟାକାଣ୍ଡକୁ ନେଇ ଏବେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ହତ୍ୟାକାଣ୍ଡକୁ ପ୍ରାୟ ସପ୍ତାହେ ବିତିଯାଇଥିଲେ ସୁଦ୍ଧା ପୋଲିସ ହାତ ଏବେ ବି ଖାଲି। ହତ୍ୟାକାରୀର ପତ୍ତା ମିଳୁନଥିବା ବେଳେ ଘଟଣାସ୍ଥଳରୁ ଗାୟବ ଥିବା ମୋବାଇଲ୍ ଫୋନକୁ ମଧ୍ୟ ଜବତ କରିବାରେ ପୋଲିସ ବିଫଳ ହୋଇଛି। ସୂଚନାଯୋଗ୍ୟ ଯେ, ଗତ କିଛି ଦିନ ତଳେ ବାଲିସାହି ଗ୍ରାମରେ ଜଣେ ବ୍ୟକ୍ତିଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିଲା। ଘଟଣାଟି ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଥିବା ବେଳେ ପୋଲିସ ବିଭିଓ ଦିଗରୁ ତଦନ୍ତ ଚଳାଇଥିଲା। ପ୍ରାଥମିକ ତଦନ୍ତରୁ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ଜଣାପଡୁଥିଲେ ମଧ୍ୟ କୌଣସି ରୋଚକ ତଥ୍ୟ ପ୍ରମାଣ ହାସଲ ହୋଇପାରି ନାହିଁ।ତଦନ୍ତକାରୀ ଦଳ ପାଇଁ ମୃତକଙ୍କ ମୋବାଇଲ୍ ଫୋନ୍ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ହୋଇଥିବା ବେଳେ, ତାହା ଏପର୍ଯ୍ୟନ୍ତ ମିଳିପାରି ନାହିଁ। ହତ୍ୟାକାରୀ ଜଣକ ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ମୋବାଇଲ୍ ଫୋନଟିକୁ ନେଇଯାଇଥିବା ସନ୍ଦେହ କରାଯାଉଛି। ଫୋନ୍ ମିଳିଲେ ହତ୍ୟାକାଣ୍ଡ ପୂର୍ବର କଲ୍ ରେକର୍ଡ ଏବଂ ବାର୍ତ୍ତାଳାପରୁ ଅନେକ ରହସ୍ୟ ଉନ୍ମୋଚନ ହୋଇପାରନ୍ତା ବୋଲି ପୋଲିସ ଆଶା ରଖିଛି। ପୋଲିସର ମନ୍ଥର ତଦନ୍ତକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଲାଣି। ବାରମ୍ବାର ପୋଲିସ ଟିମ୍ ଘଟଣାସ୍ଥଳକୁ ଯାଇ ଛାନଭିନ୍ କରୁଥିଲେ ମଧ୍ୟ ହତ୍ୟାକାରୀ କିଏ ଏବଂ ଏହି ଜଘନ୍ୟ କାଣ୍ଡ ପଛର ପ୍ରକୃତ ଉଦ୍ଦେଶ୍ୟ କ'ଣ, ତାହା ଏବେ ବି ରହସ୍ୟ ଘେରରେ। ପୋଲିସ ପକ୍ଷରୁ କୁହାଯାଇଛି ଯେ, ଖୁବ୍ ଶୀଘ୍ର ଅପରାଧୀକୁ ଧରାଯିବ ଏବଂ ଏଥିପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ବିଭିଓ ସ୍ଥାନରେ ଚଢ଼ାଉ ଜାରି ରହିଛି ।

## ଉଦଳାର ବିକାଶ ପାଇଁ ଅଣ୍ଟା ଭିଡ଼ିଲା ଝାରଖଣ୍ଡ ମୁକ୍ତିମୋର୍ଚ୍ଚା




ଉଦଳା(ମହାଭାରତ): କପ୍ତିପଦା ଉପଖଣ୍ଡର ସମସ୍ୟା ପାଇଁ ଦାବି ଉପସ୍ଥାପନା କରିଲା ଝାରଖଣ୍ଡ ମୁକ୍ତି ମୋର୍ଚ୍ଚା। ଦୀର୍ଘ ବର୍ଷ ହେବ କପ୍ତିପଦା ଉପଖଣ୍ଡ ସମସ୍ୟାରେ ବୁଡି ରହିଥିବା ବେଳେ ସ୍ଥାନୀୟ ଜନ ପ୍ରତିନିଧି ଏହାର ସମାଧାନ କରି ପାରୁନାହାନ୍ତି ଯାହାକୁ ନେଇ ଆଜି ଜେଏମଏମ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ଦାବି ଉଠାଇଛି ଜେଏମଏମ। ଝାରଖଣ୍ଡ ମୁକ୍ତି ମୋର୍ଚ୍ଚାର ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ଦାସ, ସମ୍ପାଦକ ଶୈଳେନ୍ଦ୍ର ହେମ୍ବ୍ରମ ଏବଂ ରାଜା ହେମ୍ବ୍ରମଙ୍କ ସହିତ ବହୁ ଜେଏମଏମର ସଦସ୍ୟ ମାନେ ଉପସ୍ଥିତ ରହି ବିଭିନ୍ନ ଦାବି ଉପସ୍ଥାପନା କରିଥିଲେ। ଜିଲ୍ଲା ମୁଖ୍ୟାଳୟ କୁ ସଂଯୋଗ କରୁଥିବା ରାଜ୍ୟ ରାଜପଥର ମରାମତି, ଉଦଳା ଏନଏସି ଡ୍ରେନେଜ, ପାଣି, ଆବର୍ଜନା ସମସ୍ୟାର ସମାଧାନ, ଉପଖଣ୍ଡ ଡାକ୍ତରଖାନାର ଅବ୍ୟବସ୍ଥା ସହିତ ବହୁ ଦାବି ସମୂହକୁ ସାମ୍ବାଦିକ ସମ୍ମିଳନୀ କହିଥିଲେ ଜିଲ୍ଲା ସଭାପତି। ଉଦଳାରେ ରାଜନୈତିକ ଆନ୍ତରିକତା ଅଭାବ କାରଣରୁ ଏଭଳି ସ୍ଥିତି ତିଆରି ହୋଇଥିବାରୁ ତୁରନ୍ତ ଏହି ଦାବି ସମୂହ ପୂରଣ ନ ହେଲେ ଆଗାମୀ ଦିନରେ ଜେଏମଏମ ଆନ୍ଦୋଳନ କୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି।

## ଆସିକାରେ ବେଆଇନ ପଥର କୁଆଁରୀରେ କେବେ ଲାଗିବ ଧାରା ୧୪୪

ଆସିକା(ମହାଭାରତ):ଆସିକା ତହସିଲ ଅଧୀନରେ ଥିବା ବେଆଇନ ପଥର କୁଆଁରୀରେ କେବେ ଲାଗିବ ୧୪୪ ଧାରା। ଆସିକା ତହସିଲ ଅଧିନସ୍ଥ ଝଗଡେଇ,କମାଗଡ଼,ବାବନପୁର, ବରଗାଁ ଓ ସୁନାପଲ୍ଲୀ ଆଦି ଅଞ୍ଚଳରେ ଦୀର୍ଘ ବର୍ଷ ହେବ ବେଆଇନ ପଥର ଖାଦାନରୁ ଦୈନିକ ଶହ ଶହ ଟ୍ରିପ ପଥର ଚୋରା ଚାଲାଣ ହେଉଛି। ମାଫିଆ ମାନେ ସ୍ୱଷ୍ଟ ଦିବା ଆଲୋକରେ ଖଣି ବିଭାଗ ସ୍ଥାନୀୟ ପୋଲିସ, ତହସିଲ କୁ ହାତ ବାରିସୀ କରି ବେଧଡ଼କ ଭାବେ ଦୈନିକ ଲକ୍ଷ ଲକ୍ଷ ଟଙ୍କାର ପଥର ଚୋରି କରି ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହରିଲୁଟ କରୁଛନ୍ତି। ଉପରୋକ୍ତ ଅଞ୍ଚଳର ଥିବା ପାହାଡ଼ରେ ସରକାରଙ୍କ ପକ୍ଷରୁ କୌଣସି ପ୍ରକାର ଲିଜ ଦିଆଯାଇନାହିଁ। ଲିଜ ନଥିବା ସତ୍ୱେ ଦୈନିକ ପଥର ବ୍ଲାଷ୍ଟିଙ୍ଗ କରିବା ଦ୍ୱାରା ନିକଟସ୍ଥ ଅଞ୍ଚଳରେ ଅନେକ ଥର ମୃତାହତ ହେବାର ନଜିର ରହିଛି। ସବୁଠାରୁ ବଡ ପ୍ରଶ୍ନ ଏହି ପଥର ମାଫିଆ ମାନଙ୍କ ନିକଟରେ ପଥର ବିସ୍ଫୋରଣ କରିବା ପାଇଁ ଲାଇସେନ୍ସ ରହିଛି କି ?ଯଦି ଅଛି ତେବେ କେତେ ପରିମାଣର ବିସ୍ଫୋରକ ରଖିବା କଥା ତାହାର ତାଲିକା କିଛି ନିୟମାବଳୀ ମାନୁଛନ୍ତି କି ?କିଭଳି ପରିସ୍ଥିତିରେ କେଉଁଠାରୁ ବିସ୍ଫୋରକ ଆଣୁଛନ୍ତି ତାହା ସ୍ଥାନୀୟ ପ୍ରଶାସନ ନିକଟରେ ଏହାର ଖବର ରହିଛିକି ତାହା ବର୍ତମାନର ବଡ଼ ପ୍ରଶ୍ନ ?ନିକଟରେ ଅତୀତରେ ଆସିକା ତହସିଲ ଅଧୀନ ସୁନାପଲି ପାହାଡ଼ରେ ତତ୍କାଳୀନ କବିସୂର୍ଯ୍ୟନଗର ପ୍ରବେଶନ ଏସ୍ଡିପିଓ ନୀତିଶ କୁମାର ମିଶ୍ର ଚଢ଼ାଉ କରି ବିପୁଳ ପରିମାଣର ବିସ୍ଫୋରକ ଜବତ କରିଥିଲେ। ହେଲେ ଏତେ ପରିମାଣର ବିସ୍ଫୋରକ ଆସିଲା କେଉଁଠୁ।ଅନୁରୂପ ଆସିକା ଅଞ୍ଚଳରେ ଥିବା ପାହାଡ଼ ଗୁଡିକରେ ଚଢ଼ାଉ କଲେ ମଧ୍ୟ ବିପୁଳ ପରିମାଣର ବିସ୍ଫୋରକ ଜବତ ହୋଇପାରେ।ଏହିପରି ବିସ୍ଫୋରକ ମହଜୁଦ ରଖିବା ଏକ ବଡ଼ ବିପଦକୁ ଆମନ୍ତ୍ରଣ କରୁଥିବା ସ୍ଥାନୀୟ ପରିବେଶ ବିତ, ବୁଦ୍ଧିଜୀବୀ ଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି।ପଥର ମାଫିଆ ମାନେ ସ୍ଥାନୀୟ ପ୍ରଶାସନ କୁ ହାତ ବାରିସୀକରି ପଥର ଲୁଟ କରୁଥିବା ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ଜନସାଧାରଣ ଗ୍ରାମବାସୀଙ୍କ ମନରେ ଅସନ୍ତୋଷ ଦେଖାଦେଇଛି। କେଉଁ କାରଣରୁ ସ୍ଥାନୀୟ ଖଣି ଅଧିକାରୀ ଓ ପୋଲିସ ପ୍ରଶାସନ,ତହସିଲଦାରଙ୍କ ପକ୍ଷରୁ ଏହି ସବୁ ପାହାଡ଼ରେ ୧୪୪ ଧାରା ଲଗାଯାଇନାହିଁ ତାହାର ଉଚ୍ଚ ସ୍ତରୀୟ ତଦନ୍ତ କରିବା ଆବଶ୍ୟକ ବୋଲି ପରିବେଶ ବିତ ତଥା ଅଞ୍ଚଳ ବାସୀ ଦାବୀ କରିଛନ୍ତି।ଏହି ବେଆଇନ ପଥର ଖାଦାନରୁ ଅନେକ ସମୟରେ ଶ୍ରମିକ ମୃତାହତ ହେଉଥିବା ର ନଜିର ରହିଛି ଯାହାକୁ ମାଫିଆ ମାନେ ପ୍ରଶାସନ କୁ ହାତ ବାରିସୀ କରି କଥାକୁ ଚପାଇ ଦେଉଥିବା ଅଭିଯୋଗ ହେଉଛି। ତୁରନ୍ତ ଏହି ବେଆଇନ ପଥର ଖାଦାନରେ ଧାରା ୧୪୪ଲଗାଇ ବେଆଇନ ଚୋରା ଚାଲାଣ ବନ୍ଦ କରିବାକୁ ଅଞ୍ଚଳବାସୀ ଦାବୀ କରିଛନ୍ତି।

## ପିକଅପ ଓଲଟି, ୨୦ଆହତ

ବାସୁଦେବପୁର:ଭଦ୍ରକ ଜିଲ୍ଲା ବାସୁଦେବପୁର ପଦ୍ମପୁର ରାସ୍ତାର ବେକମୁଡ଼ି ଛକରେ ଓଲଟିଲା ପିକଅପ ଗାଡି। ଗାଡ଼ିରେ ଥିବା ପାଖାପାଖି ୨୦ ଶ୍ରମିକ ଗୁରୁତର ଆହତ ହୋଇଛନ୍ତ। ସମସ୍ତ ଆହତଙ୍କ ଘର ଠାକୁର ମୁଣ୍ଡା ଓ କରଞ୍ଜିଆ ଅଂଚଳ। ଭଦ୍ରକରୁ ଏହି ଲେବର ଓ ଢାଳେଇ ମେସିନଧରି ପିକଅପ ଗାଡି ବାସୁଦେବପୁର ଅଞ୍ଚଳକୁ କାମ ପାଇଁ ଆସିଥିଲେ। ବେକମୁଡ଼ି ଛକରେ ଗାଡିଟି ଆସୁଥିବା ବେଳେ ଏକ ଗାଈ ଆଗରେ ଚାଲି ଯିବାରୁ ଗାଡିଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଗାଡ଼ିରେ ଥିବା ଶ୍ରମିକ ମାନେ ଚାପି ହୋଇଥିଲେ। ସ୍ଥାନୀୟ ଲୋକ ଆହତ ମାନଙ୍କୁ ଉଦ୍ଧାରକରି ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ସେମାନଙ୍କ ମଧ୍ୟରୁ ଗୁରୁତର ଆହତଙ୍କୁ ଭଦ୍ରକ ପଠାଇ ଦିଆଯାଇଥିବା ସୂଚନା ମିଳିଛି।

## ଦବି ଗଲାଣି ଇନ୍ଦ୍ରାବତୀ ପୋଲ ଅପ୍ରୋଚ ରୋଡ୍, ଆରମ୍ଭ ହୋଇପାରୁନି ନୂଆ ପ୍ରକଳ୍ପ

ନବରଙ୍ଗପୁର : ନବରଙ୍ଗପୁର ଜିଲ୍ଲାର ଲାଇଫ୍ ଲାଇନ୍ ରାସ୍ତାରେ ଥିବା ଇନ୍ଦ୍ରାବତୀ ପୋଲ ଦୁର୍ବଳ ହୋଇଗଲାଣି। ୩୮.୭୭କୋଟି କେନ୍ଦ୍ର ସରକାରଙ୍କ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ଇନ୍ଦ୍ରାବତୀ ପୋଲ ନିର୍ମାଣ ପାଇଁ ଅନୁଦାନ ଦେଇ ସାରି ବର୍ଷେ ବିତିଲାଣି। ୬ମାସ ମଧ୍ୟରେ କାମ ସାରିବାକୁ କହିଥିଲେ ହେଁ ଏଯାଏଁ ଜମି ଅଧିଗ୍ରହଣ କିମ୍ବା ଟେଣ୍ଡର ପ୍ରକ୍ରିୟା ସରିନିୟ ଅପରପକ୍ଷରେ ଗତ କିଛି ଦିନର ବର୍ଷାରେ ଉଭୟ ପାର୍ଶ୍ୱର ଅପ୍ରୋଚ ରାସ୍ତା ଦବିବା ସହ ସୁରକ୍ଷାବାଡ଼ ବି ଭାଙ୍ଗିବା ଆରମ୍ଭ ହୋଇଛି। ତାଲିପକା ଭାବେ ଫଟହଲ ମରାମତି କରାଯାଇଥିବା ବେଳେ ସେଥିରୁ ପିଚୁ ବି ବାହାରି ଆସିଲାଣିୟ ନବରଙ୍ଗପୁର ଜିଲ୍ଲାରୁ ପଶ୍ଚିମ ଓଡ଼ିଶା ଛତିଶଗଡ଼, ଆନ୍ଧ୍ର ପ୍ରଦେଶ ସହିତ ଭୁବନେଶ୍ୱରକୁ ସଂଯୋଗ କରୁଥିବା ଇନ୍ଦ୍ରାବତୀ ନଦୀ ଉପରେ ନିର୍ମାଣ ହୋଇଥିବା ଏକ ମାତ୍ର ପୋଲ ଦିନକୁ ଦିନ ଦୁର୍ବଳ ହୋଇ ପଡ଼ିଛି। ପୋଲର ଉପର ଭାଗରେ ବର୍ତ୍ତମାନ ବିଭିନ୍ନ ଖାଲ ଖମା ସୃଷ୍ଟି ହେବା ସହ ପଡି ଥିବା ସ୍ଲାପର ଲୁହାଛଡ କେତେକାଂଶରେ ଦେଖା ଦେଉଛି। ଅଳ୍ପ ବର୍ଷା ହେଲେ ବି ପାଣି ଜମିଯିବା ଦ୍ୱାରା ପୋଲ ଉପରେ ଥିବା ଖାଲ ଗୁଡିକ ଜଣା ପଡୁନାହିଁ। ଯାହା ଫଳରେ ପୋଲ ଉପରେ ବେଳେ ବେଳେ କୃତ୍ରିମ ପୋଖରୀ ସୃଷ୍ଟି ହେଉଥିବାର ଦେଖିବାକୁ ମିଳୁଛି ଏବଂ ଏହା ଦ୍ୱାରା ପ୍ରାୟତଃ ଛୋଟ ବଡ଼ ଦୁର୍ଘଟଣା ମଧ୍ୟ ଘଟୁଛି। ଇନ୍ଦ୍ରାବତୀ ଜଳ ଭଣ୍ଡାରରେ ଯଦି ବିପଦସଂକୁଳ ସ୍ଥିତି ଉପୁଜିଲେ ଗେଟ ଖୋଲା ହେଲେ ନଦୀ ଜଳ ଦୁଇ କୂଳ ଖାଇବା ସହିତ ବେଳେ ବେଳେ ପୋଲ ଉପର ପାଖକୁ ମଧ୍ୟ ଛୁଉଁଛି। ଛତିଶଗଡ଼ ସହିତ



ଓଡ଼ିଶାର ବିଭିନ୍ନ ସହରକୁ ଏହି ପୋଲ ଦେଇ ଯାନବାହନ ଚଳାଚଳ କରୁଛି। ଏହା ବ୍ୟତୀତ କୋରାପୁଟ ଜିଲ୍ଲାରୁ ନବରଙ୍ଗପୁର ଜିଲ୍ଲାକୁ କୌଣସି ମାଲବାହୀ ଟ୍ରକ୍, ଯାତ୍ରୀବାହୀ ବସ୍ ଯିବା ଆସିବା କରେ। ତେବେ ଏହି ଗୋଟିଏ ମାତ୍ର ଇନ୍ଦ୍ରାବତୀ ପୋଲ ଉପରେ ନିର୍ଭର। ଦୁର୍ବଳ ହୋଇ ପଡିଥିବା ପୋଲ ଉପରେ ଅଧିକା ମାଲବାହୀ ତଥା ଭାରୀଯାନ, ଯାତ୍ରୀବାହୀ ବସ ଶହଶହ ସଂଖ୍ୟାରେ ଯିବା ଆସିବା କରୁଥିବାରୁ ଅଘଟଣ ହେବା ପୂର୍ବରୁ ପଦକ୍ଷେପ ନେବା କଥା। ବର୍ତ୍ତମାନଥିବା ପୋଲରୁ ୩୦ମିଟର ଦୂରରେ ୧.୨୯କିଲୋମିଟରର ନୂଆପୋଲ ନିର୍ମାଣ ହେବ ବୋଲି କହିଛନ୍ତି ଏନଏଚ ଏସଡିଓ ସୂର୍ଯ୍ୟ ଛତରିଆ। ତେବେ ପୋଲର ଦୁଇ ପାର୍ଶ୍ୱରେ ବରଗାଁ ଆଡକୁ ୫୦୦ମିଟର ଓ ଡାଇଭଟା ଆଡକୁ ୫୦୦ମିଟରର ଜମି ଅଧିଗ୍ରହଣ କରାଯିବାର ବାକି ରହିଛି ବୋଲି କହିଛନ୍ତି ।ଭଏସଡିଓୟ ବୋରିଗୁମ୍ମା ଓ ନବରଙ୍ଗପୁର ତହସିଲ ଜମି ଅଧିଗ୍ରହଣ କରିକି ଦେବାର କାମ ବାକି ରହିଛି। ସେହିପରି ବ୍ରିଜର ୩ଡି କାମ ଏବେ ପ୍ରକ୍ରିୟାରେ ରହିଛି ବୋଲି କହିଛନ୍ତି ଏସଡିଓୟ ଅପରପକ୍ଷରେ ଆଉ ଦୁଇ ମାସରେ ବର୍ଷା ଆରମ୍ଭ ହେବାକୁ ଥିବା ବେଳେ ପୋଲ କାମ କେବେ ଆରମ୍ଭ ହେବ ବୋଲି ସାଧାରଣରେ ଉଠିଛି ପ୍ରଶ୍ନୟ ବର୍ଷକ ହେବ କେନ୍ଦ୍ରସରକାର ୩୮.୭୭କୋଟି ନୂଆ ପୋଲ ପାଇଁ ଅର୍ଥ ମଂଜୁର କରିଛନ୍ତି ତୁରନ୍ତ ଏଦିଗରେ ଜିଲ୍ଲାପ୍ରଶାସନ, ମନ୍ତ୍ରୀ, ସାଂସଦ ଓ ବିଧାୟକ ମାନେ ଦୃଷ୍ଟି ଦେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

## ଟାଟା ଷ୍ଟିଲ୍ ଫାଉଣ୍ଡେସନ ପକ୍ଷରୁ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ



ହିନ୍ଦୋଳ ଢେଙ୍କାନାଳ ଜିଲ୍ଲାରେ ଶିକ୍ଷା ଭିତ୍ତିଭୂମି ଓ ଗ୍ରାମାଞ୍ଚଳରେ ଯୋଗାଯୋଗ ବ୍ୟବସ୍ଥା ସୁଦୃ କରିବା ପାଇଁ ଟାଟା ଷ୍ଟିଲ୍ ଫାଉଣ୍ଡେସନ ପକ୍ଷରୁ ଦୁଇଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଢେଙ୍କାନାଳ ସାଂସଦ ଶ୍ରୀ ରୁଦ୍ର ନାରାୟଣ ପାଣି ଏବଂ ହିନ୍ଦୋଳ ବିଧାୟିକା ଶ୍ରୀମତୀ ସିମାରାଣୀ ନାୟକ ରାସୋଳଠାରେ ପ୍ରସ୍ତାବିତ ଡିଗ୍ରୀ ମହିଳା କଲେଜ ପାଇଁ ୪ଟି ଶ୍ରେଣୀଗୃହ ବିଶିଷ୍ଟ ବିଲ୍ଡିଂ ଏବଂ ଓଡାପଡା ବ୍ଲକ୍ର ଶିବପୁର ଗ୍ରାମରେ ସିମେଣ୍ଟ କଂକ୍ରିଟ୍ ରାସ୍ତାର ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ହିନ୍ଦୋଳ ତହସିଲଦାର ଦିଲ୍ଲୀପ କୁମାର ସେଠୀ, ହିନ୍ଦୋଳ ଉପାଧ୍ୟକ୍ଷ ବରୁଣ ସାର୍, ଶିବପୁର ସରପଞ୍ଚ ମାନସ ନାୟକ, ଟାଟା ଷ୍ଟିଲ ମେରାମଣ୍ଡଳୀର କର୍ପୋରେଟ ସର୍ଭିସେସ୍ ଚିଫ୍ ଶୁଭ୍ରାଂଶୁ ଶେଖର ପଣ୍ଡା, ଟାଟା ଷ୍ଟିଲ ଫାଉଣ୍ଡେସନ ମେରାମଣ୍ଡଳୀର ୟୁନିଟ୍ ଲିଡ୍ କୁମାର ସୌରଭଙ୍କ ସମେତ ସ୍ଥାନୀୟ ଜନପ୍ରତିନିଧି, ସ୍ଥାନୀୟ ଜନସାଧାରଣ ଓ ମହିଳାମାନେ ଉପସ୍ଥିତ ଥିଲେ। ମହିଳା ମହାବିଦ୍ୟାଳୟ ବିଲ୍ଡିଂ ନିର୍ମାଣ ଫଳରେ ସ୍ଥାନୀୟ ଅଞ୍ଚଳର ଝିଅମାନଙ୍କ ପାଇଁ ଉଚ୍ଚ ଶିକ୍ଷା ଲାଭ କରିବା ଆହୁରି ସହଜ ଓ ସୁବିଧା ହେବ। ପ୍ରସ୍ତାବିତ ଏହି ମହାବିଦ୍ୟାଳୟ ଦ୍ୱାରା ଆଖପାଖ ପ୍ରାୟ ୧୪ଟି ବ୍ଲକର ୧୬୦ ଜଣ ଛାତ୍ରୀ ଉପକୃତ ହେବେ। ସେହିପରି, ଓଡାପଡା ବ୍ଲକ୍ର ଶିବପୁର ଗ୍ରାମ ପଞ୍ଚାୟତ ଅଧୀନ ଶିବପୁର ଗ୍ରାମରେ ଟାଟା ଷ୍ଟିଲ୍ ଫାଉଣ୍ଡେସନ ସହଯୋଗରେ କଂକ୍ରିଟ ରାସ୍ତା ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଏହି ପ୍ରକଳ୍ପ ଦ୍ୱାରା ପ୍ରାୟ ୫,୦୦୦ ସ୍ଥାନୀୟ ଜନସାଧାରଣ ଉପକୃତ ହେବେ।ଏହି ପଦକ୍ଷେପଗୁଡ଼ିକ ଯୋଗୁ ଶିକ୍ଷା ବ୍ୟବସ୍ଥା ଓ ଗ୍ରାମୀଣ ଭିତ୍ତିଭୂମିର ଉନ୍ନତି ସହ ଅଞ୍ଚଳର ସାମାଜିକ ଓ ଆର୍ଥିକ ବିକାଶକୁ ଆହୁରି ଗତିଶୀଳ କରିବ।ଟାଟା ଷ୍ଟିଲ ମେରାମଣ୍ଡଳୀର ପାର୍ଶ୍ୱବର୍ତ୍ତୀ ଗ୍ରାମାଞ୍ଚଳର ଶିକ୍ଷା, ଯୋଗାଯୋଗ ଏବଂ ଆବଶ୍ୟକ ଭିତ୍ତିଭୂମିର ଉନ୍ନତି ପାଇଁ ଟାଟା ଷ୍ଟିଲ୍ ଫାଉଣ୍ଡେସନ ନିରନ୍ତର ପ୍ରୟାସ ଜାରି ରଖିଛି।

## ରାୟଗଡା ଗୁଳି କରି ହତ୍ୟା ଘଟଣା

## ୭ ଦିନ ପରେ ବିହାରରୁ ଗିରଫ ହେଲେ ୩ ମୁଖ୍ୟ ଅଭିଯୁକ୍ତ

ରାୟଗଡା: ରାୟଗଡା ଜିଲ୍ଲାର ବହୁ ଚର୍ଚ୍ଚିତ ନିଖିଲ ହାଡପାକୁ ଗୁଳି କରି ହତ୍ୟାକାଣ୍ଡ ଘଟଣାରେ ପୁଲିସକୁ ମିଳିଛି ସଫଳତା। ଏହି ଗ୍ୟାଙ୍ଗୱାର ଜନିତ ହତ୍ୟାକାଣ୍ଡକୁ ନେଇ ରାୟଗଡା ଜିଲ୍ଲା ହୋଇଥିଲା ଅଶାନ୍ତ। ରାୟଗଡା ପୁଲିସ ଆଜି ନିଜର ସାମାଜିକ ଗଣମାଧ୍ୟମ ହ୍ୱାଟ୍ସଆପ ମାଧ୍ୟମରେ ଗଣମାଧ୍ୟମକୁ ସୂଚନା ପ୍ରଦାନ କରି କହିଛି ବିହାର ରାଜ୍ୟର ଔରଙ୍ଗାବାଦ ଜିଲ୍ଲା ମଦନପୁର ପୁଲିସ ଷ୍ଟେସନ ଅଞ୍ଚଳରୁ ହତ୍ୟା ଘଟଣାର ମୁଖ୍ୟ ତିନି ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଛି। ମୁଖ୍ୟ ଅଭିଯୁକ୍ତ ମାନେ ହେଲେ ଉମେଶ ହିଆଲ,ରାଜ ସିମେଲି ଓ ଅକ୍ଷୟ ସାମଲ ଓରଫ ଟିଙ୍କୁଲୁ।ପୁଲିସ ସୂଚନା ପ୍ରଦାନ କରି କହିଛି ହତ୍ୟା ଅପରାଧରେ ଜଡିତ ଏହି ଅଭିଯୁକ୍ତଙ୍କୁ ଧରିବା ପାଇଁ ତଦନ୍ତ ସମୟରେ ତାଙ୍କ ନିକଟତର ହୋଇଥିଲେ କିନ୍ତୁ ଅପରାଧୀ ମାନେ କେଣସି ମତେ ଖସିଯାଉଥିଲେ, ଶେଷରେ ବିହାରରୁ ଗିରଫ କରିବାରେ ସଫଳ ହୋଇଥିଲେ। ପୁଲିସ ଅପରାଧୀମାନଙ୍କୁ ବିହାରରୁ ଗିରଫ କରିଥିବାରୁ ତାଙ୍କୁ ଟ୍ରାଞ୍ଜିଟ ରିମାଣ୍ଡରେ ଆଣି ଆଇନ ଅନୁଯାୟି ତଦନ୍ତ କରାଯାଉଛି। ଏନେଇ ଆହୁରି ତଦନ୍ତ କରି ଚାଉ ଜାରି ରହିଛି ଏବଂ ଖୁବ ଶୀଘ୍ର ହତ୍ୟାକାଣ୍ଡରେ ଜଡିତ ଅନ୍ୟ ଅପରାଧୀଙ୍କୁ ଗିରଫ କରାଯିବା ନେଇ ସୂଚନା ମିଳିଛି। ରାୟଗଡା ଆରକ୍ଷୀ ଅଧୀକ୍ଷକ ସ୍ୱାଥୀ ଏସ କୁମାରଙ୍କ ନେତୃତ୍ୱରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରାମେନ୍ଦ୍ର ପ୍ରସାଦ ପୁଲିସର ଟେକନିକାଲ ଟିମ ସହାୟତାରେ ତଦନ୍ତ କରୁଥିଲେ। ଏହି ଘଟଣାରେ ପୁଲିସ ୬ଟି ଟିମ ଗଠନ କରି ରାଜ୍ୟ ଏବଂ ରାଜ୍ୟ ବାହାରେ ତଦନ୍ତ ଜାରି ରଖିଥିଲା। ପୁଲିସ ତଦନ୍ତ ସଂପର୍କରେ ତଦନ୍ତ ବ୍ୟାଘତ ହେଉଥିବାରୁ ପରବର୍ତ୍ତି ସମୟରେ ସୂଚନା ଦିଆଯିବ ବୋଲି କୁହାଯାଇଥିଲା।ଏଠାରେ ସୂଚନାଯୋଗ୍ୟଯେ ଗତ ୯ ତାରିଖ ରାତିରେ ରାୟଗଡା ସହର ଇନ୍ଦିରା ନଗର ୩ୟ ଲାଇନରେ କିଛି ଅଜଣା ଦୁର୍ବୃତ୍ତ ଗୁଳି କରି ରାୟଗଡା ସହର ସ୍ଥିତ ଆମ୍ବେଦକର ସାହିର ଜଣେ ଯୁବକ ନିଖିଲ ହାଡ଼ପାକୁ ଗୋଡାଇ ଗୋଡାଇ ହତ୍ୟା କରିଥିଲେ। ପୂର୍ବ ଶତୃତା ଓ ଜୁଆ ଆଡ୍ଡାରୁ ଲୁଟ ଘଟଣାକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥିବା ଅନୁମାନ କରାଯାଇଛି ଓ ପୂର୍ବରୁ ୨ଗ୍ୟାଙ୍ଗ ମଧ୍ୟରେ ବିଭିନ୍ନ କାରଣରୁ ତିକ୍ତତା ଲାଗିରହିଥିଲା। ସୂଚନାଯୋଗ୍ୟ ଯେ ୯ତାରିଖ ରାତି ପାଖାପାଖି ରାତି ୧୦ଟା କିଛି ଯୁବକ ଗୋଟିଏ ବୁଲେଟ ଏବଂ ଏକ ଚାରି ଚକିଆ ଗାଡିରେ ନିଖିଲକୁ ପିଛା କରିଥିଲେ। ସେମାନଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହି ସମୟରେ ନିଖିଲି ଦେଡି ପଳେଇବା ସମୟରେ ଗୁଳି କରି ଅପହରଣ କରିଥିଲେ। ଏବଂ ହତ୍ୟା କରି ନିଖିଲକୁ ସହର ସ୍ଥିତ ତ୍ରିଗୁଡା ନିକଟସ୍ଥ ନାଗାବଳୀ ନଦୀ ପଠାରେ ମୃତଦେହକୁ ଫିଙ୍ଗିଦେଇଥିଲେ।

## ଅଧାବାଟରେ ଆମ୍ବୁଲାନ୍ସରୁ ତେଲ, ଅକ୍ସିଜେନ୍ ସରିଗଲା: ରୋଗୀଙ୍କ ଜୀବନ ଗଲା

କେନ୍ଦ୍ରାପଡ଼ା/ଡେରାବିଶ: ଆମ୍ବୁଲାନ୍ସରୁ ତେଲ ସରିଗଲା। ଅକ୍ସିଜେନ୍ ସିଲିଣ୍ଡର୍ ବି ଖାଲି ହୋଇଗଲା। ଅଧାରାସ୍ତାରେ ଚାଲିଗଲା ଗୁରୁତର ରୋଗୀଙ୍କ ଜୀବନ। କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ଥାନା ଚଟରାଚକଡ଼ା ପଞ୍ଚାୟତ ଗୋବିନ୍ଦପୁର ଗ୍ରାମର ପ୍ରକାଶ କାଣ୍ତି (୩୫)ଙ୍କର ଅକାଳରେ ମୃତ୍ୟୁକୁ ନେଇ କ୍ଷୋଭ ପ୍ରକାଶ ପାଇଛି। ଗୋବିନ୍ଦପୁର ଗ୍ରାମର ବୈଷ୍ଣବ କାଣ୍ତିଙ୍କ ପୁଅ ପ୍ରକାଶ ଘରୋଇ କଳହକୁ କେନ୍ଦ୍ର କରି ଗୁରୁବାର ବିଷ ପିଇ ଦେଇଥିଲେ। ତାଙ୍କୁ ପ୍ରଥମେ ଛତା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ଜିଲ୍ଲା ହସ୍ପିଟାଲ୍କୁ ପଠାଯାଇଥିଲା। ସେଠାରୁ ଡାକ୍ତର କଟକ ବଡ଼ ମେଡିକାଲ୍ ସ୍ଥାନାନ୍ତର କରିଥିଲେ। ଗୁରୁବାର ରାତିରେ ପ୍ରକାଶଙ୍କ ଚିକିତ୍ସା ବଡ଼ ମେଡିକାଲ୍ରେ ହୋଇଥିଲା। ମାତ୍ର ଅବସ୍ଥା ସଙ୍କଟାପନ୍ନ ହେଉଥିବାରୁ ଆଇସିୟୁର ଆବଶ୍ୟକତା ଯୋଗୁଁ ବଡ଼ଭାଇ ବିଭୂତି କାଣ୍ତିଓ ଭାଉଜ ଝରଣା ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲ୍କୁ ନେଉଥିଲେ। ଆଜି ଦିନ ଗୋଟାଏ ବେଳେ କଟକରୁ ଗୁରୁତର ପ୍ରକାଶଙ୍କୁ ଭୁବନେଶ୍ୱର ନିଆଯାଉଥିବା ବେଳେ କାଠଯୋଡ଼ି ପୋଲ ଉପରେ ତେଲ ସରିଯିବାରୁ ଆମ୍ବୁଲାନ୍ସ ଅଟକି ଯାଇଥିଲା। ଅକ୍ସିଜେନ୍ ଚାଲିନଥିଲା। ଫଳରେ କାଠଯୋଡ଼ି ପୋଲ ଉପରେ ହିଁ ପ୍ରକାଶ ଆଖି ବୁଜିଦେଲେ ବୋଲି ବଡ଼ଭାଇ ବିଭୂତି କହିଛନ୍ତି। ସେଠାରୁ ପ୍ରକାଶଙ୍କ ଶବ ସିଧା ଗାଁ ଶ୍ମଶାନକୁ ଅନ୍ୟ ଏକ ଆମ୍ବୁଲାନ୍ସରେ ଅଣାଯାଇଥିଲା। ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ଅଚାନକ ମହୁମାଛି ଆକ୍ରମଣ ଫଳରେ ଅନ୍ତ୍ୟେଷ୍ଟିକ୍ରିୟାରେ ବାଧା ଉପୁଜିଥିଲା। ଏହା ଭିତରେ ବ୍ୟବଚ୍ଛେଦ ନ କରି ଶବଦାହକୁ ବିରୋଧ କରାଯିବା ପରେ ପୁନଶ୍ଚ ଶ୍ମଶାନରୁ ପ୍ରକାଶଙ୍କ ମରଶରୀରକୁ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ହସ୍ପିଟାଲ୍କୁ ଅଣାଯାଇଥିଲା। ଆସନ୍ତାକାଲି ଶବ ବ୍ୟବଚ୍ଛେଦ ପରେ ଶେଷକୃତ୍ୟ ସମ୍ପନ୍ନ କରାଯିବ ବୋଲି ସୂଚନା ମିଳିଛି। ଅନ୍ୟପଟେ ସଦର ଥାନା ଆଇଆଇସି ତୁଷାର ସେଠୀ କହିଛନ୍ତି, ଆମ୍ବୁଲାନ୍ସରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଗାଡ଼ି ଷ୍ଟାର୍ଟ ବନ୍ଦ ହୋଇଯାଇଥିଲା। ପୁଲିସ ସହାୟତାରେ ଆମ୍ବୁଲାନ୍ସକୁ ଚଉଳିଆଗଞ୍ଜର ନୂଆବଜାରରେ ଥିବା ଏକ ଗ୍ୟାରେଜ୍କୁ ସ୍ଥାନାନ୍ତର କରାଯାଇଥିଲା।ଅନ୍ୟପଟେ ରୋଗୀଙ୍କୁ ଭୁବନେଶ୍ୱର ଏକ ଆମ୍ବୁଲାନ୍ସରେ ସ୍ଥାନାନ୍ତର କରାଯାଇଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା ବୋଲି ଶ୍ରୀ ସେଠୀ କହିଛନ୍ତି।

## ଡିଜେଲ ଅଭାବରୁ ସମୁଦ୍ର ମଝିରେ ଫସିଲେ ମତ୍ସ୍ୟଜୀବୀ

ପିପିଲି: ଡିଜେଲ ଅଭାବରୁ ସମୁଦ୍ର ମଝିରେ ଫସିଲେ ମତ୍ସ୍ୟଜୀବୀ। ଚିଲିକାକୁ ମାଛ ଧରିବାକୁ ଯାଇ କଣାସ ଅଞ୍ଚଳର ଅନେକ ମତ୍ସ୍ୟଜୀବୀ ଫସିଛନ୍ତି। ଚିଲିକା ଭିତରେ ଥିବା ଛୋଟ ଟାପୁରେ ଆଶ୍ରୟ ନେଇଛନ୍ତି। କଣାସ ଜାଗୁଳାଇପଦର ଠାରୁ ୮ କିଲୋମିଟର ଦୂରରେ ଥିବା ଦୟାନଦୀ ମୁହାଣରେ ବି ଏକାଧିକ ଡଙ୍ଗା ତେଲ ଅଭାବରୁ କୂଳରେ ଲାଗିଛ। ଏପଟେ ଚିଲିକା ଭିତରେ କଣାସ ଅଞ୍ଚଳର ପ୍ରାୟ ୪୦ ଟି ଡ଼ଙ୍ଗା ଓ ସେଥିରେ କାର୍ଯ୍ୟରତ ଥିବା ୧୦୦ ରୁ ଅଧିକ ମତ୍ସ୍ୟଜୀବୀ ଏବେ ଚିନ୍ତାରେ। ତେଲ ଶେଷ ହୋଇଯାଇଥିବା ଯୋଗୁ ଘରକୁ ଫେରିପାରୁନାହାନ୍ତି।ଅନ୍ୟପଟେ, ଆଜି ସକାଳୁ ସକାଳୁ ତେଲ ଟାଙ୍କିରେ ପ୍ରବଳ ଭିଡ଼। ଭୋରରୁ ପେଟ୍ରୋଲ ଟାଙ୍କି ଲୋକଙ୍କ ଭିଡ଼ ଜମିଛି। ସାରା ରାଜ୍ୟରେ ତେଲ ପାଇଁ ହାହାକାର। ପେଟ୍ରୋଲ ପମ୍ପ ଆଗରେ ଲୋକଙ୍କ ପ୍ରବଳ ଭିଡ଼ ୟ ଘଣ୍ଟା ଘଣ୍ଟା ଧରି ଗାଡ଼ି ଧରି ଛିଡ଼ା ହେଉଛନ୍ତି ଲୋକେ। ଉପକୂଳରୁ ଉପାନ୍ତୟ ଦକ୍ଷିଣରୁ ପଶ୍ଚିମ ରାଜ୍ୟର ସବୁଠି ପେଟ୍ରୋଲ ଓ ଡିଜେଲ ପାଇଁ ସମାନ ସ୍ଥିତି।

## ବୃଦ୍ଧି ପାଉଛି ତୈଳ ସଙ୍କଟ, ଗଜପତି ଜିଲ୍ଲାର ୯ ପେଟ୍ରୋଲ ପମ୍ପ ଶୁଖିଲା

ପାରଳାଖେମୁଣ୍ଡି: ଗଜପତି ଜିଲ୍ଲାରେ ତୈଳ ସଙ୍କଟ ଦିନକୁ ଦିନ ଉଦବେଗଜନକ ରୂପ ନେଉଛି। ଆଜି ମଧ୍ୟ ଜିଲ୍ଲାର ଅନେକ ପେଟ୍ରୋଲ ପମ୍ପ ବନ୍ଦ ରହିଥିବା ବେଳେ, କିଛି ସ୍ଥାନରେ କେବଳ ପେଟ୍ରୋଲ ଉପଲବ୍ଧ ଥିବା ସହ ଡିଜେଲ୍ ସମ୍ପୂର୍ଣ୍ଣ ଭାବେ ଶେଷ ହୋଇଯାଇଥିବା ଜଣାପଡ଼ିଛି। ଫଳରେ ସାଧାରଣ ଲୋକ, ଯାନବାହନ ଚାଳକ ଓ ବ୍ୟବସାୟୀମାନେ ଭାରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି।ସୂଚନା ଅନୁଯାୟୀ, ଜିଲ୍ଲାରେ ଥିବା ମୋଟ ୨୨ଟି ପେଟ୍ରୋଲ



ପମ୍ପ ମଧ୍ୟରୁ ୯ଟି ପମ୍ପରେ ତୈଳ ସମ୍ପୂର୍ଣ୍ଣ ଭାବେ ଶେଷ ହୋଇଯାଇଥିବାରୁ ସେଗୁଡ଼ିକ ବନ୍ଦ ପଡ଼ିଛି। ଅଥବା ଅଞ୍ଚଳରେ ଗୋଟିଏ ପମ୍ପ, କାଶୀନଗରରେ ଦୁଇଟି, ଖଜୁରୀପଦାରେ ଗୋଟିଏ, ପାରଳାଖେମୁଣ୍ଡି ସହରରେ ୩ଟି,ଲାବାଣ୍ୟଗଡ଼ରେ ଗୋଟିଏ ଓ ଗୁରାଣ୍ଡି ଅଞ୍ଚଳରେ ଗୋଟିଏ ପେଟ୍ରୋଲ ପମ୍ପ ବନ୍ଦ ଥିବା ଜଣାପଡ଼ିଛି। ଯେଉଁ ପମ୍ପଗୁଡ଼ିକ ଚାଲୁ ଅଛି, ସେଠାରେ ମଧ୍ୟ ପେଟ୍ରୋଲ ଓ ଡିଜେଲ୍ ସୀମିତ ପରିମାଣରେ ମିଳୁଥିବାରୁ ଗାଡ଼ି ଚାଳକମାନେ ଦୀର୍ଘ ସମୟ ଧରି ଲାଇନରେ ରହିବାକୁ ବାଧ୍ୟ ହେଉଛନ୍ତି। ବିଶେଷକରି ଡିଜେଲ୍ ଅଭାବର ପ୍ରଭାବ ମାଲବାହୀ ଗାଡ଼ି, ବସ୍ ସେବା ଓ କୃଷି କାର୍ଯ୍ୟରେ ବ୍ୟବହୃତ ଯାନବାହନ ଉପରେ ପଡ଼ୁଛି। ସ୍ଥିତି ଦିନକୁ ଦିନ ସଙ୍ଗିନ ହେଉଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଓ ଚିନ୍ତା ବଢୁଛି। ଶୀଘ୍ର ତୈଳ ଯୋଗାଣ ସ୍ୱାଭାବିକ କରିବାକୁ ପ୍ରଶାସନ ଓ ତୈଳ କମ୍ପାନୀମାନଙ୍କୁ ଦାବି କରାଯାଉଛି।

## ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କଲେ ରାହୁଲ ଗାନ୍ଧୀ: ନିଟ୍ ପ୍ରଶ୍ନପତ୍ର ଲିକ୍ ନେଇ ପ୍ରଧାନମନ୍ତ୍ରୀଙ୍କୁ ସମାଲୋଚନା

ନୂଆଦିଲ୍ଲୀ: ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ୍ ? ନେଇ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାରର ତୀବ୍ର ସମାଲୋଚନା କରିଛନ୍ତି । ରାହୁଲ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ତୁରନ୍ତ ଇସ୍ତଫା ଦାବି କରିଛନ୍ତି । ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏକ ପୋଷ୍ଟ କରି ରାହୁଲ ଲେଖିଛନ୍ତି, ନିଟ୍ ପରୀକ୍ଷା ଦେଇଥିବା ୨୨ ଲକ୍ଷ ଛାତ୍ରଛାତ୍ରୀଙ୍କ ସହିତ ବିଶ୍ୱାସଘାତକତା ହୋଇଛି । ପ୍ରଧାନମନ୍ତ୍ରୀ ମୋଦୀ ଏହି ପ୍ରସଙ୍ଗରେ ନିରବ ଥିବା କହି ସମାଲୋଚନା କରିଛନ୍ତି । ରାହୁଲ କହିଛନ୍ତି ପ୍ରଧାନମନ୍ତ୍ରୀ ତୁରନ୍ତ ଧର୍ମେନ୍ଦ୍ର ପ୍ରଧାନଙ୍କୁ ହଟାନ୍ତୁ ନଚେତ୍ ନିଜେ ଏଥିପାଇଁ ଦାୟୀ ରୁହନ୍ତୁ । ରାହୁଲ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ହଟେଇବାକୁ ଦାବି କରିଛନ୍ତି ।



ସୂଚନାଯୋଗ୍ୟ, ଡାକ୍ତରୀ ଶିକ୍ଷାରେ ନାମଲେଖା ପାଇଁ ମେ ୩ ତାରିଖରେ ନିଟ୍ -ୟୁଜି ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ତେବେ ପ୍ରଶ୍ନପତ୍ର ଲିକ୍ ହୋଇଥିବା ଜଣାପଡ଼ିବା ପରେ ନିଟ୍ ? ପରୀକ୍ଷା ବାତିଲ କରାଯିବା ସହିତ ଜୁନ୍ ୨୧ରେ ପୁନଃ ପରୀକ୍ଷା ପାଇଁ ସରକାର ଘୋଷଣା କରିଛନ୍ତି । ପ୍ରଶ୍ନପତ୍ର ଲିକ୍ ଉପରେ ରାହୁଲ ଗାନ୍ଧୀ କହିଛନ୍ତି ଯେ, ୨୨ ଲକ୍ଷ ଛାତ୍ରଛାତ୍ରୀ ପରୀକ୍ଷା ପାଇଁ ଦୁଇ ବର୍ଷ ହେଲା ରାତି ଦିନ ପରିଶ୍ରମ କରୁଥିଲେ । କିନ୍ତୁ ସେମାନଙ୍କ ପରିଶ୍ରମ ବୃଥା ଗଲା । ସାରା ଦେଶ ଜାଣିଥିଲା ଯେ, ନିଟ୍ ପରୀକ୍ଷାର ଦୁଇ ଦିନ ପୂର୍ବରୁ ପ୍ରଶ୍ନପତ୍ର ହ୍ୱାଟ୍ସଆପ୍‌ରେ ବୁଲୁଥିଲା । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ବିବାଦ ପାଇଁ ଦାୟୀ ହେବାକୁ ରାଜି ନାହାନ୍ତି । ରାହୁଲ ଆହୁରି ମଧ୍ୟ କହିଛନ୍ତି ଯେ, ଆର୍‌ଏସ୍‌ଏସ୍, ବିଜେପି ଓ ବିଶ୍ୱବିଦ୍ୟାଳୟ ଅଧିକାରୀଙ୍କ ସମ୍ପର୍କ ଏ ଦେଶର ଶିକ୍ଷା ବ୍ୟବସ୍ଥାକୁ ନଷ୍ଟ କରିଦେଲାଣି । ବିଶ୍ୱବିଦ୍ୟାଳୟରେ ନିଯୁକ୍ତି ମଧ୍ୟ ମେଧା ବଦଳରେ ବେ ?ଚାରିକ ସମ୍ପର୍କ ଆଧାରରେ କରାଯାଉଛି । ଦେଶରେ ୮୦ ଥର ପ୍ରଶ୍ନପତ୍ର ଲିକ୍ ହେଲାଣି, ଦେଶର ଦୁଇ କୋଟି ଯୁବପିଢ଼ିଙ୍କ ଭବିଷ୍ୟତ ନଷ୍ଟ ହୋଇଗଲାଣି ବୋଲି ରାହୁଲ କହିଛନ୍ତି । ରାହୁଲ ଗାନ୍ଧୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି ସହିତ ପ୍ରଶ୍ନପତ୍ର ଲିକ୍‌ରେ ସମ୍ପୃକ୍ତ ବ୍ୟକ୍ତି ବିଶେଷଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି ।

## ମନ୍ତ୍ରିମଣ୍ଡଳରେ ବିଭାଗ ବଣ୍ଟନ କରିଛନ୍ତି ବିଜୟ

ଚେନ୍ନାଇ: ତାମିଲନାଡୁରେ ତାମିଲାଗା ଭେଟ୍ରି କାଝାଗମ୍ ? (ଟିଭିକେ) ସରକାର ଗଠନ କରିବା ପରେ ମୁଖ୍ୟମନ୍ତ୍ରୀ ସି ଯୋଶେଫ ବିଜୟ ତାଙ୍କ ମନ୍ତ୍ରିମଣ୍ଡଳରେ ବିଭାଗ ବଣ୍ଟନ କରିଛନ୍ତି । ବିଜୟ ସାଧାରଣ ପ୍ରଶାସନ, ଗୃହ, ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଲାଗୁ, ମହିଳା ଓ ଯୁବ କଲ୍ୟାଣ, ମ୍ୟୁନିସିପାଲ ପ୍ରଶାସନ, ସହର ଓ ଜଳ ଯୋଗାଣ ବିଭାଗ ନିଜ ପାଖରେ ରଖିଛନ୍ତି । ରାଜ୍ୟପାଳ ରାଜେନ୍ଦ୍ର ଆର୍ଲେକର ଶନିବାର ବିଜୟଙ୍କ ସୁପାରିସ ଆଧାରରେ ବିଭାଗ ବଣ୍ଟନକୁ ସ୍ୱୀକୃତି ପ୍ରଦାନ କରିଛନ୍ତି । ଟିଭିକେ ମହାସଚିବ ତଥା ଥିୟଗାରାୟନଗର ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିଜୟୀ ହୋଇଥିବା ଏନ୍ ଆନନ୍ଦଙ୍କୁ ଗ୍ରାମୀଣ ବିକାଶ ଓ ଜଳ ସମ୍ପଦ ବିଭାଗ ମିଳିଛି । ଦଳର ମହାସିଚବ (ନିର୍ବାଚନ ପ୍ରଚାର) ଅଦ୍ଧବ ଅର୍ଜ୍ଜୁନଙ୍କୁ ପୂର୍ତ୍ତ ଓ କ୍ରୀଡ଼ା ବିକାଶ ବିଭାଗ ମିଳିଛି । ଡ. କେ ଜି



ଅରୁଣରାଜ, ଦଳର ପ୍ରଚାର ସଚିବ ଥିବାବେଳେ ଜଣେ ପୂର୍ବତନ ଆଇଆର୍‌ଏସ୍ ଅଧିକାରୀ ମଧ୍ୟ । ତାଙ୍କୁ ସ୍ୱାସ୍ଥ୍ୟ, ମେଡିକାଲ, ଶିକ୍ଷା ଓ ପରିବାର କଲ୍ୟାଣ ବିଭାଗ ମିଳିଛି । ବରିଷ୍ଠ ରାଜନେତା ତଥା ଗୋବିଚେଟ୍ଟିପାଲାୟମ୍ ବିଧାୟକ କେ ଏ ସେଙ୍ଗୋଟିୟାନ୍‌ଙ୍କୁ ଅର୍ଥ ବିଭାଗ ମନ୍ତ୍ରିପଦ ମିଳିଛି । ମାଇଲାପୋର୍ ବିଧାୟକ ତଥା ଦଳର କୋଷାଧ୍ୟକ୍ଷ ପି ଭେଙ୍କଟରମନ ଖାଦ୍ୟ ଓ ସାଧାରଣ ଯୋଗାଣ ବିଭାଗର ମନ୍ତ୍ରୀ ହୋଇଛନ୍ତି । ଟିଭିକେର ଯୁଗ୍ମ ମହାସଚିବ ସିଟିଆର୍ ନିର୍ମଳ କୁମାରଙ୍କୁ ଶକ୍ତି, ସମ୍ପଦ ଓ ଆଇନ ବିଭାଗ ମିଳିଛି । ଦଳର ଏଗମୋର୍ ବିଧାୟକ ରାଜମୋହନଙ୍କୁ ସ୍କୁଲ ଶିକ୍ଷା, ତାମିଲ ବିକାଶ, ସୂଚନା ଓ ପବ୍ଲିସିଟି ବିଭାଗ ମିଳିଛି । କରାଇକୁଡି ଜିଲ୍ଲା ବିଧାୟକ ଡ. ଟି କେ ପ୍ରଭୁଙ୍କୁ ପ୍ରାକୃତିକ ସମ୍ପଦ ବିଭାଗ ମିଳିଛି । ଦଳର ଏକମାତ୍ର ମହିଳା ତଥା ଶିବକାଶୀ ବିଧାୟିକା ଏସ୍ କୀର୍ଥନାଙ୍କୁ ଶିଳ୍ପ ବିଭାଗ ମିଳିଛି ବୋଲି ଲୋକଭବନରୁ ପ୍ରକାଶିତ ରିଲିଜରୁ ଜଣାପଡ଼ିଛି ।

## ତାମିଲନାଡୁ ମନ୍ତ୍ରୀମଣ୍ଡଳ ବିଭାଗ ବଣ୍ଟନ, ମୁଖ୍ୟମନ୍ତ୍ରୀଙ୍କ ପାଖରେ ଗୃହ ବିଭାଗ

ତାମିଲନାଡୁ ମନ୍ତ୍ରୀମଣ୍ଡଳ ବିଭାଗ ବଣ୍ଟନ । ତାମିଲନାଡୁ ରାଜଭବନ ପକ୍ଷରୁ ନୂତନ ମନ୍ତ୍ରୀମଣ୍ଡଳର ବିଭାଗ ବଣ୍ଟନକୁ ଆନୁଷ୍ଠାନିକ ଭାବେ ମଞ୍ଜୁରୀ ମିଳିଛି । ମୁଖ୍ୟମନ୍ତ୍ରୀ ସି. ଜୋସେଫ୍ ବିଜୟ ନିଜ ପାଖରେ ଗୃହ ବିଭାଗ ରଖିଥିବା ବେଳେ ବରିଷ୍ଠ ନେତା କେ.ଏ. ସେଙ୍ଗୋଟ୍ଟାୟନଙ୍କୁ ରାଜ୍ୟର ନୂଆ ଅର୍ଥ ମନ୍ତ୍ରୀ ଭାବେ ନିଯୁକ୍ତ କରାଯାଇଛି । ୨୦୨୬ ବିଧାନସଭା ନିର୍ବାଚନରେ ତାମିଲଗା ଭେଟ୍ରି କାଜାଗାମ (ଞଠକ) ର ଐତିହାସିକ ବିଜୟ ପରେ, ରାଜ୍ୟପାଳ ରାଜେନ୍ଦ୍ର ଆର୍ଲେକର ମୁଖ୍ୟମନ୍ତ୍ରୀଙ୍କ ସୁପାରିଶ କ୍ରମେ ମନ୍ତ୍ରୀମାନଙ୍କ ପୋର୍ଟଫୋଲିଓକୁ ଅନୁମୋଦନ କରିଛନ୍ତି । ରାଜ୍ୟପାଳଙ୍କ ଦ୍ୱାରା ଅନୁମୋଦିତ ଏହି ୧୦ ଜଣିଆ ନୂତନ ମନ୍ତ୍ରୀମଣ୍ଡଳର ପ୍ରମୁଖ ବିଭାଗ ଗୁଡ଼ିକ ହେଉଛି ମୁଖ୍ୟମନ୍ତ୍ରୀ ସି. ଜୋସେଫ୍ ବିଜୟ ସାଧାରଣ ପ୍ରଶାସନ, ଗୃହ, ପୋଲିସ, ଯୁବ କଲ୍ୟାଣ ଏବଂ ପୌର ପ୍ରଶାସନ । କେ.ଏ. ସେଙ୍ଗୋଟ୍ଟାୟନଙ୍କୁ ଅର୍ଥ ଏବଂ ପେନସନ ବିଭାଗର ଦାୟିତ୍ୱ ମିଳିଛି । ସେହିପରି ଆଧବ ଅର୍ଜୁନଙ୍କୁ ପୂର୍ତ୍ତ ବିଭାଗ ଏବଂ କ୍ରୀଡ଼ା ବିକାଶ ବିଭାଗ । ସେଲଭି ଏସ. କୀର୍ତ୍ତନାଙ୍କୁ ଶିଳ୍ପ ଏବଂ ବିନିଯୋଗ ପ୍ରୋତ୍ସାହନ । ଡାକ୍ତର କେ.ଜି. ଅରୁଣରାଜଙ୍କୁ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ । ଆର. ନିର୍ମଳକୁମାରଙ୍କୁ ଶକ୍ତି ଏବଂ ଆଇନ ବିଭାଗ । ଏନ. ଆନନ୍ଦଙ୍କୁ ଗ୍ରାମ୍ୟ ଉନ୍ନୟନ ଏବଂ ଜଳ ସମ୍ପଦ । ରାଜମୋହନଙ୍କୁ ବିଦ୍ୟାଳୟ ଶିକ୍ଷା ଏବଂ ତାମିଲ ଭାଷା ବିକାଶ । ପି. ଭେଙ୍କଟରମଣନଙ୍କୁ ଖାଦ୍ୟ ଏବଂ ଗ୍ରାହକ କଲ୍ୟାଣ । ଡାକ୍ତର ଟି.କେ. ପ୍ରଭୁଙ୍କୁ ପ୍ରାକୃତିକ ସମ୍ପଦ ବିଭାଗ ଦାୟିତ୍ୱ ଦିଆଯାଇଛି । ଏହି ନୂତନ ମନ୍ତ୍ରୀମଣ୍ଡଳ ସହ ବିଜୟଙ୍କ ନେତୃତ୍ୱାଧୀନ ସରକାର ରାଜ୍ୟରେ ନିଜର ପ୍ରଶାସନିକ କାର୍ଯ୍ୟକାଳ ଆରମ୍ଭ କରିବାକୁ ଯାଉଛନ୍ତି ।

## ସିବିଏସଇର ବଡ଼ ନିଷ୍ପତ୍ତି, ୯ମ ଏବଂ ୧୦ମରେ ୩ଟି ଭାଷା ବାଧ୍ୟତାମୂଳକ, ଜୁଲାଇ ୧ରୁ ହେବ ଲାଗୁ

ନୂଆଦିଲ୍ଲୀ : କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସଇ) ଜୁଲାଇ ୧ରୁ ୯ମ ଏବଂ ୧୦ମ ଶ୍ରେଣୀ ଛାତ୍ରଙ୍କ ପାଇଁ ୩ଟି ଭାଷା ଜାଣିଥିବା ବାଧ୍ୟତାମୂଳକ କରାଯାଇଛି । ଏହି ନୂଆ ନିୟମ ଜୁଲାଇ ୧, ୨୦୨୬ ଶିକ୍ଷାବର୍ଷ ୨୦୨୬-୨୭ରୁ ଆରମ୍ଭ ହେବ । ବୋର୍ଡ ଦ୍ୱାରା ଜାରି ହୋଇଥିବା ସର୍କୁଲାର ଅନୁସାରେ, ରାଷ୍ଟ୍ରୀୟ ଶିକ୍ଷା ନୀତି ୨୦୨୦ ଏବଂ ନ୍ୟାସନାଲ କରିକୁଲମ ଫ୍ରେମୱାର୍କ ୨୦୨୩ ଅଧିନରେ ଏହି ନିଷ୍ପତ୍ତି ନିଆଯାଇଛି । ନୂଆ ଶିକ୍ଷାବର୍ଷ ପାଇଁ ୯ମ ଛାତ୍ର ୩ଟି ଭାଷାରେ ପଢିବା ବାଧ୍ୟତାମୂଳକ । ଏହି ନିୟମରେ ୩ଟି ଭାଷା ମଧ୍ୟରେ ଅତିକମରେ ୨ଟି ଭାଷା ଭାରତୀୟ ହେବା ଜରୁରୀ । ନୂଆ ବ୍ୟବସ୍ଥା ଅନୁସାରେ ତିନୋଟି ଭାଷାରୁ ଅନ୍ୟୁନ ଦୁଇଟି ଭାରତୀୟ ନେଟିଭ ଭାଷା ହେବା ଆବଶ୍ୟକ ରହିବ । ତଥାପି ଦଶମ ବୋର୍ଡ ପରୀକ୍ଷାରେ ତୃତୀୟ ଭାଷା ପରୀକ୍ଷା ଦେବା ବାଧ୍ୟତାମୂଳକ ହେବ ନାହିଁ ବୋଲି ମଧ୍ୟ ସ୍ପଷ୍ଟ କରାଯାଇଛି । ତୃତୀୟ ଭାଷା ଭାବେ ଆଞ୍ଚଳିକ ଭାଷାଗୁଡିକର ତାଲିକାରେ 'ଓଡ଼ିଆ' ସହିତ ମୋଟ ୧୯ଟି ଭାଷାକୁ ସ୍ଥାନ ଦିଆଯାଇଛି । ଯେଉଁ ଛାତ୍ରମାନେ ବିଦେଶୀ ଭାଷା (ଫ୍ରେଞ୍ଚ, ଜର୍ମାନୀ) ଆଦି ପଢିବାକୁ ଚାହୁଁଛନ୍ତି, ସେମାନେ ୩ୟ ଭାଷାକୁ ଚୟନ କରିପାରିବେ । ଛାତ୍ରଛାତ୍ରୀ ଚାହିଁଲେ ୪ର୍ଥ ଭାଷା ମଧ୍ୟ ପଢିପାରିବେ ।

## ପୂର୍ବାଞ୍ଚଳ ଏକ୍ସପ୍ରେସ ୱେର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା, ଘଟଣା ସ୍ଥଳରେ ୫ ମୃତ

ଆଜମଗଢ : ଉତ୍ତରପ୍ରଦେଶ ଆଜମଗଢର ପୂର୍ବାଞ୍ଚଳ ଏକ୍ସପ୍ରେସ ୱେରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଦୁର୍ଘଟଣାରେ ୫ ଜଣଙ୍କ ଜୀବନ ଚାଲିଯାଇଛି । ଦ୍ରୁତ ଗତିରେ ଆସୁଥିବା ଏକ କାର୍ କଣ୍ଟେନର ଭିତରେ ପସିଯାଇଥିଲା, ଫଳରେ ୫ ଜଣଙ୍କ ଜୀବନ ଚାଲିଯାଇଥିବା ଜଣାପଡିଛି । ଆହତଙ୍କୁ ହସପିଟାଲରେ ଭର୍ତ୍ତି କରାଯାଇଛି । କନ୍ଧାରପୁର ଥାନା ଅନ୍ତର୍ଗତ ମାଇଲଷ୍ଟୋନ ୨୩୮ ନିକଟରେ ଦୁର୍ଘଟଣା ଘଟିଛି । ଘଟଣା ପରେ ପୋଲିସ ଓ ପ୍ରଶାସନ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଛନ୍ତି ।

ସେହିପରି ଜାଲୌନ ଜିଲ୍ଲାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୨ ଜଣଙ୍କ ଜୀବନ ଚାଲିଯାଇଥିବା ବେଳେ ଅନ୍ୟ ୨ ଜଣ ଗୁରୁତର ରହିଛନ୍ତି । ପୋଲିସ ସୂଚନା ଅନୁସାରେ ଶୁକ୍ରବାର ରାତି ୧୧ଟାରେ କୋତିୱାଲି ଥାନା ଅନ୍ତର୍ଗତ ଜାଲୌନ-ଓରିୟା ରୋଡରେ ଏକ ସ୍କୁଲ ନିକଟରେ ଦ୍ରୁତ ଗତିରେ ଏକ କାର୍ ଆସି ରାସ୍ତାକଡ଼ରେ ଥିବା ଗଛ ସହିତ ଧକ୍କା ହୋଇ ଗାତରେ ଖସିପଡିଥିଲା । କାର୍ ଭିତରେ ଥିବା ଲୋକଙ୍କ ଚିତ୍କାର ଶୁଣିବା ସ୍ଥାନୀୟ ଲୋକ ଉଦ୍ଧାର କରିଥିଲେ ।

## ସ୍ଥାୟୀ ନିଷେଧରୁ ୨୦ ବର୍ଷ ସ୍ଥଗିତ: ଇରାନର ପରମାଣୁ ପ୍ରସଙ୍ଗ ନେଇ ନରମିଲେ ଟ୍ରମ୍ପ...

ୱାସିଂଟନ : ଇରାନ ଏବଂ ଆମେରିକା ମଧ୍ୟରେ ଅସ୍ତ୍ରବିରତି ଜାରି ରହିଛି । କିନ୍ତୁ ହର୍ମୁଜ ପ୍ରଣାଳୀ ଉପରେ ଉତ୍ତେଜନା ବୃଦ୍ଧି ପାଇଛି । ଏହି ସମୟରେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ପ୍ରତି ଏକ ନରମ ମନୋଭାବ ଗ୍ରହଣ କରିଛନ୍ତି । ସେ କହିଛନ୍ତି ଯେ, ଯଦି ଇରାନ ୨୦ ବର୍ଷ ପାଇଁ ଏହାର ପରମାଣୁ କାର୍ଯ୍ୟକ୍ରମ ବନ୍ଦ କରିବାକୁ ରାଜି ହୁଏ, ତେବେ ଆମେରିକା ଏକ ଚୁକ୍ତି ଉପରେ ବିଚାର କରିପାରେ । ପୂର୍ବରୁ ଟ୍ରମ୍ପ ଚାହୁଁଥିଲେ ଯେ ଇରାନ ସ୍ଥାୟୀ ଭାବରେ ୟୁରାନିୟମ ସମୃଦ୍ଧି ବନ୍ଦ କରୁ, କିନ୍ତୁ ଏବେ ସେ ୨୦ବର୍ଷ କଥା କହିଛନ୍ତି । ଚୀନ୍ ଗସ୍ତ ପରେ ଟ୍ରମ୍ପ ଏଭଳି ୟୁଟର୍ଣ୍ଣ ନେଇଛନ୍ତି । ଟ୍ରମ୍ପଙ୍କ ଏହି ବିବୃତି ତାଙ୍କର ପୂର୍ବ ବିବୃତିଠାରୁ ଅଲଗା ରହିଛି ।

ପୂର୍ବରୁ କୁହାଯାଇଥିଲା ଯେ ଏହାକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ପଡ଼ିବ ଏବଂ ପରମାଣୁ ଅସ୍ତ୍ର ଉତ୍ପାଦନକୁ ଅନୁମତି ଦିଆଯିବା ଉଚିତ୍ ନୁହେଁ ।



ଟ୍ରମ୍ପଙ୍କ ଏହି ବିବୃତି ଏହା ମଧ୍ୟ ସୂଚାଇ ଆମେରିକା ଏକ ଚୁକ୍ତି ପାଇଁ ପ୍ରସ୍ତୁତ । ଏହା ଉଲ୍ଲେଖ କରାଯିବା ଉଚିତ ଯେ ତାଙ୍କ ପ୍ରଥମ କାର୍ଯ୍ୟକାଳ ସମୟରେ, ଟ୍ରମ୍ପ ଓବାମାଙ୍କ ୨୦୧୫ ପରମାଣୁ ଚୁକ୍ତିରୁ ଆମେରିକାକୁ ବାହାର କରିନେଇଥିଲେ ।

ଟ୍ରମ୍ପ କହିଛନ୍ତି ଯେ ସେ ଏବଂ ଜିନପିଙ୍ଗ ସହମତ ହୋଇଛନ୍ତି ଯେ ତେହେରାନ କେବେବି ପରମାଣୁ ଅସ୍ତ୍ର ହାସଲ କରିବା ଉଚିତ୍ ନୁହେଁ ଏବଂ ନିରନ୍ତର ଶକ୍ତି ଯୋଗାଣ ସୁନିଶ୍ଚିତ କରିବା ପାଇଁ ହର୍ମୁଜ୍ ପ୍ରଣାଳୀକୁ ପୁନଃ ଖୋଲାଯିବା ଉଚିତ । ବେଜିଂ ଆଲୋଚନା ସମୟରେ, ଟ୍ରମ୍ପ କହିଥିଲେ, ଆମେ ଚାହୁଁନାହୁଁ ଯେ ସେମାନଙ୍କ ପାଖରେ ପରମାଣୁ ଅସ୍ତ୍ର ରହୁ । ଆମେ ଚାହୁଁଛୁ ଯେ ପ୍ରଣାଳୀ ଖୋଲା ରହୁ । ତେବେ ଚୀନ୍ ପକ୍ଷରୁ କୌଣସି ସରକାରୀ ବିବୃତି ଦିଆଯାଇ ନାହିଁ, ଯେଉଁଥିରେ କେବଳ କୁହାଯାଇଛି ଯେ ଯୁଦ୍ଧ ବନ୍ଦ ହେବା ଉଚିତ ।

## ବୈଦେଶିକ ମୁଦ୍ରା ଭଣ୍ଡାରରେ ୬.୨୯ ବିଲିଅନ୍ ଡଲାର ବୃଦ୍ଧି

ନୂଆଦିଲ୍ଲୀ: ତୈଳ ସଂକଟ ଓ ଟଙ୍କାର ବିନିମୟ ମୂଲ୍ୟ ହ୍ରାସ ସତ୍ତ୍ୱେ ଦେଶରେ ବୈଦେଶିକ ମୁଦ୍ରା ଭଣ୍ଡାରରେ ଉତ୍ସାହଜନକ ସ୍ଥିତି ଦେଖିବାକୁ ମିଳିଛି । ଦେଶର ବୈଦେଶିକ ମୁଦ୍ରା ଭଣ୍ଡାରରେ ୬.୨୯ ବିଲିଅନ୍ ଡଲାର ବୃଦ୍ଧି ପରିଲକ୍ଷିତ ହୋଇଛି । ଫଳରେ ଚଳିତ ମାସ ୮ ତାରିଖ ସୁଦ୍ଧା ଶେଷ ହୋଇଥିବା ସପ୍ତାହରେ ଏହା ୬୯୬.୯୯ ବିଲିଅନ୍ ଡଲାରରେ ପହଞ୍ଚିଥିବା ଭାରତୀୟ ରିଜର୍ଭ ବ୍ୟାଙ୍କ ସୂତ୍ରରୁ ପ୍ରକାଶ । ତେବେ ପୂର୍ବ ସପ୍ତାହରେ ବୈଦେଶିକ ମୁଦ୍ରା ଭଣ୍ଡାରରେ ୭.୭୯ ବିଲିଅନ୍ ଡଲାର ହ୍ରାସ ଦେଖାଯାଇଥିଲା । ତେବେ ମେ ୮ ସୁଦ୍ଧା ଶେଷ ହୋଇଥିବା ସପ୍ତାହରେ ବେ ?ଦେଶିକ ମୁଦ୍ରା ଭଣ୍ଡାରରେ ବୃଦ୍ଧି ପଛରେ ରହିଛି ଗୋଲ୍ଡ ରିଜର୍ଭରେ ହୋଇଥିବା ବୃଦ୍ଧି । ଏହି ସମୟରେ ଗୋଲ୍ ?ଡ ରିଜର୍ଭ ବା ଗଚ୍ଛିତ ସୁନା ପରିମାଣ ୫.୬୪ ବିଲିଅନ୍ ଡଲାର ବୃଦ୍ଧି ପାଇ ୧୨୦.୮୫ ବିଲିଅନ୍ ? ଡଲାରରେ ପହଞ୍ଚିଥିଲା ।



## ହମାସ୍ କମାଣ୍ଡର ଗାଜା ଆକ୍ରମଣରେ ନିହତ: ଇସ୍ରାଏଲ

ତେଲ ଅଭିଭ୍: ଗାଜା ଉପରେ ଆକାଶ ମାର୍ଗରୁ ଆକ୍ରମଣରେ ହମାସ୍‌ର ସଶସ୍ତ୍ର ୱିଙ୍ଗ୍ କମାଣ୍ଡର ଏଜେଦିନ୍ ଅଲ୍-ହଦାଦ୍ ନିହତ ହୋଇଥିବା ଶନିବାର ଇସ୍ରାଏଲ ପ୍ରତିରକ୍ଷା ବାହିନୀ ପକ୍ଷରୁ କୁହାଯାଇଛି । ଅକ୍ଟୋବର ୭ ଆକ୍ରମଣ ଘଟଣାରେ ଯୋଜନା ପ୍ରସ୍ତୁତ ଓ ଏହାକୁ କାର୍ଯ୍ୟକାରୀ କରିବାରେ ସାମିଲ ଅଲ୍-ହଦାଦ୍ ହମାସ ସାମରିକ ୱିଙ୍ଗ୍‌ର ଜଣେ ବରିଷ୍ଠ କମାଣ୍ଡର ଥିଲା । ଗାଜାରେ ଏକ



ନିର୍ଦ୍ଧାରିତ ଆକ୍ରମଣରେ ଅଲ୍-ହଦାଦ୍ ନିହତ ହୋଇଛି ।

ହମାସ୍‌ର ଦୁଇ ଜଣ ଅଧିକାରୀ ମଧ୍ୟ ଏଏଫ୍‌ପିକୁ ସୂଚନା ଦେଇଛନ୍ତି ଯେ, ଶୁକ୍ରବାର ଗାଜା ସିଟିରେ ଏକ ଆବାସିକ ଆପାର୍ଟମେଣ୍ଟ ଓ ଏକ ଗାଡ଼ି ଉପରେ ଇସ୍ରାଏଲ ପକ୍ଷରୁ ହୋଇଥିବା ଆକ୍ରମଣରେ ଅଲ୍-ହଦାଦ୍‌ର ମୃତ୍ୟୁ ହୋଇଛି । ଇସ୍ରାଏଲ -ହମାସ ଯୁଦ୍ଧ ମଧ୍ୟରେ ଇସ୍ରାଏଲ ନାଗରିକଙ୍କୁ ହମାସ ନିକଟରେ ପଣବନ୍ଦୀ କରି ରଖିବାରେ ଅଲ୍-ହଦାଦ୍‌ର ହାତ ରହିଥିଲା । ଅଲ୍-ହଦାଦ୍ ହମାସର ପଣବନ୍ଦୀ ବ୍ୟବସ୍ଥାକୁ ପରିଚାଳନା କରୁଥିଲା ଓ ନିଜ ଉପରେ ଯେପରି ଆକ୍ରମଣ ନହେବ ସେଥିପାଇଁ ସବୁବେଳେ ପଣବନ୍ଦୀଙ୍କ ଗହଳରେ ରହୁଥିଲା ବୋଲି ଇସ୍ରାଏଲ ପ୍ରତିରକ୍ଷା ବାହିନୀ ପକ୍ଷରୁ କୁହାଯାଇଛି ।


## ସିବିଏସଇର ବଡ଼ ନିଷ୍ପତ୍ତି, ୯ମ ଏବଂ ୧୦ମରେ ୩ଟି ଭାଷା ବାଧ୍ୟତାମୂଳକ, ଜୁଲାଇ ୧ରୁ ହେବ ଲାଗୁ

ନୂଆଦିଲ୍ଲୀ : କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସଇ) ଜୁଲାଇ ୧ରୁ ୯ମ ଏବଂ ୧୦ମ ଶ୍ରେଣୀ ଛାତ୍ରଙ୍କ ପାଇଁ ୩ଟି ଭାଷା ଜାଣିଥିବା ବାଧ୍ୟତାମୂଳକ କରାଯାଇଛି । ଏହି ନୂଆ ନିୟମ ଜୁଲାଇ ୧, ୨୦୨୬ ଶିକ୍ଷାବର୍ଷ ୨୦୨୬-୨୭ରୁ ଆରମ୍ଭ ହେବ । ବୋର୍ଡ ଦ୍ୱାରା ଜାରି ହୋଇଥିବା ସର୍କୁଲାର ଅନୁସାରେ, ରାଷ୍ଟ୍ରୀୟ ଶିକ୍ଷା ନୀତି ୨୦୨୦ ଏବଂ ନ୍ୟାସନାଲ କରିକୁଲମ ଫ୍ରେମୱାର୍କ ୨୦୨୩ ଅଧିନରେ ଏହି ନିଷ୍ପତ୍ତି ନିଆଯାଇଛି ।

ନୂଆ ଶିକ୍ଷାବର୍ଷ ପାଇଁ ୯ମ ଛାତ୍ର ୩ଟି ଭାଷାରେ ପଢିବା ବାଧ୍ୟତାମୂଳକ । ଏହି ନିୟମରେ ୩ଟି ଭାଷା ମଧ୍ୟରେ ଅତିକମରେ ୨ଟି ଭାଷା ଭାରତୀୟ ହେବା ଜରୁରୀ । ନୂଆ ବ୍ୟବସ୍ଥା ଅନୁସାରେ ତିନୋଟି ଭାଷାରୁ ଅନ୍ୟୁନ ଦୁଇଟି ଭାରତୀୟ ନେଟିଭ ଭାଷା ହେବା ଆବଶ୍ୟକ ରହିବ । ତଥାପି ଦଶମ ବୋର୍ଡ ପରୀକ୍ଷାରେ ତୃତୀୟ ଭାଷା ପରୀକ୍ଷା ଦେବା ବାଧ୍ୟତାମୂଳକ ହେବ ନାହିଁ ବୋଲି ମଧ୍ୟ ସ୍ପଷ୍ଟ କରାଯାଇଛି । ତୃତୀୟ ଭାଷା ଭାବେ ଆଞ୍ଚଳିକ ଭାଷାଗୁଡିକର ତାଲିକାରେ 'ଓଡ଼ିଆ' ସହିତ ମୋଟ ୧୯ଟି ଭାଷାକୁ ସ୍ଥାନ ଦିଆଯାଇଛି ।

ଯେଉଁ ଛାତ୍ରମାନେ ବିଦେଶୀ ଭାଷା (ଫ୍ରେଞ୍ଚ, ଜର୍ମାନୀ) ଆଦି ପଢିବାକୁ ଚାହୁଁଛନ୍ତି, ସେମାନେ ୩ୟ ଭାଷାକୁ ଚୟନ କରିପାରିବେ । ଛାତ୍ରଛାତ୍ରୀ ଚାହିଁଲେ ୪ର୍ଥ ଭାଷା ମଧ୍ୟ ପଢିପାରିବେ ।





## ହର୍ମୁଜ ପ୍ରଣାଳୀରେ ସୁରକ୍ଷିତ ପରିବହନ ପାଇଁ ଇରାନ ସହିତ କଥାବାର୍ତ୍ତା କରୁଛନ୍ତି ୟୁରୋପୀୟ ଦେଶ

ତେହେରାନ: ବିଶ୍ୱର ପ୍ରମୁଖ ତୈଳ ମାର୍ଗ ହର୍ମୁଜ ପ୍ରଣାଳୀ ଦେଇ ଜାହାଜ ଚଳାଚଳ ସୁରକ୍ଷିତ କରିବାକୁ ଅନେକ ୟୁରୋପୀୟ ଦେଶ ଇରାନ ସହିତ କଥାବାର୍ତ୍ତା କରୁଥିବା ଇରାନଜାତୀୟ ଟିଭି ପ୍ରକାଶ କରିଛି । ଏଏଫ୍ ?ପି ରିପୋର୍ଟ ଅନୁଯାୟୀ, ଇରାନର ହର୍ମୁଜ ପ୍ରଣାଳୀ ପରିଚାଳନାର ନୂତନ ବ୍ୟବସ୍ଥା ଅନୁଯାୟୀ, ଚୀନ, ଜାପାନ ଓ ପାକିସ୍ତାନର ଜାହାଜକୁ ସୁରକ୍ଷିତ ପରିବହନ ମାର୍ଗ ମିଳିବା ପରେ ୟୁରୋପୀୟ ଦେଶ ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ଼ କର୍ପସର ନୌସେନା ସହିତ ବୁଝାମଣା କରୁଛନ୍ତି । ଫେବୃଆରି ୨୮ରେ ଆମେରିକା ଓ ଇସ୍ରାଏଲ ଇରାନ ଉପରେ ଆକ୍ରମଣ କରିବା ଓ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଇରାନ ହର୍ମୁଜ ପ୍ରଣାଳୀ ଅବରୋଧ କରି ରଖିଛି । ଏପ୍ରିଲ ୮ ତାରିଖରେ ଯୁଦ୍ଧବିରତି ଘୋଷଣା ହେବା ପରେ ମଧ୍ୟ ଇରାନ ହର୍ମୁଜ ପ୍ରଣାଳୀ ଖୋଲି ନଥିଲା । ଏହାସହିତ ଆମେରିକା



ନିଜ ପକ୍ଷରୁ ମଧ୍ୟ ହର୍ମୁଜକୁ ଅବରୋଧ କରି ରଖିଛି । ରଣନୈତିକ ଦୃଷ୍ଟିରୁ ଖୁବ୍ ଗୁରୁତ୍ୱପୂର୍ଣ୍ଣ ହର୍ମୁଜ ପ୍ରଣାଳୀ ଦେଇ ବିଶ୍ୱର ଏକ ପଞ୍ଚମାଂଶ ତୈଳ ଓ ଏଲପିଜି ପରିବହନ ହୋଇଥାଏ । ୱାସିଂଟନ ପକ୍ଷରୁ ଇରାନ ବନ୍ଦର ଉପରେ କଟକଣା ଲାଗୁ ହେବା ପରେ ହର୍ମୁଜ ପ୍ରଣାଳୀ ତେହେରାନ ପାଇଁ ଲାଭଜନକ ହୋଇଛି । ଇରାନ କହିଛି ଯେ, ହର୍ମୁଜ ଦେଇ ଜାହାଜ ଚଳାଚଳ ଯୁଦ୍ଧ ପୂର୍ବବତ୍ ସ୍ଥିତିକୁ ଆଉ ଫେରିବ ନାହିଁ । ଗତ ମାସ ଇରାନ ସ୍ପଷ୍ଟ କରିଥିଲା ଯେ, ହର୍ମୁଜ ଦେଇ ଯାଉଥିବା ଜାହାଜରୁ ଏହା ଟୋଲ୍ ରାଜସ୍ୱ ଆଦାୟ କରିବା ଆରମ୍ଭ କରିଛି । ଇରାନ ସଂସଦର ଜାତୀୟ ସୁରକ୍ଷା କମିଶନର ମୁଖ୍ୟ ଇବ୍ରାହିମ ଅଜିଜି କହିଛନ୍ତି ଯେ, ଇରାନ ଏହି ପ୍ରଣାଳୀ ଦେଇ ସାମୁଦ୍ରିକ ଯାତାୟାତ ପରିଚାଳନା ପାଇଁ ଏକ ବିଶେଷ ବ୍ୟବସ୍ଥା ବିକଶିତ କରିଛି । ସେ ଆହୁରି ମଧ୍ୟ କହିଛନ୍ତି ଯେ, କେବଳ ବାଣିଜ୍ୟିକ ଜାହାଜ ଓ ତେହେରାନ ସହିତ ସହଯୋଗ କରୁଥିବା ଦେଶଗୁଡ଼ିକ ଏହି ବ୍ୟବସ୍ଥାରୁ ଲାଭବାନ ହେବେ । ଆମେରିକା ନେତୃତ୍ୱାଧୀନ 'ଫ୍ରିଡମ୍ ପ୍ରୋଜେକ୍ଟ'ରେ ସାମିଲ ଥିବା ଦେଶମାନଙ୍କ ପାଇଁ ଏହି ହର୍ମୁଜ ବନ୍ଦ ରହିବ ବୋଲି ଇରାନ କହିଛି । ।

# ଚେନ୍ନାଇ ବିପକ୍ଷରେ ଲକ୍ଷ୍ନୌ ୭ ୱିକେଟରେ ବିଜୟୀ



**ଲକ୍ଷ୍ନୌ,୧୬।୫:** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୫୯ତମ ମ୍ୟାଚ୍‌ରେ ଚେନ୍ନାଇ ସୁପର କିଙ୍ଗ୍‌ସ ବିପକ୍ଷରେ ଲକ୍ଷ୍ନୌ ସୁପର ଜାଏଣ୍ଟସ ୭ ୱିକେଟ୍‌ରେ ବିଜୟୀ ହୋଇଛି। ଲକ୍ଷ୍ନୌ ୧୬.୪ ଓଭରରେ ୩ଟି ୱିକେଟ ହରାଇ ବିଜୟ ଲକ୍ଷ୍ୟ ପୂରା କରିଛି। ୧୮୮ ରନ୍ ?ର ବିଜୟ ଲକ୍ଷ୍ୟ ନେଇ ଲକ୍ଷ୍ନୌ ବ୍ୟାଟିଂ କରିଥିଲା। ଦଳର ପ୍ରାରମ୍ଭିକ ବ୍ୟାଟିଂ ଉଚ୍‌ଚକୋଟୀର ଥିଲା। ପ୍ରାରମ୍ଭିକ ବ୍ୟାଟର ଶତାଧିକ ରନ୍‌ର ଭାଗିଦାରୀ କରିଥିଲେ। ମିଚେଲ ମାର୍ଶ ଓ ଜୋସ ଇଂଲିଶ ପ୍ରଥମ ୱିକେଟ୍ ପାଇଁ ୧୩୫ ରନ୍ ସଂଗ୍ରହ କରିଥିଲେ। ତେବେ ଚେନ୍ନାଇର ପ୍ରଥମ ଶିକାର ହୋଇଥିଲେ ଜୋସ ଇଂଲିଶ। ସେ ୩୨ଟି ବଲ୍ ୩୬ ରନ୍ ସଂଗ୍ରହ କରିଥିଲେ, ଯେଉଁଥିରେ ୩ଟି ଚୌକା ଏବଂ ଗୋଟିଏ ଛକା ସାମିଲ ଥିଲା। ଚେନ୍ନାଇର ଦ୍ୱିତୀୟ ଶିକାର ହୋଇଥିଲେ ମିଚେଲ ମାର୍ଶ, ଯିଏକି ଶତକ ହାସଲରୁ ବଞ୍ଚିତ ହୋଇଥିଲେ। ସେ ଦଳ ପାଇଁ ସର୍ବାଧିକ ସ୍କୋର କରିଥିଲେ। ୩୮ଟି ବଲ୍ ଖେଳି ୯ଟି ଚୌକା ଏବଂ ୭ଟି ଛକା ମାରିଥିଲେ। ଚେନ୍ନାଇ ସୁପର କିଙ୍ଗ୍‌ସ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ୍ ହରାଇ ୧୮୭ ରନ୍ ସଂଗ୍ରହ କରିଥିଲା। ସ୍ଥାନୀୟ ଭାରତରତନ୍ନ ଅଟଳ ବିହାରୀ ବାଜପେୟୀ ଏକନା କ୍ରିକେଟ୍ ଷ୍ଟାଡିୟମରେ ଟସ୍ ଜିଣି ଘରୋଇ ଦଳ ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଦଳର ଦ୍ରୁତ ବୋଲର ଆକାଶ ମହାରାଜ ସିଂହ ଶ୍ରେଷ୍ଠ ବୋଲିଂ କରିଛନ୍ତି। ସେ ୪ ଓଭର ବୋଲିଂ କରି ୨୬ ରନ୍ ? ଖର୍ଚ୍ଚ କରି ଚେନ୍ନାଇର ୩ଜଣ ବ୍ୟାଟରଙ୍କୁ ଆଉଟ୍ କରିଥିଲେ।

ଚେନ୍ନାଇର ପ୍ରାରମ୍ଭିକ ବ୍ୟାଟିଂ ଉତ୍ସାହଜନକ ନଥିଲା। ସଂଜୁ ସାମସନ ଏବଂ ଋତୁରାଜ ଗାଏକ୍ୱାର୍ଡ ଇନିଂସ ଆରମ୍ଭ କରିଥିଲେ। ଲକ୍ଷ୍ନୌର ପ୍ରଥମ ଶିକାର ହୋଇଥିଲେ ଅଧିନାୟକ ଋତୁରାଜ। ସେ ୯ଟି ବଲ୍ ? ଖେଳି ୨ଟି ଚୌକା ବଳରେ ୧୩ ରନ୍ ସଂଗ୍ରହ କରିଥିଲେ। ଲକ୍ଷ୍ନୌର ଦ୍ୱିତୀୟ ଶିକାର ହୋଇଥିଲେ ସଂଜୁ ସାମସନ, ଯିଏ କି ୨୦ଟି ବଲ୍ ଖେଳି ୨୦ ରନ୍ କରିଥିଲେ। ଚେନ୍ନାଇ ତୃତୀୟ ୱିକେଟ୍ ଭାବେ ଉର୍ଭିଲ ପଟେଲ (୬ରନ୍)ଙ୍କୁ ହରାଇଥିଲା। ଏହି ତିନି ଜଣ ଖେଳାଳିଙ୍କୁ ଯୁବ ବୋଲର ଆକାଶ ମହରାଜ ସିଂହ ଆଉଟ୍ କରିଥିଲେ। କାର୍ତ୍ତିକ ଶର୍ମା ଏବଂ ଡେୱାଲ୍ଡ ବ୍ରେଭିସ ଚତୁର୍ଥ ୱିକେଟ୍ ପାଇଁ ୮୦ ରନ୍‌ର ଭାଗିଦାରୀ ହୋଇଥିଲେ। ଚେନ୍ନାଇର ସ୍କୋର ଯେତେବେଳେ ୧୨୨ ରନ୍ ଥିଲା, ସେହି ସମୟରେ ମହମ୍ମଦ ସାମିଙ୍କ ବଲ୍‌ରେ ବ୍ରେଭିସ୍ ଆଉଟ୍ ହୋଇଥିଲେ। ଏହା ପୂର୍ବରୁ ସେ ୧୬ଟି ବଲ୍‌ର ସାମ୍ନା କରିଥିଲେ, ଯେଉଁଥିରୁ ୨ଟି ଛକା ସହାୟତାରେ ୨୫ ରନ୍ ଅମଳ ହୋଇଥିଲା। କାର୍ତ୍ତିକ ଶର୍ମା ନିଜ ଦଳ ପାଇଁ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ୪୨ଟି ବଲ୍ ଖେଳି ୬ଟି ଚୌକା ଏବଂ ୫ଟି ଛକା ବଳରେ ୭୧ ରନ୍ ସଂଗ୍ରହ କରିଥିଲେ। ଶିଭମ ଦୁବେ (୩୨) ଓ ପ୍ରଶାନ୍ତ ବୀର (୧୩) ଅପରାଜିତ ଫେରିଛନ୍ତି।

# ସ୍ତ୍ରୀଙ୍କ ପାଇଁ ଆମିଷ ଛାଡ଼ିଦେଲେ କୋହଲି

**ମୁମ୍ବାଇ,୧୬।୫:** ବିରାଟ କୋହଲି ଏବଂ ଅନୁଷ୍କା ଶର୍ମା ବଲିଉଡ ଏବଂ କ୍ରିକେଟ ଉଭୟରେ ସବୁଠାରୁ ଚର୍ଚ୍ଚିତ ଦମ୍ପତିଙ୍କ ମଧ୍ୟରୁ ଜଣେ। ଏହି ଦମ୍ପତି ସେମାନଙ୍କର କଠିନ ପରିଶ୍ରମ ଦ୍ୱାରା ଏହି ସ୍ଥାନରେ ପହଞ୍ଚିଛନ୍ତି। ବିରାଟ ଏବଂ ଅନୁଷ୍କା ପ୍ରାୟତଃ ସେମାନଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ପାଇଁ ପରସ୍ପରକୁ ଶ୍ରେୟ ଦିଅନ୍ତି। ନିରାମିଷ ଏବଂ ଆମିଷ ଜୀବନଶୈଳୀ ଗ୍ରହଣ କରିବା ସେହି ପରିବର୍ତ୍ତନ ମଧ୍ୟରୁ ଗୋଟିଏ। ଅନୁଷ୍କା ୨୦୧୫ରେ ଏକ ନିରାମିଷ ଜୀବନଶୈଳୀ ଆପଣାଇଥିଲେ। ଏକ ସାକ୍ଷାତକାରରେ, ପ୍ରାଣୀମାନଙ୍କ ପ୍ରତି ତାଙ୍କର ପ୍ରେମ ଏବଂ ଆଧ୍ୟାତ୍ମିକ ମୂଲ୍ୟବୋଧ ତାଙ୍କ ନିଷ୍ପତ୍ତିର କାରଣ ଥିଲା। ପରେ ବିରାଟ ମଧ୍ୟ ଆମିଷ ଛାଡି ଦେଇଥିଲେ। ଏକ ସାକ୍ଷାତକାରରେ ବିରାଟ କୋହଲି କହିଥିଲେ, ଅନୁଷ୍କା ମୋତେ ଜୀବନ ପ୍ରତି ଏକ ନୂତନ ଦୃଷ୍ଟିକୋଣ ଦେଇଥିଲେ। ତାଙ୍କ ସହିତ ସାକ୍ଷାତ କରିବା ପୂର୍ବରୁ ମୁଁ ଏତେ ସନ୍ତୁଳିତ ବ୍ୟକ୍ତି ନ ଥିଲି। ତାଙ୍କ ପାଇଁ ମୁଁ ଆମିଷ ଖାଇବା ଛାଡ଼ିଦେଇଛି। ଅନୁଷ୍କାଙ୍କ ପ୍ରାଣୀମାନଙ୍କ ପ୍ରତି ପ୍ରେମ ମୋ ଚିନ୍ତାଧାରାକୁ ବଦଳାଇ ଦେଇଥିଲା। ନିରାମିଷ ହେବା ପରେ



ମୋ ଫିଟନେସ ଏବଂ ସ୍ୱାସ୍ଥ୍ୟରେ ଯଥେଷ୍ଟ ଉନ୍ନତି ଘଟିଛି। ଏହା ମୋ ଜୀବନର ସର୍ବଶ୍ରେଷ୍ଠ ନିଷ୍ପତ୍ତି। ଅନୁଷ୍କା ମୋତେ ଏକ ଭଲ ବ୍ୟକ୍ତି କରିଛନ୍ତି। ମୁଁ ନିଜକୁ ଭାଗ୍ୟବାନ ମନେ କରୁଛି। ଅନୁଷ୍କା ଶର୍ମା ଏବଂ ତାଙ୍କ ସ୍ୱାମୀ ବିରାଟ କୋହଲି ପ୍ରାୟତଃ ବୃନ୍ଦାବନରେ ପ୍ରେମାନନ୍ଦ ମହାରାଜଙ୍କୁ ଦର୍ଶନ କରନ୍ତି। ଏହି ଦମ୍ପତି ତାଙ୍କଠାରୁ ମଧ୍ୟ ଦୀକ୍ଷା ଗ୍ରହଣ କରିଥିଲେ। ସେବେଠାରୁ ସେମାନଙ୍କୁ ପ୍ରାୟତଃ ବେକରେ ତୁଳସୀ ମାଳା ପିନ୍ଧିଥିବାର ଦେଖାଯାଇଛି। ଅନୁଷ୍କା ଏବଂ ବିରାଟ ଡିସେମ୍ବର ୧୧, ୨୦୧୭ରେ ଇଟାଲୀର ଟସ୍କାନାରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ।

# ଭାରତୀୟ ବଧିର କ୍ରିକେଟ ଦଳରେ ଦୀପ୍ତିରାଣୀ

**ନୂଆଦିଲ୍ଲୀ,୧୬।୫:** ଓଡିଶାର ପ୍ରତିଭାବାନ ମହିଳା ବଧିର କ୍ରିକେଟ୍ ଖେଳାଳି ଦୀପ୍ତିରାଣୀ ସାହୁ ଇତିହାସ ରଚିଛନ୍ତି। ପ୍ରଥମ ଓଡିଆ ଭାବେ ଆଗାମୀ ଶ୍ରୀଲଙ୍କା ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟ୍ୱେଣ୍ଟି-୨୦ ଶୃଙ୍ଖଳା ଲାଗି ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି ସେ। ଏହି ଶୃଙ୍ଖଳା ଶ୍ରୀଲଙ୍କାର ମୋରାତୁୱା ଠାରେ ଜୁନ୍ ୮ରୁ ୧୩ ତାରିଖ ପର୍ଯ୍ୟନ୍ତ ଖେଳାଯିବ।



୧୫ଜଣିଆ ଭାରତୀୟ ଦଳରେ ଦୀପ୍ତିରାଣୀ ଅଲରାଉଣ୍ଡର୍ ଭାବେ ସ୍ଥାନ ପାଇଛନ୍ତି। ଏହି ଶୃଙ୍ଖଳା ମଧ୍ୟ ବଧିର କ୍ରିକେଟ୍‌ର ପ୍ରଥମ ଅନ୍ତର୍ଜାତୀୟ ଶୃଙ୍ଖଳା ହେବାକୁ ଯାଉଛି। ସେହି ଦୃଷ୍ଟିରୁ ଦୀପ୍ତି ଦୁଇଟି ମାଇଲଖୁଣ୍ଟର ଅଧିକାରିରୀ ହେବାକୁ ଯାଉଛନ୍ତି। ବରମୁଣ୍ଡାସ୍ଥିତ ଫାୟାର ଷ୍ଟେସନ୍ ବସ୍ତିରୁ ବାହାରି ଭାରତୀୟ ଦଳରେ ସ୍ଥାନ ପାଇଥିବା ଦୀପ୍ତରାଣୀ ନିଜ କଠିନ ପରିଶ୍ରମ, ନିରନ୍ତର ଅଧ୍ୟବଶାୟ ତଥା ଅପୂର୍ବ ଏକାଗ୍ରତା ପାଇଁ ବହୁ ଉଦୀୟମାନ କ୍ରୀଡାବିତ୍‌ଙ୍କ ପାଇଁ ଆଦର୍ଶ ଓ ପ୍ରେରଣାର ଉତ୍ସ ପାଲଟିଛନ୍ତି। ତାଙ୍କ ପିତା ମନୋଜ କୁମାର ସାହୁ ହେଉଛନ୍ତି ଜଣେ କାର୍ ଡ୍ରାଇଭର୍। ମା' ମାମା ସାହୁ ଗୃହିଣୀ।

ଉଭୟ ମନୋଜ ଓ ମାମା ଘୋର ଆର୍ଥିକ ଅନଟନ ସତ୍ତ୍ୱେ ଦୀପ୍ତିରାଣୀଙ୍କ ପାଖେପାଖେ ସବୁବେଳେ ରହି ଆସିଛନ୍ତି। ଦୀପ୍ତିରାଣୀଙ୍କ ପରିବାର ହେଉଛନ୍ତି ଭଞ୍ଜନଗରର ମୂଳ ବାସିନ୍ଦା। ନିଜ ଶରିରୀକ ଦୁର୍ବଳତା ସତ୍ତ୍ୱେ କ୍ରୀଡା କ୍ୟାରିୟର୍‌ରେ ସେ ଏହାକୁ କେବେବି ପ୍ରତିବନ୍ଧକ ହେବାକୁ ଦେଇ ନାହାନ୍ତି। ନିଜ ପିଲା ବେଳର ସ୍ୱପ୍ନକୁ ଅନୁସରଣ କରି ଆଜି ଜଣେ ଅନ୍ତର୍ଜାତୀୟ ଖେଳାଳି ହେବାକୁ ଯାଉଛନ୍ତି। କ୍ରିକେଟ୍ ଖେଳିବା ସହ ଦୀପ୍ତି ଯୁକ୍ତ ୩ ପାଠପଢ଼ାକୁ ବି ଜାରି ରଖିଛନ୍ତି। ଏହି ସଫଳତା ଲାଗି ଓଡିଶା ବଧିର କ୍ରିକେଟ୍ ସଂଘର ସାଧାରଣ ସଂପାଦକ ସାଗରକାନ୍ତ ସେନାପତିଙ୍କ ସହ ସମସ୍ତଙ୍କ ସଦସ୍ୟ ଅଭିନନ୍ଦନ ଜ୍ଞାପନ କରିଛନ୍ତି।

# ସଞ୍ଜୁ ସାମସନ୍ ହେବେ ଟିମ୍ ଇଣ୍ଡିଆର କ୍ୟାପଟେନ୍

**ନୂଆଦିଲ୍ଲୀ,୧୬।୫:** ଇଣ୍ଡିଆନ ପ୍ରିମିୟର ଲିଗ୍ ୨୦୨୬ ଚାଲିଥିବା ବେଳେ ଭାରତୀୟ କ୍ରିକେଟ ପ୍ରେମୀ ଓ ଚୟନକର୍ତ୍ତାଙ୍କ ମଧ୍ୟରେ ଏକ ନୂଆ ବିତର୍କ ଆରମ୍ଭ ହୋଇଛି । ଭାରତୀୟ ଟି-୨୦ ଦଳର ପରବର୍ତ୍ତୀ ଅଧିନାୟକ କିଏ ହେବେ, ତାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି । ବର୍ତ୍ତମାନର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଦୀର୍ଘ ଦିନ ଧରି ଖରାପ ଫର୍ମ ଦେଇ ଗତି କରୁଥିବା ବେଳେ ଚୟନକର୍ତ୍ତାମାନେ ବିକଳ୍ପ ନେତା ଖୋଜୁଥିବା ଜଣାପଡ଼ିଛି। ଆସନ୍ତା ଟି-୨୦ ସିରିଜ ପୂର୍ବରୁ ଭାରତୀୟ ଦଳରେ ଏକ ବଡ଼ ପରିବର୍ତ୍ତନ ହୋଇପାରେ । ଶ୍ରେୟସ ଆୟର, ଈଶାନ କିଷାନ ଏବଂ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଭଳି ଖେଳାଳିମାନେ ଅଧିନାୟକ ଦୌଡ଼ରେ ଥିଲେ ବି, ପୂର୍ବତନ ହେଡ୍ କୋଚ୍ ରବି ଶାସ୍ତ୍ରୀଙ୍କ ଏକ ବୟାନ ସବୁ କିଛି ବଦଳାଇ ଦେଇଛି। ଶାସ୍ତ୍ରୀଙ୍କ ମତରେ, କେରଳର ତାରକା ୱିକେଟକିପର ବ୍ୟାଟର ସଞ୍ଜୁ ସାମସନ ଏହି ପଦ ପାଇଁ ସବୁଠାରୁ ଯୋଗ୍ୟ ଦାବିଦାର। ଆଇସିସି ରିଭ୍ୟୁରେ କଥା ହେବା ବେଳେ ଶାସ୍ତ୍ରୀ କହିଛନ୍ତି ଯେ, 'ସଞ୍ଜୁ ସାମସନ ନିଜକୁ ଏକ ଦକ୍ଷ କ୍ୟାପଟେନ୍ ଭାବେ ପ୍ରସ୍ତୁତ କରିସାରିଛନ୍ତି। ତାଙ୍କ ପାଖରେ ରାଜସ୍ଥାନ



ରୟାଲ୍ସକୁ ନେତୃତ୍ୱ ଦେବାର ଅଭିଜ୍ଞତା ରହିଛି ଏବଂ ସେ ଏବେ ଜଣେ ପରିପକ୍ୱ ଖେଳାଳି । ଯଦି ଟିମ୍ ଇଣ୍ଡିଆ ନୂଆ ଅଧିନାୟକ ଖୋଜୁଛି, ତେବେ ସଞ୍ଜୁଙ୍କ ନାମ ସବୁଠାରୁ ଆଗରେ ରହିବା ଉଚିତ।' ସଞ୍ଜୁଙ୍କୁ ନେଇ ଏହି ଚର୍ଚ୍ଚା ହେବାର ମୁଖ୍ୟ କାରଣ ହେଉଛି ତାଙ୍କର ନିକଟତମ ପ୍ରଦର୍ଶନ। ନିକଟରେ ଶେଷ ହୋଇଥିବା ଟି-୨୦ ବିଶ୍ୱକପରେ ସଞ୍ଜୁ ବିସ୍ଫୋରକ ବ୍ୟାଟିଂ କରି ସମସ୍ତଙ୍କୁ ଚକିତ କରିଥିଲେ । ସେ ମାତ୍ର ୫ଟି ମ୍ୟାଚରେ ୩୨୧ ରନ୍ ସଂଗ୍ରହ କରି 'ପ୍ଲେୟାର ଅଫ୍ ଦି ଟୁର୍ଣ୍ଣାମେଣ୍ଟ' ବିବେଚିତ ହୋଇଥିଲେ । ବିଶେଷ କରି ୱେଷ୍ଟଇଣ୍ଡିଜ୍ ବିପକ୍ଷ କ୍ୱାର୍ଟର ଫାଇନାଲ୍, ସେମିଫାଇନାଲ୍ ଏବଂ ଫାଇନାଲ୍ ଭଳି ବଡ଼ ମ୍ୟାଚରେ ସେ ଏକାକୀ ଦଳକୁ ଜିତାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

କେବଳ ଆନ୍ତର୍ଜାତୀୟ ସ୍ତରରେ ନୁହେଁ, ବରଂ ଆଇପିଏଲ୍ ୨୦୨୬ରେ ଚେନ୍ନାଇ ସୁପର କିଙ୍ଗସ୍ ପାଇଁ ଖେଳୁଥିବା ସଞ୍ଜୁ ଏବେ ପ୍ରଚଣ୍ଡ ଫର୍ମରେ ଅଛନ୍ତି । ସେ ପ୍ରଥମ ୧୧ଟି ମ୍ୟାଚରେ ୪୩୦ ରନ୍ ସଂଗ୍ରହ କରିସାରିଛନ୍ତି, ଯେଉଁଥିରେ ଦୁଇଟି ଶାନଦାର ଶତକ ଅନ୍ତର୍ଭୁକ୍ତ। ତାଙ୍କର ଶାନ୍ତ ସ୍ୱଭାବ ଏବଂ ଖେଳ ପଢ଼ିବାର କ୍ଷମତା ତାଙ୍କୁ ଜଣେ ଭବିଷ୍ୟତର ଅଧିନାୟକ ଭାବେ ଉଭା କରିଛି। ଶାସ୍ତ୍ରୀ ପୁଣି କହିଛନ୍ତି ଯେ, ପୂର୍ବରୁ ଲୋକେ ସଞ୍ଜୁଙ୍କ ସ୍ଥିରତାକୁ ନେଇ ପ୍ରଶ୍ନ ଉଠାଉଥିଲେ, କିନ୍ତୁ ଏବେ ସେ ନିଜ ପ୍ରଦର୍ଶନରେ ସମସ୍ତ ସମାଲୋଚକଙ୍କ ମୁହଁ ବନ୍ଦ କରିଦେଇଛନ୍ତି । ଯଦି ସଞ୍ଜୁଙ୍କ ଏହି ଧାରା ଜାରି ରହେ, ତେବେ ଖୁବ୍ ଶୀଘ୍ର ଭାରତୀୟ ଟି-୨୦ କ୍ରିକେଟରେ 'ସାମସନ ଯୁଗ' ଆରମ୍ଭ ହେବା ନିଶ୍ଚିତ ।

# ଏସୀୟ ଯୁବ ମୁଷ୍ଟିଯୁଦ୍ଧ : ଭାରତକୁ ୧୭ ପଦକ

**ତାସ୍‌କେଣ୍ଟ,୧୬।୫:** ଉଜ୍‌ବେକିସ୍ତାନର ତାସ୍ ?କେଣ୍ଟଠାରେ ଆୟୋଜିତ ୧୫ ଓ ୧୭ ବର୍ଷରୁ କମ୍ ଏସୀୟ ମୁଷ୍ଟିଯୁଦ୍ଧ ପ୍ରତିଯୋଗିତାରେ ଭାରତ ମୋଟ ୧୭ ପଦକ ଜିତିଛି। ଏହା ମଧ୍ୟରୁ ଦୁଇ ସ୍ୱର୍ଣ୍ଣ, ସାତ ରୌପ୍ୟ ଓ ଆଠ କାଂସ୍ୟ ପଦକ ରହିଛି। ତେବେ ୧୭ ବର୍ଷରୁ କମ୍ ବର୍ଗରେ ବାଳିକାମାନଙ୍କର ପ୍ରାଧାନ୍ୟ ଦେଖିବାକୁ ମିଳିଛି। ଏହି ବର୍ଗରେ ବାଳିକାମାନେ ଦୁଇ ସ୍ୱର୍ଣ୍ଣ, ଛ' ରୌପ୍ୟ ଓ ଆଠ କାଂସ୍ୟ ପଦକ ଜିତିଥିବାବେଳେ ବାଳକମାନେ ଗୋଟିଏ ରୌପ୍ୟ ଓ ଚାରି କାଂସ୍ୟ ଜିତିଛନ୍ତି।୪୬ କିଲୋଗ୍ରାମ ବର୍ଗରେ ରାକ୍ଷୀ ଉଜ୍ ?ବେକିସ୍ତାନର ରୁକ୍ ?ସୋନାବୋନୁ ଆହାଦୋବାଙ୍କୁ ପରାସ୍ତ କରି ସ୍ୱର୍ଣ୍ଣ ଜିତିଥିବାବେଳେ ୫୭ କିଲୋଗ୍ରାମ ବର୍ଗରେ ନବ୍ୟା ଜାପାନର ସାରା କୋନୋଙ୍କୁ ୪.୦ରେ ପରାସ୍ତ




କରି ଭାରତ ପାଇଁ ଦ୍ୱିତୀୟ ସ୍ୱର୍ଣ୍ଣ ଜିତିଥିଲେ। ସେହିପରି ଖୁସି ଚାନ୍ଦ ୪୮ କିଲୋଗ୍ରାମ୍ ବର୍ଗ ଫାଇନାଲ୍ ?ରେ ଜାପାନର ଆରିସା ଯୋସିନାଗାଙ୍କଠାରୁ ପରାଜିତ ହୋଇ ରୌପ୍ୟ ଜିତିଛନ୍ତି। ସେହିପରି ଦିୟା (୬୩ କିଲୋଗ୍ରାମ) ଓ ହିମାଂଶୀ (୭୦ କିଲୋଗ୍ରାମ୍ ?) ବର୍ଗରେ ରୌପ୍ୟ ଜିତିଛନ୍ତି। ୭୫ କିଲୋଗ୍ରାମ୍ ବାଳକ ବର୍ଗରେ ଲକ୍ଷ୍ୟ

# ଅହମଦାବାଦରେ ଆଇସିସି ବୈଠକ: ଧର୍ମସଙ୍କଟରେ ନକ୍‌ଭି

**ଅହମଦାବାଦ,୧୬।୫:** ମଧ୍ୟପ୍ରାଚ୍ୟରେ ଦେଖା ଦେଇଥିବା ରାଜନୈତିକ ଅସ୍ଥିରତା ତଥା ସୁରକ୍ଷା ଚିନ୍ତାକୁ ନେଇ ଆଇସିସି ତା'ର ତ୍ରୈମାସିକ ବୋର୍ଡ ବୈଠକକୁ କାତାରର ଦୋହାରୁ ଭାରତର ଅହମଦାବାଦକୁ ସ୍ଥାନାନ୍ତର କରିଛି। ଚଳିତ ଆଇପିଏଲ୍‌ର ଶେଷ ପର୍ଯ୍ୟାୟ ଅର୍ଥାତ୍ ଚଳିତ ମେ ୩୦ ଓ ୩୧ ଦୁଇ ଦିନ ଧରି ଏହି ଗୁରୁତ୍ୱପୂର୍ଣ୍ଣ ବୈଠକ ଅହମଦାବାଦରେ ବସିବ।

ଆଇସିସିର ଏହି ଅପ୍ରତ୍ୟାଶିତ ନିଷ୍ପତ୍ତି କିନ୍ତୁ ପାକିସ୍ତାନ କ୍ରିକେଟ୍ ? ବୋର୍ଡର ମୁଖ୍ୟ ମୋହସିନ ନକ୍‌ଭିଙ୍କୁ ଧର୍ମସଙ୍କଟରେ ପକାଇଛି। ଭାରତ ଆସିବେ କି ନାହିଁ, ସେ ନେଇ ଏବେ ସେ ଘୋର ଦ୍ୱନ୍ଦ୍ୱରେ ଅଛନ୍ତି। ପାକିସ୍ତାନ କ୍ରିକେଟ୍ ବୋର୍ଡ ମଧ୍ୟ ଏହି ନୂଆ ସମସ୍ୟାକୁ ନେଇ ଅଡୁଆରେ ପଡିଛି। ଏହି ବୈଠକରେ ପୂର୍ଣ୍ଣକାଳୀନ ସଦସ୍ୟ



ବୋର୍ଡର ମୁଖ୍ୟମାନେ ବ୍ୟକ୍ତିଗତ ଭାବେ ଯୋଗଦେବାର ପରମ୍ପରା ରହି ଆସିଥିବା ବେଳେ ଭାରତ ସହ ପାକିସ୍ତାନର ସଂପର୍କ ଏବେ ତିକ୍ତତାର ଯେଉଁ ସ୍ତରରେ ପହଞ୍ଚିଛି, ତାକୁ ଦେଖିଲେ ମୋହସିନ ଭାରତ ଆସିବାର ସମ୍ଭାବନା ପ୍ରାୟ ନାହିଁ କହିଲେ ଚଳେ।

ସେହିଭଳି ଭାରତୀୟ ଖେଳାଳିମାନେ ତାଙ୍କଠାରୁ ଏସିଆ କପ୍ ଟ୍ରଫି ଗ୍ରହଣ ନକରିବାର ଅପମାନ ମଧ୍ୟ ଏବେ ବି ମୋହସିନ ମନରୁ ଲଭିନି। ଭାରତର ଅପରେସନ୍ ସିନ୍ଦୁର ବେଳେ ପିସିବିର ମୁଖ୍ୟ ତଥା ନିଜ ଦେଶର ଆଭ୍ୟନ୍ତରୀଣ ବ୍ୟାପାର ମନ୍ତ୍ରୀ ଥିବା ମୋହସିନ ନାନା ବିବାଦୀୟ ମନ୍ତବ୍ୟ ଦେଇଥିଲେ। ଏଣୁ ଭାରତରେ ତାଙ୍କୁ କିଭଳି ଆତିଥେୟତା ମିଳିବ ସେ ନେଇ ମଧ୍ୟ ମୋହସିନ ଚିନ୍ତାରେ ରହିଛନ୍ତି। ଏସବୁ ଗୋଳମାଳିଆ ସ୍ଥିତିରେ ଭିତରେ ମୋହସିନଙ୍କ ଅହମଦାବାଦରେ ଆଇପିଏଲ୍ ଫାଇନାଲ୍ ଦେଖିବାକୁ ବିସିସିଆଇ ନିମନ୍ତ୍ରଣ ପଠାଇ ଥିବା ପାକିସ୍ତାନର ଏକ ଘରୋଇ ଟେଲିଭିଜନ୍ ଚ୍ୟାନେଲ ଦାବି କରିଛି। ବିସିସିଆଇ କିନ୍ତୁ ଏହି ଦାବିକୁ ନେଇ କୌଣସି ପ୍ରତିକ୍ରିୟା ପ୍ରକାଶ କରିନି କିମ୍ବା ସ୍ପଷ୍ଟୀକରଣ ଦେଇନି।

# ଥାଇଲାଣ୍ଡ ଓପନ : ଫାଇନାଲରେ ସାତ୍ତ୍ୱିକ-ଚିରାଗ

**ବ୍ୟାଙ୍କକ୍,୧୬।୫:** ଥାଇଲାଣ୍ଡ ଓପନ୍ ବ୍ୟାଡ୍‌ମିଣ୍ଟନ୍‌ରେ ଭାରତର ଆଶାକୁ ବଜାୟ ରଖିଛନ୍ତି ଭାରତୀୟ



ଯୋଡ଼ି ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡି ଓ ଚିରାଗ ସେଟ୍ଟୀ। ବିଶ୍ୱ ମାନ୍ୟତାର ୪ ନମ୍ବର ଓ ପ୍ରତିଯୋଗିତାରେ ଶୀର୍ଷ ମାନ୍ୟତାପ୍ରାପ୍ତ ଏହି ଯୋଡ଼ି ପୁରୁଷ ଯୁଗଳ ସେମିଫାନାଲ୍‌ରେ ଲଢୁଆ ଖେଳ ପ୍ରଦର୍ଶନ କରି ମାଲେସିଆର ଗୋସଜେ ଫି ଓ ନୂର ଇଜୁଦ୍ଦିନ୍‌ଙ୍କୁ ପରାସ୍ତ କରି ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ପ୍ରଥମ ସେଟ୍‌କୁ ୧୯-୨୧ରେ ହାରିବା ପରେ ଏହି ଭାରତୀୟ ଯୋଡ଼ି ଜୋର୍‌ଦାର୍ ପ୍ରତ୍ୟାବର୍ତ୍ତନ କରିବା ସହ ପରବର୍ତ୍ତୀ ଦୁଇ ସେଟ୍‌କୁ ୨୨-୨୦ ଓ ୨୧-୧୬ରେ ଜିତିନେଇଥିଲେ। ଶୁକ୍ରବାର କ୍ୱାର୍ଟରଫାଇନାଲ୍‌ରେ ସେମାନେ ଜାପାନର ତାକୁମି ନୋମୁରା ଓ ୟୁଇଚି ସିମୋଗାମିଙ୍କୁ ୨୧-୧୨.୨୧-୧୩ରେ ପରାସ୍ତ କରି ସେମିଫାଇନାଲ୍‌ରେ ପ୍ରବେଶ କରିଥିଲେ। ଫାଇନାଲରେ ଭାରତୀୟ ଯୋଡ଼ି ଚୀନର ହେ ଜି ତିଙ୍ଗ୍ ଓ ରେନ୍ ସିଆଙ୍ଗ ୟୁ କିମ୍ବା ଇଣ୍ଡୋନେସିଆର ଲିଓ ରୋଲି କାର୍ନାଡୋ ଓ ଡାନିଏଲ୍ ମାର୍ଟିନ୍‌ଙ୍କୁ ଭେଟିବେ।

# କାନାଡା କ୍ରିକେଟ ବୋର୍ଡ ଉପରେ କାର୍ଯ୍ୟାନୁଷ୍ଠାନ

**ନୂଆଦିଲ୍ଲୀ,୧୬।୫:** ଆନ୍ତର୍ଜାତୀୟ କ୍ରିକେଟ ପରିଷଦ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି କାନାଡିଆନ କ୍ରିକେଟ ବୋର୍ଡକୁ ଏକ ବଡ଼ ଧକ୍କା ଦେଇଛି। ଆଇସିସିଘୋଷଣା କରିଛି ଯେ ଏହା ଆଗାମୀ ଛଅ ମାସ ପାଇଁ କୌଣସି ପାଣ୍ଠି ପାଇବ ନାହିଁ। ଏହି ନିଷ୍ପତ୍ତିର କାରଣ ଭାବରେ ପ୍ରଶାସନିକ ସମସ୍ୟାକୁ ଦର୍ଶାଯାଉଛି। ସୂଚନା ଅନୁଯାୟୀ, ଏହା କାନାଡିଆନ କ୍ରିକେଟ ବୋର୍ଡ ପାଇଁ ଏକ ବଡ଼ ଧକ୍କା, କାରଣ ଏହାର କାର୍ଯ୍ୟ ମୁଖ୍ୟତଃ ଆଇସିସି ପାଣ୍ଠି ଉପରେ ନିର୍ଭର କରେ। ରିପୋର୍ଟରେ କୁହାଯାଇଛି ଯେ ପାଣ୍ଠି ସ୍ଥଗିତ ରଖିବା ଦ୍ୱାରା ଅନ୍ୟାନ୍ୟ କ୍ରିକେଟ-ସମ୍ବନ୍ଧୀୟ କାର୍ଯ୍ୟକଳାପକୁ ପ୍ରଭାବିତ କରିବ ନାହିଁ।

ଏହା କାନାଡିଆନ କ୍ରିକେଟ ବୋର୍ଡ ପାଇଁ ଏକ ବଡ଼ ଧକ୍କା କାରଣ



୨୦୨୪ ଶେଷରେ ଆର୍ଥିକ ରେକର୍ଡ ଦର୍ଶାଉଛି ଯେ ବୋର୍ଡର ମୋଟ ରାଜସ୍ୱର ୬୩ ପ୍ରତିଶତ ଆଇସିସିରୁ ଆସିଥିଲା। ଏହାର ମୋଟ ରାଜସ୍ୱ ୫.୭ ନିୟୁତ କାନାଡିଆନ ଡଲାର ଥିଲା, ଯାହା ମଧ୍ୟରୁ ୩.୬ ନିୟୁତ ଡଲାର ଆଇସିସି ଦେଇଥିଲା। କାନାଡିଆନ କ୍ରିକେଟ ଦଳ ଟି୨୦ ବିଶ୍ୱକପର ପୂର୍ବ ଉଭୟ ସଂସ୍କରଣରେ ଅଂଶଗ୍ରହଣ କରିଛି, ଯଦିଓ ଏହା ଗ୍ରୁପ ପର୍ଯ୍ୟାୟରୁ ଆଗକୁ ବଢ଼ିପାରିନଥିଲା। ଅନ୍ୟପକ୍ଷରେ, କାନାଡିଆନ କ୍ରିକେଟ ବିବାଦରୁ ମୁକ୍ତ ନୁହେଁ। ଆଇସିସିର ଦୁର୍ନୀତି ନିବାରଣ ୟୁନିଟ୍ ଟି୨୦ ବିଶ୍ୱକପ୍‌ରେ ଖେଳାଯାଇଥିବା କାନାଡା ବନାମ ନ୍ୟୁଜିଲାଣ୍ଡ ମ୍ୟାଚ୍‌ର ତଦନ୍ତ କରୁଛି। ସେହି ମ୍ୟାଚ୍‌ଟି ଦୁର୍ନୀତି ଏବଂ ମ୍ୟାଚ୍ ଫିକ୍ସିଂ ଅଭିଯୋଗରେ ଘେରି ରହିଥିଲା। ବୋର୍ଡ ଭିତରେ ପକ୍ଷପାତିତାର ମଧ୍ୟ ରିପୋର୍ଟ ଅଛି। କୁହାଯାଉଛି ଯେ ଚୟନକର୍ତ୍ତାମାନେ ବୋର୍ଡ ଅଧିକାରୀଙ୍କ ଚାପରେ କିଛି ଖେଳାଳିଙ୍କୁ ଚୟନ କରିବାକୁ ବାଧ ହେଉଛନ୍ତି। ପ୍ରଶାସନିକ କାର୍ଯ୍ୟକାରିତାକୁ ନେଇ ବୋର୍ଡ ଭିତରେ ମଧ୍ୟ ଅଶାନ୍ତି ଦେଖାଦେଇଛି।

# ପନ୍ତଙ୍କ ଉପରେ ୧୨ ଲକ୍ଷର ଜରିମାନା

**ଲକ୍ଷ୍ନୌ,୧୬।୫:** ଶୁକ୍ରବାରର ମ୍ୟାଚ୍‌ରେ ଚେନ୍ନାଇ ସୁପର କିଙ୍ଗସ୍ ବିପକ୍ଷରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ୭ ୱିକେଟ୍‌ରେ ବିଜୟ ହାସଲ କରିଥିଲେ ବି ଏହାର ଅଧିନାୟକ ଋଷଭ ପନ୍ତଙ୍କ ଉପରେ ଜରିମାନା ଲଗାଯାଇଛି। ତାଙ୍କ ମ୍ୟାଚ୍ ପାଉଣାରୁ ୧୨ ଲକ୍ଷ ଟଙ୍କା କଟାଯିବ। ଧିମା ଓଭରହାର ପାଇଁ ତାଙ୍କ ଉପରେଏହି ଦଣ୍ଡବିଧାନ କରାଯାଇଛି। ଆଇପିଏଲ୍



ଆଚରଣବିଧି ଧାରା ୨.୨୨ ଅନୁସାରେ ଧିମ ଓଭର ହାର ଲାଗି ଦଣ୍ଡିତ କରାଯାଇଥାଏ। ବାରମ୍ବାର ଏପରି ତ୍ରୁଟି କଲେ ଅଧିକ ଗୁରୁତର ଦଣ୍ଡବିଧାନର ବ୍ୟବସ୍ଥା ରହିଛି। ତେବେ ଚଳିତ ଋତୁରେ ଏହା ଏଲ୍‌ଏସ୍‌ଜିର ପ୍ରଥମ ଦୋଷ ହୋଇଥିବାରୁ ଜରିମାନାକୁ କେବଳ ଅଧିନାୟକଙ୍କ ଉପରେ ସୀମିତ ରଖାଯାଇଛି। ଏହି ଦୋଷକୁ ସ୍ୱୀକାର କରିବା ସହ ଦଣ୍ଡବିଧାନକୁ ଗ୍ରହଣ କରିଛନ୍ତି ଅଧିନାୟକ ପନ୍ତ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ